ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ (୧୪ ପୃଷ୍ଠା) Bhubaneswar, Friday, August 1/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୨୪୭ ସଂଖ୍ୟା। www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 247 ମୂଲ୍ୟ ₹୭/-

# ଭାରତୀୟ ଅର୍ଥନୀତି ମୃତ: ଟ୍ରମ୍ପ୍

ଆମେରିକାର ଅନିଚ୍ଛା ଓ ଚାପ ସତ୍ତ୍ୱେ ରୁଷିଆଠାରୁ ଭାରତ ବିପୁଳ ତୈଳ, ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ (ଆମଦାନୀ ଶୁଳ୍କ) ଏବଂ ଜରିମାନା ଲଗାଇଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ରୁଷୀୟ ଏବଂ ଭାରତୀୟ ଅର୍ଥନୀତିକୁ ମୃତ ବୋଲି ଅଭିହିତ କରିଛନ୍ତି। ଭାରତ ରୁଷିଆ ସହ କ'ଣ କରୁଛି ତାହାକୁ ଆମେରିକା ଖାତିର କରୁନାହିଁ। ସେମାନେ ମିଳିତ ଭାବେ ନିଜ ମୃତ ଅର୍ଥନୀତିକୁ ନିମ୍ନଗାମୀ କରି ବୁଡ଼ିଯାଆନ୍ତୁ, ଏଥିରେ ଆମେରିକାର କୌଣସି ପରବାୟ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଟ୍ରମ୍ପ୍ ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇବା ସହ ଭାରତ ଉପରେ ଚାପ ସୃଷ୍ଟି ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ତଦନୁଯାୟୀ ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପଡ଼ୋଶୀ ପାକିସ୍ତାନ ସହ ଆମେରିକା ତୈଳ କାରବାର କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେହିପରି ଇରାନ ସହ ତୈଳ କାରବାର କରୁଥିବା ୬ ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଭାରତୀୟ ତଥ୍ୟାଭିଜ୍ଞ ମହଲ ଏସବୁକୁ ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ୍ ୩ଟି ବଡ଼ ପ୍ରହାର ବୋଲି କହିବା ସହ ଏଥିଯୋଗୁ ଦେଶର ଅର୍ଥନୀତି ଓ ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା କରୁଛି। ରୁଷିଆ, ଚାଇନା ସଦସ୍ୟ ଥିବା 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀକୁ ଆମେରିକା ବିରୋଧ କରିବା ସହ ଡଲାର ବିରୋଧୀଙ୍କୁ ତଳିତଲାନ୍ତ କରିଦେବୁ ବୋଲି ଟ୍ରମ୍ପ୍ ଖୋଲା ଧମକ ଦେଇଛନ୍ତି। ଏଭଳିସ୍ଥଳେ ଭାରତ 'ବ୍ରିକ୍ସ'ର ସଦସ୍ୟ ଥିବାରୁ ନୂଆଦିଲ୍ଲୀ ଏବେ ୱାଶିଂଟନର ଟାର୍ଗେଟ୍‌କୁ ଆସିଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ଲୋକ ସଭାରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ଯେଉଁ ଢଙ୍ଗରେ ଆମେରିକାର ଭୂମିକା ସମ୍ପର୍କରେ କହିଥିଲେ, ତାହା ଟ୍ରମ୍ପ୍‌ଙ୍କୁ କ୍ରୋଧାନ୍ୱିତ କରିଦେଇଛି ବୋଲି କେତେକେ ମତ ଦେଇଛନ୍ତି।

ୱାଶିଂଟନ୍/ନୂଆଦିଲ୍ଲୀ,୩୧।୭(ପି.ଟି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଭାରତ ସହ ଆମେରିକା ଖୁବ୍ କମ୍ ବ୍ୟବସାୟ କରିଛି। ଭାରତର ଟାରିଫ୍ ବିଶ୍ୱରେ ସର୍ବାଧିକ। ରୁଷିଆ ସହ ଆମେରିକା ପ୍ରାୟ କିଛି ବ୍ୟବସାୟ କରିନାହିଁ। ଏହି ଧାରା ସେମିତି ଚାଲିଥାଉ ଏବଂ ନିଜକୁ ଏବେ ମଧ୍ୟ ରୁଷିଆ ରାଷ୍ଟ୍ରପତି ବୋଲି ମନେକରୁଥିବା ପୂର୍ବତନ ବିଫଳ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କୁ କୁହ, ସେ ତାଙ୍କ କଥା ଶୁଣନ୍ତୁ। ମେଡ୍‌ମେଡେଭ୍ ଅତ୍ୟନ୍ତ ବିପଜ୍ଜନକ ଭୂଖଣ୍ଡକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରେଡ୍ ଡିଲ୍ ପାଇଁ ମୂଳଚାଲ କରିବା ଲାଗି ଆମେରିକାର ଏକ ବାଣିଜ୍ୟିକ ଚୁକ୍ତି ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରୁଥିବା ନେଇ ମଙ୍ଗଳବାର ଭାରତୀୟ ଅଧିକାରୀମାନେ ☞ପୃଷ୍ଠା-୪


ଡୋନାଲ୍ଡ ଟ୍ରମ୍ପ୍

## ପାକ୍ ସହ ତୈଳ ଚୁକ୍ତିରେ ସ୍ୱାକ୍ଷର କଲେ ଟ୍ରମ୍ପ୍

ନ୍ୟୁୟର୍କ/ଇସ୍‌ଲାମାବାଦ,୩୧।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ବାଣିଜ୍ୟ କ୍ଷେତ୍ରରେ କେବଳ କଠୋର ପଦକ୍ଷେପ ଘୋଷଣା କରିନାହାନ୍ତି, ବରଂ ସେ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ସୁହାଇଲା ଭଳି କାର୍ଯ୍ୟ ମଧ୍ୟ କରିଛନ୍ତି। ଟ୍ରମ୍ପ୍ ଗୁରୁବାର ପାକିସ୍ତାନ ସହ ଏକ ଅଏଲ୍ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ରାଷ୍ଟ୍ର ପାକିସ୍ତାନର ବୃହତ୍ ତୈଳ ଭଣ୍ଡାରକୁ ବିକଶିତ କରିବା ଦିଗରେ ୱାଶିଂଟନ୍ କାର୍ଯ୍ୟ କରିବ। ଏପରି ଦିନ ଆସିବ, ଯେତେବେଳେ ପାକିସ୍ତାନ ମଧ୍ୟ ଭାରତକୁ ତୈଳ ବିକ୍ରି କରିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ପାକିସ୍ତାନ ସହ ଆମେରିକା ଏବେ ଏକ ଡିଲ୍‌ରେ ସ୍ୱାକ୍ଷର କରିଛି। ତଦନୁସାରେ ଇସ୍‌ଲାମାବାଦ ଓ ୱାଶିଂଟନ୍ ମିଳିତ ଭାବେ ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ବିକଶିତ କରିବେ। ଏହି ସହଭାଗିତାର ☞ପୃଷ୍ଠା-୪

## ୬ ଭାରତୀୟ କମ୍ପାନୀ ଉପରେ କଟକଣା ଲଗାଇଲା ଆମେରିକା

ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ କ୍ରୟକରି ସେଗୁଡ଼ିକୁ ବିକୁଥିବା ଭାରତର ୬ଟି କମ୍ପାନୀ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛନ୍ତି। ଇରାନ ଶାସକ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟରେ ପାଣ୍ଠି ବିନିଯୋଗ ପାଇଁ ମଧ୍ୟପ୍ରାଚ୍ୟରେ ଇନ୍ଧନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଆସିଛନ୍ତି। ବିଦେଶରେ ଆତଙ୍କବାଦକୁ ସମର୍ଥନ ସହ ଏହାର ନିଜ ଲୋକଙ୍କ ଉପରେ ଅତ୍ୟାଚାର ପାଇଁ ଇରାନୀୟ ଶାସକ ବ୍ୟବହାର କରୁଥିବା ରାଜସ୍ୱ ଉତ୍ସକୁ ବନ୍ଦ କରିବା ☞ପୃଷ୍ଠା-୪

## ଦେଶ ସ୍ୱାର୍ଥରେ ପଦକ୍ଷେପ ନିଆଯିବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଟିକସ ଲଦିବା ପରେ ଗୁରୁବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ହେବାକୁ ଦିନେ ବାକି ଥିବାବେଳେ ସଂସଦର ସୌସୁମୀ ଅଧିବେଶନରେ ଲୋକ ସଭାରେ ଗୋୟଲ ନିଜ ☞ପୃଷ୍ଠା-୪


ପୀୟୂଷ ଗୋୟଲ

**ଆଜିର ସମ୍ପାଦକୀୟ** ଏଆଇ ବନ୍ଧୁ ନୁହେଁ

This is an advertisement for information purpose and is not a prospectus announcement.
ICL FINCORP LIMITED
SECURED, REDEEMABLE NON-CONVERTIBLE DEBENTURES NCD
CREDIT RATING CRISIL BBB-/ STABLE
ICL Join ICL, Grow with us
ICL Fincorp
UP TO DOUBLE RETURNS IN 70 MONTHS*
*BASED ON EFFECTIVE YIELD ON CUMULATIVE BASIS UNDER OPTION X, 70 MONTHS, TDS AS APPLICABLE.
ISSUE OPENS ON: JULY 31, 2025 (THURSDAY) ISSUE CLOSES ON: AUGUST 13, 2025 (WEDNESDAY)*
*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or debenture issue committee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.
Issue Structure: (For detailed Issue Structure refer Prospectus dated July 25, 2025)

| | |
|---|---|
| Face value : ₹1,000 each | Minimum application size : ₹10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 70 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE
PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 12.00*% PER ANNUM 60 MONTHS | 11.50*% PER ANNUM 36 MONTHS | 11.00*% PER ANNUM 24 MONTHS | 10.50*% PER ANNUM 13 MONTHS |

*Indicating coupon rates for monthly options only. Refer Prospectus dated July 25, 2025 to view effective yield for monthly, annually and cumulative options.
To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186
Reg. Office: Plot No: C308, Door No: 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal

DSPL - 188
ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ ଏହି ପଞ୍ଜିକରଣ କରାଇପାରିବେ।
- ଅଋଣୀ ଚାଷୀମାନେ ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ।
- ଏହି ପଞ୍ଜିକରଣ ପାଇଁ ଆଧାର କାର୍ଡ (Aadhar Card) ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ ବିନା କୌଣସି ଦେୟରେ କରାଯିବ। ବ୍ୟାଙ୍କ ଆକାଉଣ୍ଟ Validation ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା କିମ୍ବା ARCS, DRCS, CDAO ଅଫିସରେ ଯୋଗାଯୋଗ କରନ୍ତୁ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୧୪ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0031/2526

## ସଂକ୍ଷେପରେ

### ପଞ୍ଚାୟତ ସମିତିର ବୈଠକ

**ପାଟଣାଗଡ଼,୩୧।୭(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣଗଡ଼ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଗୁରୁବାର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନିଲକାନ୍ତ ବାଗ , ଉପାଧ୍ୟକ୍ଷ ଲକ୍ଷ୍ମୀ ମାଝୀ, ବିଡ଼ିଓ ସୁମନ ମିଞ୍ଜ, ତହସିଲଦାର ରୁଦ୍ରମୋହନ ନାୟକ, ଜିପିଓଙ୍କ ସମେତ ପାଟଣାଗଡ ବିଧାୟକ ଓ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଯୋଗଦେଇଥିଲେ। ଏହି ବୈଠକରେ ବିକାଶ କିଭଳି ଗାଁରେ ପହଞ୍ଚିବ ଓ ଯୋଗ୍ୟ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ ନ ପଡିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକର ସମସ୍ତ ପିଆରଆଇ ମେମ୍ବର,ବିଭିନ୍ନ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ନାମ ପଞ୍ଜୀକରଣ ପାଇଁ ଚାଷୀ ହଟହଟା

**ଲାଠୋର,୩୧।୭(ଭୁବନେଶ୍ୱର ବାରିକ)**



ଲାଠୋର ସେବା ସମବାୟ ସମିତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ପ୍ରାଥମିକ କୃଷି ସମବାୟ ସମିତିରେ ଅଞ୍ଚଳର ଚାଷୀମାନେ ନାମ ପଞ୍ଜୀକରଣ କରି ନ ପାରି ହଟହଟା ହେବାକୁ ପଡୁଥିବା ନେଇ ଅଭିଯୋଗ କରିଛନ୍ତି। ୧୯୫୪ ମସିହାରେ ସ୍ଥାପିତ ଉକ୍ତ ସମିତି ଉପରେ ଲାଠୋର, ବେନ୍ଦେର, ମାଲପଡ଼ା, କରୁଆଁଝର ଏବଂ ଟଙ୍କପାଣି ଆଦି ୫ ଗୋଟି ପଞ୍ଚାୟତ ଅଧୀନ ପ୍ରାୟ ୩୦ ଖଣ୍ଡ ଗ୍ରାମର ଶତାଧିକ ଚାଷୀ ୨୦୨୫-୨୬ ପାଇଁ ନାମ ପଞ୍ଜୀକରଣ କରିବାକୁ ସମିତିକୁ ଆସୁଛନ୍ତି। ହେଲେ ଯେଉଁ ଚାଷୀମାନଙ୍କ ନାମରେ ଜମି ରହିଛି ସେମାନଙ୍କ ନାମ ପଞ୍ଜୀକରଣ କରାଯାଉଛି। ଯେଉଁ ଚାଷୀଙ୍କ ନିଜ ନାମରେ ଜମି ନାହିଁ ବାପା କିମ୍ବା ଅଜାଙ୍କ ନାମରେ ଜମି ରହିଛି ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ତହସିଲଦାରଙ୍କ ଠାରୁ ଲିଗାଲ ହେୟାର ସାର୍ଟିଫିକେଟ କିମ୍ବା ରାଜସ୍ୱ ନିରୀକ୍ଷକଙ୍କ ନିକଟରୁ ରିପୋର୍ଟ ଆଣିଲେ ନାମ ପଞ୍ଜୀକରଣ ହେବ କହି ସମିତି ପକ୍ଷରୁ ଚାଷୀ ଙ୍କୁ ଫେରାଇ ଦିଆଯାଉଛି। ଫଳରେ ଦୂରଦୂରାନ୍ତ ଗ୍ରାମମାନଙ୍କରୁ ଆସୁଥିବା ଶତାଧିକ ଚାଷୀ ହଟହଟା ହୋଇ ନିରାଶରେ ଘରକୁ ଫେରୁଛନ୍ତି। ରାଜସ୍ୱ ନିରୀକ୍ଷକଙ୍କୁ ଚାଷୀମାନେ ରିପୋର୍ଟ ମାଗିଲେ ମୁଁ ଚିଠି ନ ପାଇବା ପର୍ଯ୍ୟନ୍ତ କୌଣସି ଚାଷୀଙ୍କୁ କୌଣସି ରିପୋର୍ଟ ଦେଇପାରିବି ନାହିଁ ବୋଲି ସେ ମଧ୍ୟ ଫେରାଇ ଦେଉଛନ୍ତି। ଗତବର୍ଷ ଅଞ୍ଚଳର ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ଚାଷୀ ସମିତିରେ ନାମ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୭୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସରକାରୀ ଭାବେ ଚାଷୀମାନେ ନାମ ପଞ୍ଜୀକରଣ କରିବା ପାଇଁ ୨୦ ଅଗଷ୍ଟ ୨୦୨୫ ରହିଛି। ଆଉ ମାତ୍ର ୨୦ ଦିନ ବାକି ରହିଛି। ଏପରି ସ୍ଥଳେ ଚାଷୀଙ୍କୁ ଲିଗାଲ ହେୟାର ସାର୍ଟିଫିକେଟ ମାଗିବା ନିଶ୍ଚିତ ରୂପେ ସମୟ ଲାଗିବ। ଫଳରେ ଚଳିତ ବର୍ଷ ଅଞ୍ଚଳର ଶତାଧିକ ଚାଷୀ ନାମ ପଞ୍ଜୀକରଣ କରିବାରୁ ବଞ୍ଚିତ ରହିବା ଆଶଙ୍କା ସୃଷ୍ଟି ହୋଇଛି। ସମିତି ସମ୍ପାଦକ ଜଗଦୀଶ ରଣାଙ୍କୁ ପଚାରିଲେ କିଛି କହି ପାରିବି ନାହିଁ, ଉପରିସ୍ଥ ଅଧିକାରୀ କହି ପାରିବେ ବୋଲି କହିଛନ୍ତି। ସେହିପରି ଲାଠୋର ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକଙ୍କୁ ପଚାରିଲେ ସରକାରୀ ଭାବେ କୌଣସି ଚିଠି ପାଇ ନ ଥିବା ହେତୁ ଚାଷୀମାନଙ୍କୁ କୌଣସି ରିପୋର୍ଟ ଦେଇପାରୁ ନାହିଁ ବୋଲି କହିଥିଲେ। ତେବେ ବଲାଙ୍ଗୀର ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା


ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ବିଚାରକ।

**ଲୋଇସିଂହା,୩୧।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ପ୍ରାକ ଶିଶୁ ବର୍ଗରେ ୧୨୦ଟି ପ୍ରକଳ୍ପ, ଶିଶୁବର୍ଗରେ ୨୩ଟି, ବାଲ ବର୍ଗରେ ୯ଟି, କିଶୋର ବର୍ଗରେ ୨ଟି ଏପରି ମୋଟ ୧୫୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହାବାଦ ବିଭିନ୍ନ ବର୍ଗର ପ୍ରଶ୍ନମଞ୍ଚ, କଥାକଥନ, ନିବନ୍ଧ, ମୂର୍ତ୍ତିକଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିଜ୍ଞାନ ବିଭାଗର ପ୍ରତାପ କୁମାର ବହିଦାର, ନେତ୍ରାନନ୍ଦ ପୁଟେଲ, ଗୋପବନ୍ଧୁ ବରର୍ତ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ବିଜ୍ଞାନ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଜଣାଶୁଣା ମୂର୍ତ୍ତିକାରିଗର ଗୌରୀଶଙ୍କର ବେଜ ଓ ଲକ୍ଷ୍ମୀପ୍ରସାଦ ରଣା ଛାତ୍ରୀଛାତ୍ରଙ୍କ ମୂର୍ତ୍ତି କଳାର ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡା.ଗୌତମ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମେଳାରେ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ଆଚାର୍ଯ୍ୟ ଶିବପ୍ରସାଦ ବାରିକଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆରଏସ୍‌ଏସ୍‌ର ବଲାଙ୍ଗୀର ଜିଲା ପ୍ରଚାରକ ମୁଖ୍ୟ ଆଲୋକ ପଟେଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

### ପ୍ରେମଚନ୍ଦ ନିଜର କାହାଣୀ ଓ ଉପନ୍ୟାସ ପାଇଁ ଚିରଅମର ରହିବେ

**ଲୋଇସିଂହା,୩୧।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲେଇସର୍ ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ପ୍ରେମଚନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁ ଅଧ୍ୟକ୍ଷତା କରିଥିଲେ। ହିନ୍ଦୀ ଶିକ୍ଷକ ରଞ୍ଜିତ ମିଶ୍ର ନିଜ ବକ୍ତବ୍ୟରେ ମୁଂଶୀ ପ୍ରେମଚନ୍ଦଙ୍କ କାହାଣୀ ଗୁଡିକ ଆଜି ମଧ୍ୟ ଲେଖକଙ୍କ ଉଦ୍ଦେଶ୍ୟରେ ଏକ ଆହ୍ୱାନ ଭାବରେ ମୁଣ୍ଡଟେକି ଠିଆ ହୋଇଛି ବୋଲି କହିବା ସହ ତାଙ୍କର ଉପନ୍ୟାସ ଓ କାହାଣୀ ପାଇଁ ସେ ଚିର ଅମର ହୋଇ ରହିବେ ବୋଲି ସେ କହିଥିଲେ। ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ନିଜ ବକ୍ତବ୍ୟରେ ସାମୟିକ ଘଟଣା ଓ ଆନ୍ଦୋଳନ ପ୍ରଭୃତ ପ୍ରଭାବ ପ୍ରେମଚନ୍ଦଙ୍କ କାହାଣୀ ଉପରେ ପଡିଥିଲା ବୋଲି କହିଥିଲେ। ଶିକ୍ଷକ କାହ୍ନୁଚରଣ ଧରୁଆ କାହାଣୀ 'ନମକ କା ଦାରୋଗା', ଶିକ୍ଷକ ପ୍ରଦୀପ ଦଣ୍ଡସେନା କାହାଣୀ 'ସଦଗତି' ଓ ଶିକ୍ଷୟିତ୍ରୀ ସୁଷମା ମେହେର କାହାଣୀ 'ପୂଷ କି ରାତ' କହି ଶୁଣେଇଥିଲେ। ଏହି ଅବସରରେ ପ୍ରେମଚନ୍ଦ ସାହିତ୍ୟ ସମ୍ପର୍କିତ ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଶିକ୍ଷୟିତ୍ରୀ ପ୍ରତିଶା ମିଶ୍ର କରିଥିବା ବେଳେ ଶିକ୍ଷୟତ୍ରୀ ସୁବାସିନୀ ସେଠି ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛ ସହର ସ୍ୱଚ୍ଛ ନାଗରିକ କାର୍ଯ୍ୟକ୍ରମ


ସ୍ୱଚ୍ଛ ସହର ସ୍ୱଚ୍ଛ ନାଗରିକ କାର୍ଯ୍ୟକ୍ରମରେ ବିଧାୟକ ଲକ୍ଷ୍ମଣ ବାଗ ରାଜୀବ ଛକ ନିକଟରେ ଝାଡୁ ଧରି ସଫା କରୁଛନ୍ତି।

**କଣ୍ଟାବାଞ୍ଜି, ୩୧।୭ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି ଦ୍ୱାରା ଗୁରୁବାର ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ସହର ସ୍ୱଚ୍ଛ ନାଗରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି, ଏନ.ଏ.ସି. ନିର୍ବାହୀ ଅଧିକାରୀ ବିଶ୍ୱନାଥ ଖାଲକୋ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ଏନ୍‌ଏସିକୁ ସ୍ୱଚ୍ଛ ପରିମଳ ରଖିଲେ ହିଁ ମଶାମାଛି ପ୍ରାଦୁର୍ଭାବର ବୃଦ୍ଧି ହେବ ନାହିଁ କିମ୍ବା କୌଣସି ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ଦେଖାଦେବ ନାହିଁ। ସହରକୁ ସ୍ୱଚ୍ଛ ପରିମଳ ରଖିବାରେ ସହରବାସୀଙ୍କ ମଧ୍ୟ ଗୁରୁ ଦାୟୀତ୍ୱ ରହିଛି ବୋଲି ବିଧାୟକ ବାଗ ନିଜର ବକ୍ତବ୍ୟରେ କହିଥିଲେ। ସଭା ପରେ ଏକ ସଫେଇ ଅଭିଯାନ କରାଯାଇଥିଲା। ଏଥିରେ ବିଧାୟକ ବାଗଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ବିଧାୟକ ଲକ୍ଷ୍ମଣ ବାଗ ରାଜୀବ ଛକ ନିକଟରେ ଝାଡୁ ଧରି ସଫା କରିଥିଲେ। ଏହି ସଭାରେ ଏନ୍‌ଏସିର ସମସ୍ତ କର୍ମଚାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଭାକୁ ମୁନିସିପାଲ ଇଞ୍ଜିନିୟର ଏ.ପଟ୍ଟନାୟକ ପରିଚାଳନା କରିଥିଲେ।

### ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା

**ବଲାଙ୍ଗୀର,୩୧।୭(ବୀରେନ୍ଦ୍ର କୁମାର ଝାଙ୍କରୀ)**

ବଲାଙ୍ଗୀର କେନ୍ଦ୍ର ଉପାସନାଳୟ ସ୍ଥିତ ଲାଇବ୍ରେରୀ ହଲ୍ ଠାରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା ନିମୁଏଲ ନାଗଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଭାରେ ବିଦାୟୀ ସମ୍ପାଦକ କୁଲଦୀପ ବାଗ ଓ କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବାରିକ ବିଗତ ଦିନର କାର୍ଯ୍ୟ ବିବରଣୀ ଉପସ୍ଥାପନ କରିଥିଲେ। ଉପସ୍ଥିତ ସଭ୍ୟାସଭ୍ୟ ଆଗାମୀ ସମୟରେ ସମାଜ ଓ ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଆଲୋଚନା କରି ବିଭିନ୍ନ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଚଳିତବର୍ଷ ନିମନ୍ତେ ସଚ୍ଚିଦାନନ୍ଦ ହନୁମାନଙ୍କୁ ସମ୍ପାଦକ ଓ ହୁସେନ ନାଗଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିବା ଘୋଷଣା କରାଯାଇଥିଲା। ସଭା ଶେଷରେ ସମ୍ପାଦକ ହନୁମାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ସମସ୍ତ ପାଳକ ଓ ମଣ୍ଡଳୀ ତଥା ପାଷ୍ଟୋରେଟ ଗୁଡିକର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଲୋଇସିଂହା କଲେଜରେ ବନମହୋତ୍ସବ ପାଳିତ


ବନ ମହୋତ୍ସବ ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ।

**ଲୋଇସିଂହା,୩୧।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଯୁବ ରେଡକ୍ରସ ତରଫରୁ ଗୁରୁବାର କଲେଜରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଭୂଦେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଲେଜର କର୍ମଚାରୀ, ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଶତାଧିକ ଗଛ ଲଗାଇଥିଲେ। ଏହି ଉପଲକ୍ଷେ ଅଧ୍ୟାପିକା, ଅଧ୍ୟାପକମାନେ ବନମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଲୋକଙ୍କୁ ସଚେତନ କରି ଖାଲି ସ୍ଥାନରେ ବ୍ୟାପକ ଗଛ ଲଗାଇବାକୁ ଛାତ୍ରୀଛାତ୍ର ଓ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦିଆଯାଇଥିଲା। ଯୁବ ରେଡକ୍ରସର କାଉନସେଲର କ୍ଷୀରୋଦ୍ର ପାତ୍ର ଏବଂ ହିମାଂଶୁ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୂଚନାଅଧିକାର କର୍ମୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ

# 'ବିନା ଶୁଣାଣିରେ ମାମଲା ଖାରଜକୁ ବିରୋଧ'

**ବଲାଙ୍ଗୀର,୩୧।୭(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶା ସୂଚନା କମିଶନରେ ଏବେ ଭୟଙ୍କର ସ୍ଥିତି ଲାଗିରହିଛି। ବିନା ଶୁଣାଣିରେ ନବନିଯୁକ୍ତ ସୂଚନା କମିଶନରମାନେ ଶତାଧିକ ମାମଲା ଖାରଜ କରିଦେଉଛନ୍ତି। ଫଳରେ ଅଭିଯୋଗକାରୀ ଓ ନାଗରିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି ବୋଲି ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗୀର ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ କରାଯାଇଥିଲା। ସୂଚନା ଅଧିକାର କର୍ମୀମାନେ କହିଥିଲେ, ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆହ୍ୱାନ ଦେଇଛନ୍ତି। କିନ୍ତୁ ତାଙ୍କ ଦ୍ୱାରା ନିଯୁକ୍ତ ସୂଚନା କମିଶନରମାନେ ସ୍ୱଚ୍ଛ ଶାସନ ପାଇଁ କାର୍ଯ୍ୟକାରୀ ହେଉଥିବା ସୂଚନା ଅଧିକାର ଆଇନକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି। ସରକାର ଗତ ଏପ୍ରିଲରେ ଜଣେ ମୁଖ୍ୟ ସୂଚନା କମିଶନର ଓ ୩ଜଣ ସୂଚନା କମିଶନର ନିଯୁକ୍ତି କରିଛନ୍ତି। ତେବେ ସେଇ କମିଶନରମାନେ ଲୋକପକ୍ଷକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଜିଲାର ସୂଚନା ଅଧିକାର କର୍ମୀ ଅର୍ଦ୍ଧେନ୍ଦୁ ନାରାୟଣ ବେହେରାଙ୍କ ମାମଲା ଗୁଡିକର ଶୁଣାଣି ନ କରି ଖାରଜ କରାଯାଇଥିବା ଅଭିଯୋଗ କରିଥିଲେ। ସେହିଭଳି ଅନ୍ୟ ସୂଚନା କର୍ମୀଙ୍କ ମଧ୍ୟ ବିଭିନ୍ନ ମାମଲା ଶୁଣାଣି କରା ନ ଯାଇ ଖାରଜ କରାଯାଇଥିବା ଅଭିଯୋଗ କରିଥିଲେ। ୨୦୨୧ ଓ ୨୦୨୨ ମସିହାର ତତ୍କାଳୀନ ସରକାରଙ୍କ ସମୟର ସଙ୍ଗଠିତ ଦୁର୍ନୀତି, ବିଭିନ୍ନ ସରକାରୀ ପ୍ରକଳ୍ପରେ ହୋଇଥିବା ଅନିୟମିତତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଗାଯାଇଥିଲେ ମଧ୍ୟ ତଥ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ସୂଚନା ଅଧିକାର ଆଇନକୁ ସମ୍ପୂର୍ଣ୍ଣ ରୂପେ ଚାପି ଦେବାକୁ ସରକାରୀ ମସୁଧା ଚାଲିଥିବା ଅଭିଯୋଗ କରିଥିଲେ। ଏହି ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ, ପ୍ରମୋଦ ବେହେରା, ଶଙ୍କର ପାଣିଗ୍ରାହୀ, ଗୋପବନ୍ଧୁ ଛତ୍ରିଆ, ସରୋଜ ମେଶ୍ରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ମଣ୍ଡି ବଦଳ ପାଇଁ ଚାଷୀଙ୍କ ଦାବି

**ଟିଟିଲାଗଡ଼,୩୧।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦିଗସିରା ପଞ୍ଚାୟତ ତଥା କୁରସୁ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀ ଚଳିତ ଖରିଫରେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ନିବେଦନ କରିଛନ୍ତି। ଗୁରୁବାର ଚାଷୀ ଟିଟିଲାଗଡ଼ ଉପଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିଲେ। ଅଭିଯୋଗ ମୁତାବକ କୁରସୁ ସମବାୟ ସମିତି ଅନ୍ତର୍ଗତ ଗୌଡ଼ତୁଲାରେ ଏକ ମହିଳା ଗୋଷ୍ଠୀଙ୍କୁ ପୂର୍ବରୁ ଜିଲାପାଳ ଚାଷୀଙ୍କ ପଞ୍ଜୀକରଣ ଏବଂ ଧାନ କ୍ରୟ ଦାୟିତ୍ୱ ଦେଇଛନ୍ତି । ତେବେ ମହିଳା ଗୋଷ୍ଠୀ ବଦଳରେ ଜଣେ ପଞ୍ଚାୟତ କର୍ମଚାରୀ ସେଠାରେ ସର୍ବେସର୍ବା ପାଲଟିଛନ୍ତି। ମଣ୍ଡିରେ ଧାନ କ୍ରୟ ସମୟରେ ମନଇଚ୍ଛା କଟନି ଛଟନି ହେଉଛି । କିଛି ଦିନ ପୂର୍ବରୁ ଏଭଳି ଅଭିଯୋଗ ନେଇ ଟିଟିଲାଗଡ଼ ଉପଜିଲାପାଳ ପ୍ରମାଣ ଦେଖାଇବାକୁ କହିଥିଲେ । ବଲାଙ୍ଗୀର ସମବାୟ ସମିତି ସମୂହ ନିବନ୍ଧକ କାର୍ଯ୍ୟାଳୟ ଯାଇ ଗୌଡ଼ତୁଲା ମଣ୍ଡିରେ ଧାନ ବିକ୍ରୀ କରିଥିବା ଚାଷୀଙ୍କ ତାଲିକା ଆଣି ସେ ମଧ୍ୟରୁ ଅଣ ଚାଷୀଙ୍କ ତାଲିକା ବାହାର କରି ଗୁରୁବାର ଟିଟିଲାଗଡ଼ ଉପଜିଲାପାଳଙ୍କୁ ପ୍ରମାଣ ଦେବାକୁ ଆସିଥିଲେ । ଉପଜିଲାପାଳ ବଦଳି ହୋଇ ଚାଲି ଯାଇଥିବା ବେଳେ ନୂଆଁ ଉପଜିଲାପାଳ ଅନୁପସ୍ଥିତ ଥିବାରୁ ସହକାରୀ ଜିଲାପାଳ ସନ୍ଦୀପ ଚନ୍ଦ୍ରକାରଙ୍କୁ ଚାଷୀ ଦାବିପତ୍ର ସହ ମଣ୍ଡି ଦୁର୍ନୀତିର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଗୌଡ଼ତୁଲା ମଣ୍ଡିରୁ ସେମାନଙ୍କୁ ମୁକ୍ତି ଦେଇ କୁରସୁ ସମବାୟ ସମିତି ପକ୍ଷରୁ ତାଙ୍କ ନାମ ପଞ୍ଜିକରଣ ଏବଂ ଧାନ ବିକ୍ରୟ ପାଇଁ ଦାବିକୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମଧ୍ୟ ସମର୍ଥନ କରି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ମକ୍ଷେତ୍ରରେ ଯୌନ ଶୋଷଣର ପ୍ରତିବିଧାନ କର୍ମଶାଳା

**ବଲାଙ୍ଗୀର,୩୧।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ କର୍ମକ୍ଷେତ୍ରରେ ଯୌନ ଶୋଷଣ ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଚେୟାରମ୍ୟାନ ଡ. ଅର୍ପିତା ବେହେରାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ କର୍ମଶାଳାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିଲେ। ଏହି କର୍ମଶାଳାରେ ପୋଲିସ ଡିଏସ୍‌ପି ତରାବତୀ ପ୍ରଧାନ ମୁଖ୍ୟବକ୍ତା ଏବଂ ଆଇସିସି ପ୍ରିଜାଇଡିଂ ଅଫିସର ଭାରତୀ ନାଏକ ବିଶିଷ୍ଟ ବକ୍ତା ଭାବରେ ଯୋଗଦାନ କରିଥିଲେ। ମହିଳାମାନେ ଆମ ସମାଜର ସଂରକ୍ଷକ। ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବଳିଷ୍ଠ ଯୋଗଦାନ ହିଁ କୌଣସି ସମାଜର ବିକାଶର ପ୍ରଥମ ସୋପାନ। ଏଥିରେ ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି ଅତିଥି ବକ୍ତାମାନେ କହିଥିଲେ। କର୍ମକ୍ଷେତ୍ରରେ ଦେଖାଯାଉଥିବା ମହିଳା ବିରୋଧୀ ହିଂସା ଏବଂ ବିଶେଷକରି ଯୌନ ଶୋଷଣକୁ କିପରି ପ୍ରତିହତ କରିବ ସେ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ଛାତ୍ରୀ ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଘଟୁଥିବା ଯୌନ ଶୋଷଣର ସଂଜ୍ଞା ନିରୂପଣ ଏବଂ ଏହାର ପ୍ରତିବିଧାନ ଉପରେ ବିଶେଷ ଆଲୋଚନା କରିଥିଲେ। କର୍ମଶାଳାରେ ଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କର୍ମଶାଳାକୁ ରତିକାନ୍ତ ନାଏକ ସଂଯୋଜନା କରିଥିଲେ। ଶେଷରେ ସଞ୍ଜୁକ୍ତା କୁମାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଆକାଂକ୍ଷୀ ଜିଲା ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

**ବଲାଙ୍ଗୀର,୩୧।୭(ବୀରେନ୍ଦ୍ର କୁମାର ଝାଙ୍କର)**


ଜିଲା ପରିଷଦ ଅଧ୍ୟକ୍ଷା ଓ ଜିଲାପାଳ ବଲାଙ୍ଗୀର 'ଆକାଂକ୍ଷା ହାଟ'କୁ ଉଦ୍‌ଘାଟନ କରୁଛନ୍ତି।

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ରାଜ୍ୟସ୍ତରୀୟ ସମାରୋହ ବୁଧବାର ଅପରାହ୍ଣରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲାପାଳ ଗୌରୱ ଶିବାଜୀ ଇସଲୱାର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ଭୋକାଲ ଫର ଲୋକାଲ' ଅଭିଯାନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କାରିଗର ମାନଙ୍କ ଦ୍ୱାରା ପାରମ୍ପରିକ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଆକାଂକ୍ଷା ହାଟ' ଉଦଘାଟନ କରାଯାଇଥିଲା। ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ସଭାରେ ମଞ୍ଚାସୀନ ଥିଲେ। ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର, ଶିକ୍ଷା, କୃଷି ଏବଂ ଆନୁସଙ୍ଗିକ ସେବା, ମୌଳିକ ଭିତିଭୂମି, ସାମାଜିକ ବିକାଶ ଯାହାକି ସମ୍ପୂର୍ଣ୍ଣତା ଅଭିଯାନ ଅଧୀନରେ ଆକାଂକ୍ଷା ଜିଲା ଗୁଡ଼ିକରେ ୬ଟି ଚିହ୍ନଟ କେପିଆଇରେ ଶତ ପ୍ରତିଶତ ଲାଭ କରିବା ପାଇଁ ଉପସ୍ଥିତ ଅଧିକାରୀ, ବିଭିନ୍ନ ବ୍ଲକରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କୁ କହିଥିଲେ। ବଲାଙ୍ଗୀର ଜିଲା ଆଗାମୀ ଦିନରେ ଏକ ନମ୍ବର ସୋପାନରେ ପହଞ୍ଚି ପାରିବ ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ କହିଥିଲେ। ସମ୍ପୂର୍ଣ୍ଣତା ଅଭିଯାନ ଅଧୀନରେ ଆକାଂକ୍ଷା ଜିଲା ଗୁଡ଼ିକର ସଫଳତା ଲାଭ କରିଥିବା ଜିଲା ଶିକ୍ଷା ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହିତ ପାଟଣାଗଡ଼, ତୁରେକେଲା, ଟିଟିଲାଗଡ, ମୁରିବାହାଲ, ବଙ୍ଗୋମୁଣ୍ଡା, ବେଲପଡା, ପୁଇଁନ୍ତଲା, ବଲାଙ୍ଗୀର, ଆଗଲପୁର, ଲୋଇସିଂହା, ସଇଁତଳା, ଦେଓଗାଁ, ଗୁଡଭେଲାର ଅଙ୍ଗନୱାଡି, ଆଶା କର୍ମୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ସେହିପରି ସହକାରୀ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ତୁରେକେଲା, ଟିଟିଲାଗଡ, ମୁରିବାହାଲ, ବଙ୍ଗୋମୁଣ୍ଡା, ବେଲପଡା, ପୁଇଁନ୍ତଲା, ବଲାଙ୍ଗିର, ଆଗଲପୁର, ଲୋଇସିଂହା, ସଇଁତଳା, ଦେଓଗାଁ, ଗୁଡଭେଲାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରିଙ୍କୁ ସମ୍ମାନିତ କରାଯାଇଥିଲା। ଆକାଂକ୍ଷା ବ୍ଲକ ଭାବେ ପୁଇଁନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗୁଡଭେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସହକାରୀ ନିର୍ବାହୀ ଅଧିକାରୀ ସାହାରା ଏକ୍କା, ଓରମାସ, ମିଶନ ଶକ୍ତି, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦନ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ବ୍ୟାଙ୍କ ଏଟିଏମ୍ ଅଚଳ: ଗ୍ରାହକ ହନ୍ତସନ୍ତ

**ବାଲିଶଙ୍କରା, ୩୧।୭ (ସତ ସେଠ):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ସେଣ୍ଟ୍ରାଲ ବ୍ୟାଙ୍କକୁ ଲାଗି ଏହାର ଏଟିଏମ୍ ଥିବାବେଳେ ପ୍ରତିଦିନ ଶହ ଶହ ଲୋକ ଏଟିଏମ୍‌ରୁ ଟଙ୍କା ଉଠାଣ କରିଥାନ୍ତି। ହେଲେ ଏଟିଏମ୍ ଅଚଳ ହୋଇଯିବାରୁ ଗ୍ରାହକମାନେ ହନ୍ତସନ୍ତ ହେଉଥିବା ଦେଖାଦେଇଛି। ବାଲିଶଙ୍କରା ବ୍ଲକର ବିଭିନ୍ନ ପଞ୍ଚାୟତର ଦୂରଦୂରାନ୍ତର ଲୋକେ ବିଭିନ୍ନ କାମ ପାଇଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ହସପିଟାଲକୁ ଆସିଥାନ୍ତି। ଏଟିଏମ୍ ଯୋଗୁ ଟଙ୍କା ପାଇବା ପାଇଁ ଲୋକଙ୍କ ସୁବିଧା ସୁଯୋଗ ହୋଇଥାଏ। ମାତ୍ର ଏଟିଏମ୍ ଅଚଳ ହେବାରୁ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି।

### ଅବିବାହିତା ଝିଅକୁ ଗାଳିଗୁଲଜ, ଜୀବନରେ ମାରି ଦେବାକୁ ଧମକ

**କୁଆଁରମୁଣ୍ଡା,୩୧।୭(ମହେନ୍ଦ୍ର କୁମାର ସାହୁ):** ନିଜର ଜନ୍ମ କଲା ଝିଅକୁ ଗାଳିଗୁଲଜ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଗୁରୁବାର ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଝିଅ ସେଲି ସୁରିନ(୨୩) ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୩୫୭/୨୫) ରୁଜୁ କରି ଥାନା ଅଧିକାରୀ ରାମପ୍ରସାଦ ନାଗ ଘଟଣାର ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂଚନା ଅନୁଯାୟୀ,ବୀରମିତ୍ରପୁର ଥାନା ଅନ୍ତର୍ଗତ ପତାଳକାଣ୍ଡରେ ରହୁଥିବା ଫ୍ରେଡି ସୁରୀନ ନିଜର ଅବିବାହିତା ଝିଅ ସେଲିଙ୍କୁ ଛୋଟ ଛୋଟ ଘଟଣାରେ ବରାବର ଗାଳିଗୁଲଜ କରୁଛନ୍ତି। ଏପରିକି ବୁଧବାର ରାତି ସମୟରେ ଗାଳି କରିବା ସହ ତାଙ୍କ ତଣ୍ଟିକୁ ଜୋରରେ ଚିପି ଜୀବନରେ ମାରିଦେବାକୁ ଚେଷ୍ଟା କରୁଥିଲା ବେଳେ ସେଲୀଙ୍କ ଜେଜେ ମା ଛଡ଼ାଛଡ଼ି କରିଥିଲେ। ହେଲେ ଜୀବନ ପ୍ରତି ବିପଦ ଥିବାରୁ ସେଲି ଥାନାରେ ଏତଲା ଦେଇଛନ୍ତି।



ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ କନାକୁଣ୍ଡ।

# ଜୀବନ ନେଉଛି ଦର୍ଶନୀୟସ୍ଥାନ କନାକୁଣ୍ଡ

**ବାଲିଶଙ୍କରା, ୩୧।୭(ସତ ସେଠ)**

- ପର୍ଯ୍ୟଟକଙ୍କ ସଚେତନତା ଲାଗି ପଦକ୍ଷେପ ନିଆଯାଉନି
- ପ୍ରାକୃତିକ ଶଯ୍ୟାରେ ୫ ବର୍ଷରେ ଗଲାଣି ୬ ଜଣଙ୍କ ଜୀବନ

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବାଲିଶଙ୍କରା ପଞ୍ଚାୟତ ଘୋଘର ଗ୍ରାମରୁ କିଛି ଦୂର ଇବ୍ ନଦୀ କୂଳରେ ରହିଛି ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ କନାକୁଣ୍ଡ। ଏହି ସ୍ଥାନ ଅତ୍ୟନ୍ତ ମନୋଲୋଭା ହୋଇଥିବାବେଳେ ଦର୍ଶକ ବା ପର୍ଯ୍ୟଟକମାନଙ୍କ ସଚେତନତା ଅଭାବ ଯୋଗୁ ଅନେକଙ୍କ ଜୀବନ ଯାଉଛି। ପର୍ଯ୍ୟଟକଙ୍କ ସଚେତନତା ଲାଗି ପଦକ୍ଷେପ ନିଆଯାଉ ନ ଥିବାରୁ ଗୋଟିଏ ପରେ ଗୋଟିଏ ଜୀବନ ନେଉଛି ଦର୍ଶନୀୟସ୍ଥାନ କନାକୁଣ୍ଡ। ଏହାର ପ୍ରାକୃତିକ ଶୋଭା ଏଭଳି ହୋଇଛି ଦର୍ଶକ କୌଣସି କାରଣରୁ ଅସାବଧାନ ହେଲେ ଜୀବନ ଯିବାର ଆଶଙ୍କା ରହିଛି। କନାକୁଣ୍ଡର ପ୍ରାକୃତିକ ଶଯ୍ୟାରେ ୫ ବର୍ଷରେ ଗଲାଣି ୬ ଜଣଙ୍କ ଜୀବନ।

କନାକୁଣ୍ଡର ପ୍ରାକୃତିକ ଶୋଭା ଦେଖିବାକୁ ଝାଡ଼ଖଣ୍ଡ, ଛତିଶଗଡ଼ ରାଜ୍ୟରୁ ତଥା ଓଡ଼ିଶାର ବିଭିନ୍ନ ଜିଲାରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟ ପଥରଶଯ୍ୟାର ଆକର୍ଷଣରେ ଆକର୍ଷିତ ହୋଇ କେତେକ ପର୍ଯ୍ୟଟକ ସଚେତନତାର ଅଭାବ ଯୋଗୁ ମୃତ୍ୟୁମୁଖକୁ ଚାଲିଯାଉଛନ୍ତି। ଏପରି ଦୁଃଖଦ ଘଟଣା ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି। ଯାହା ପ୍ରଶାସନ ଜାଣି ଶୁଣି କୌଣସି ପଦକ୍ଷେପ ନେଉ ନ ଥିବାର ଗୁରୁତର ଅଭିଯୋଗ ହେଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା କନାକୁଣ୍ଡ ଦର୍ଶନୀୟସ୍ଥାନ ଇବ୍ ନଦୀ କୂଳରେ ରହିଛି। ଏହାର ପଥର ଚଟାଣ, ପାଣିର ସ୍ରୋତ, ପଥର ଶଯ୍ୟା ଅତି ଚମତ୍କାର। ପ୍ରଶାସନ ପକ୍ଷରୁ ଏହି ସ୍ଥାନକୁ ଦର୍ଶନୀୟସ୍ଥାନ ଭାବେ ଗ୍ରହଣ କରାଯାଇଛି। ଏହାର ଭିତ୍ତିଭୂମି ବିକାଶ ପାଇଁ ଅନେକ ସମୟରେ ପ୍ରଶାସନିକ ଅଧିକାରୀମାନେ ଆସି ଏହାର ତର୍ଜମା ନିରୀକ୍ଷଣ କରିଛନ୍ତି। ହେଲେ ଅତି ପରିତାପର ବିଷୟ କି ଏପର୍ଯ୍ୟନ୍ତ ସଚେତନତା ଲାଗି କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏଠାକାର ପ୍ରାକୃତିକ ସ୍ଥିତି ଏଭଳି ଥରେ ଗୋଡ଼ ଖସିଗଲେ ପାଣିରୁ ବାହାରିବା କଷ୍ଟକର। ଇବ୍ ନଦୀରେ ସ୍ରୋତ ମଧ୍ୟ ପ୍ରଖର ରହିଛି। ପାଣି ଭିତରେ ପଥର ଚଟାଣରେ ଗୋଡ଼ ଖସି ଯିବାର ଆଶଙ୍କା ରହିଛି। ଯାହା ପର୍ଯ୍ୟଟକମାନେ ଜାଣି ପାରନ୍ତି ନାହିଁ। ବୁଧବାର ସମ୍ବଲପୁର ଜିଲା ବାମରା ଥାନା ଗୋବିନ୍ଦପୁର ମୁଣ୍ଡାପଡାର ୨ ଜଣ ଯୁବକ କନାକୁଣ୍ଡରେ ଇବ୍ ନଦୀର ପ୍ରଖର ସ୍ରୋତରେ ଭାସି ନିଖୋଜ ଅଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିନାହିଁ। ଏହା ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ବାରମ୍ବାର ଏପରି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଘୋଘର ଗ୍ରାମବାସୀ ପ୍ରଶାସନକୁ ଜଣାଇଛନ୍ତି। ହେଲେ ପ୍ରଶାସନ କୌଣସି ପଦକ୍ଷେପ ନ ନେବା ଚିନ୍ତାର ବିଷୟ। ଏଠାରେ ପର୍ଯ୍ୟଟକଙ୍କ ସଚେତନତା ଲାଗି ସୂଚନା ଫଳକ, ବିପଦ ସଂକେତ ଚିହ୍ନ ବା ନଦୀ ଭିତରକୁ ନ ଯିବା ପାଇଁ ସଂକେତ କିମ୍ବା ସୁରକ୍ଷା କର୍ମୀ ମୁତୟନ କରାଗଲେ ଆଗାମୀ ଦିନରେ ଅନେକ ଜୀବନ ବିପଦରୁ ରକ୍ଷା ପାଇପାରିବ। ଏଥିପ୍ରତି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବଡ଼ତୁରାଙ୍ଗ ହେବ ସମ୍ବଲପୁରୀ ବାନ୍ଧକଳା ହବ୍

**ସମ୍ବଲପୁର,୩୧।୭(ପ୍ରମୋଦ ବହିଦାର)**

**ବାନ୍ଧକଳା, ଲୁଗାବୁଣା ତାଲିମ ଶିବିର ଉଦ୍‌ଘାଟିତ**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅନ୍ତର୍ଗତ ବଡ଼ତୁରାଙ୍ଗ ଗ୍ରାମ ସମ୍ବଲପୁରୀ ବାନ୍ଧକଳା ପ୍ରସ୍ତୁତି ହସ୍ତତନ୍ତ ଲୁଗାର ହବ୍‌ଭାବେ ପରିଚିତି ହାସଲ କରିବ। ବଡ଼ତୁରାଙ୍ଗରେ ଗୁରୁବାର ଆୟୋଜିତ ଏକ ବାନ୍ଧକଳା ଓ ହସ୍ତତନ୍ତ ଲୁଗାବୁଣା ତାଲିମ ଶିବିରର ଉଦ୍‌ଘାଟନୀ ଅବସରରେ ଅତିଥିମାନେ କହିଛନ୍ତି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ଯୋଜନା(ପିଏଚ୍‌ଆଇ) ୨୦୨୫-୨୬ ଅନ୍ତର୍ଗତ ବାନ୍ଧକଳାରେ ଦକ୍ଷତା ବୃଦ୍ଧି ପାଇଁ ଗୁରୁବାର ଏହି ଶିବିରକୁ ହସ୍ତତନ୍ତ ଓ ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଗନ୍ତାୟତ, ନିଯୁକ୍ତି ବିଭାଗ ସହକାରୀ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ବରଗଡ଼ ଜିଲା ହସ୍ତତନ୍ତ ଓ ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ହୃଷୀକେଶ ମହାଳିକ, ସମ୍ବଲପୁର ଓରମାସ ମୁଖ୍ୟ ଶ୍ରୀମନ୍ତ ହୋତା, ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, ବରିଷ୍ଠ ଭାଜପା ନେତ୍ରୀ ସସ୍ମିତା ଦେହୁରୀ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ସମ୍ବଲପୁରୀ ହସ୍ତତନ୍ତ୍ର ଶିଳ୍ପରେ ଏହି ଗ୍ରାମର ଅବଦାନ ପାଇଁ ମହିଳାମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଆଗାମୀ ୪ ମାସ ଧରି ଚାଲିବାକୁ ଥିବା ଏହି ଶିବିରରେ ଶିକ୍ଷାର୍ଥୀମାନଙ୍କୁ ହରିଶଙ୍କର ମେହେର ତାଲିମ ପ୍ରଦାନ କରିବେ।

ସୂଚନାଯୋଗ୍ୟ ଯେ, ବିକାଶ ଫାଉଣ୍ଡେଶନ ପକ୍ଷରୁ ମୃଦୁଳା ପ୍ରଧାନ ଗତ ୨ ବର୍ଷ ତଳେ ଏହାର ମଞ୍ଜି ବୁଣି ଗ୍ରାମର ପ୍ରାୟ ୪୦ ଭାଗ ମହିଳାଙ୍କୁ ବାନ୍ଧ ପ୍ରସ୍ତୁତି ଲୁଗାବୁଣା କାର୍ଯ୍ୟରେ ନିୟୋଜିତ କରିବାରେ ସହାୟତା କରିଥିଲେ। ଫଳରେ ଉକ୍ତ ଗ୍ରାମର ପ୍ରାୟ ୭୦ ପ୍ରତିଶତ ତନ୍ତି ସମୁଦାୟର ଅଧିବାସୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

## ହାତୀ ଉପଦ୍ରବ, ୨ ଘର ଭାଙ୍ଗିଲେ



ସରପଞ୍ଚ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ଭେଟି ଆଲୋଚନା କରୁଛନ୍ତି।

**ବଡ଼ଗାଁ, ୩୧।୭(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଯାଇଛି। ବୁଧବାର ରାତିରେ ଗୋଟିଏ ବଣୁଆ ହାତୀ ଦାଣ୍ଡଜମରା ପଞ୍ଚାୟତ ଅନ୍ତର୍ଗତ ଯାଜପୁର ଗ୍ରାମରେ ପଶି ଦୁଇଟି ଘର ଭାଙ୍ଗି ଦେଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଗୋଟିଏ ହାତୀ ଗାଁ ଭିତରକୁ ପଶି ଆସିଥିଲା। ହାତୀ ତୁଳସୀ ବନଛୁର ଓ ପ୍ରଫୁଲ୍ଲ କେରକେଟାଙ୍କ ଘର ଭାଙ୍ଗି ଦେଇଥିଲା। ବନ କର୍ମଚାରୀମାନେ ସୂଚନା ପାଇ ରାତିରେ ହାତୀକୁ ଘଉଡାଇ ମହାବୀର ପର୍ବତ ପଟକୁ ତଡି ଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ହାହା କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।

# କାମ ଦେବା ଦାବିରେ ଶ୍ରମିକଙ୍କ ଧାରଣା

**ଲହୁଣୀପଡା, ୩୧।୭(ଦାଶରଥି ପଣ୍ଡା)**




ଉତ୍ତର ଓଡ଼ିଶା ଶ୍ରମିକ ସଙ୍ଗଠନର ଶ୍ରମିକମାନେ ଧାରଣା ଦେଇଛନ୍ତି।

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଭୁତୁଡା ପଞ୍ଚାୟତ ସ୍ଥିତ ଓଏମସି କୁର୍ମିତର ଖଣ୍ଡାଧାର ଲୌହ ଖଣି ସମ୍ମୁଖରେ ଉତ୍ତର ଓଡ଼ିଶା ଶ୍ରମିକ ସଙ୍ଗଠନ ର ଶ୍ରମିକମାନେ ଗୁରୁବାର କାମ ଯୋଗାଇ ଦେବା ଦାବିରେ ଧାରଣା ଦେଇଥିବା ଜଣାପଡିଛି। ଏହା ସହିତ ବରସୁଆଁ ଏବଂ ଆଖପାଖ ଅଞ୍ଚଳର କାର୍ଯ୍ୟ ହରାଉଥିବା ଟ୍ରକ ଟିପ୍ପର ମାଲିକମାନେ ମଧ୍ୟ ଧାରଣାକୁ ସମର୍ଥନ ଜଣାଇଛନ୍ତି। ଓଏମ୍‌ସି କୁର୍ମିତର ଖଣ୍ଡାଧାର ଲୌହ ଖଣିରେ ଦେଢ ମାସରୁ ଊର୍ଦ୍ଧ୍ୱ ହେବ ଲୋଡିଂ କାମ ବନ୍ଦ ରହିଥିବାରୁ ପରିବହନ କାର୍ଯ୍ୟ ମଧ ହୋଇପାରୁ ନାହିଁ। ଫଳରେ ଉକ୍ତ ଖଣି କାମ କରୁଥିବା ଶ୍ରମିକମାନେ ପରିବାର ପ୍ରତିପୋଷଣ କରିବାରେ ବାଧା ସୃଷ୍ଟି ହେଉଛି। ଏହି ଖଣି ଅଞ୍ଚଳରେ ଭିଟା ମାଟି ହରାଇ ପ୍ରାୟ ଦୁଇ ଦଶନ୍ଧି ରୁ ଅଧିକ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉ ଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଅନେକ ଅସୁବିଧାରେ ଦିନ କାଟୁଥିବା ଜଣାପଡିଛି। ଖଣି କାହିଁକି ବନ୍ଦ ରହିଛି ସେ ସମ୍ପର୍କରେ କିଛି ସ୍ୱଷ୍ଟ ଜଣା ପଡୁ ନ ଥିଲାବେଳେ ନିର୍ଭରଶୀଳ ଶ୍ରମିକମାନେ ଏହାର ଶିକାର ହେଉଛନ୍ତି। ଏଣୁ ଖଣି ଖୋଲିବା ପର୍ଯ୍ୟନ୍ତ ନିର୍ଭରଶୀଳ ଶ୍ରମିକମାନଙ୍କୁ ଗଛ ଲଗାଇବା, ଡାଳ କାଟିବା, ସଫେଇ କରିବା ଭଳି କାର୍ଯ୍ୟରେ ନିୟୋଜିତ କରାଯାଉ ନଚେତ ଅଧା ଦରମା ଦିଆଯାଉ ଦାବିରେ ଏହି ଧାରଣା ଦେଇଥିବା ଜଣାପଡିଛି। ଉତ୍ତର ଓଡିଶା ଶ୍ରମିକ ସଙ୍ଗଠନର ସଙ୍ଗଠକ ସମ୍ପାଦକ ପ୍ରସନ୍ନ କୁମାର ନାୟକ, ସାଧାରଣ ସମ୍ପାଦକ ରାଜେଶ ପତି, ସମ୍ପାଦକ ସାମୁଏଲ ଟୋପ୍ପ, ଅବିନାଶ ମୁଣ୍ଡା, ମାର୍ଟର୍ନିମୁଣ୍ଡାଙ୍କ ନେତୃତ୍ୱରେ ଏହି ଧାରଣ ଅନୁଷ୍ଠିତ ହୋଇଥିଲା। ଏହାକୁ ବରସୁଆଁ ଟିପ୍ପର ଓନର ଆସସିଏସନ ମଧ ସମର୍ଥନ ଜଣାଇଥିବା ଜଣାପଡିଛି। ଓଏମସି କର୍ତ୍ତୃପକ୍ଷ ଧାରଣାକାରିଙ୍କ ସହିତ ଆଲୋଚନା କରିବା ସହିତ ଉପରୋକ୍ତ ଦାବି ଗୁଡିକ ଉପରକୁ ଜଣାଇଦେଇଛୁ ବୋଲି ସୂଚନା ଦେଇଥିବା ଜଣାପଡିଛି।

## ୧୪ ଦିନ ପରେ ଅପହୃତା ନାବାଳିକା ଉଦ୍ଧାର

**ବାଲିଶଙ୍କରା, ୩୧।୭ (ସତ ସେଠ)**

ସୁନ୍ଦରଗଡ଼ ଜିଲା ତଲସରା ଥାନା ବନଡେଗା ଫାଣ୍ଡି ଅଧିନସ୍ଥ ଶାଗବାହାଲ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣର ୧୪ ଦିନ ପରେ ଗୁରୁବାର ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣକ ମାଉସୀଙ୍କ ଘରକୁ ଯାଉଛି କହି ନିଖୋଜ ହୋଇଯାଇଥିଲେ। ତାଙ୍କ ବାପା ୧୫ ତାରିଖରେ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇ ଗୁରୁବାର ଲେଫ୍ରିପଡ଼ା ଥାନା ଉଜ୍ୱଳପୁର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଉଭୟଙ୍କ ଡାକ୍ତରୀମାଇନା କରିଛି। ଅପହରଣକାରୀ ଯୁବକ ନାବାଳିକାଙ୍କୁ ନେଇ ନିଜ ସମ୍ପର୍କୀୟ ଘରେ ରଖିଥିଲେ। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା।

## ଡାଲମିଆ ମହାବିଦ୍ୟାଳୟରେ ବନମହୋତ୍ସବ




ଡାଲମିଆ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

**କୁତ୍ରା, ୩୧।୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲ, ଅଧ୍ୟାପକ ଲକ୍ଷ୍ମୀକଲ୍ୟାଣ ପାଇକରାଏ, ଅଧ୍ୟାପିକା ପଙ୍କଜିନି ପଟେଲ ପ୍ରମୁଖ ଚାରା ରୋପଣର ମହତ୍ୱ, ଆମ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଚାରା ସହିତ ଅନ୍ୟ ଚାରା ରୋପଣ କରିଥିଲେ। ଏଥିରେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇ ଚାରା ରୋପଣ କରିଥିଲେ।

## ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ବୀମା ରାଶି ପ୍ରଦାନ

**ବଣାଇଁ ୩୧ ।୭(ପ୍ରଦୀପ ତ୍ରିପାଠୀ)**



ବୀମା ରାଶି ପ୍ରଦାନ ସମୟରେ ହିତାଧିକାରୀ ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ବଣାଇଁ ଶାଖା ଦ୍ୱାରା ଋଣଗ୍ରହିତାଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ମୃତ ଋଣୀ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ବୀମା ରାଶି ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଲ୍ୟାମ୍ପସର ପ୍ରତ୍ୟେକ ଋଣ ଗ୍ରହିତା ଏହାର ଲାଭ ଉଠାଇବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସହ ନିବନ୍ଧକ ବଣାଇଁ ଅଜୟ ସେଠୀ ଯୋଗଦେଇ ବ୍ୟାଙ୍କ ଓ ଲ୍ୟାମ୍ପସର ଏହି ଜନତା ନିଜସ ଦୁର୍ଘଟଣା ଯୋଜନାବଳରେ ମୃତ ଋଣଗ୍ରହିତାଙ୍କ ପରିବାରକୁ ସହାୟତା ମିଳୁଥିବା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ ପରିଚାଳକ ସିଦ୍ଧାର୍ଥ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇ ଲ୍ୟାମ୍ପ ସଭାପତି ଭାସ୍କର କିସାନ, ରୁଗୁଡ଼ା ଲ୍ୟାମ୍ପସର ଖଗେଶ୍ୱର କିଷାନ , ସରସରା ଲ୍ୟାମ୍ପସ ସଭାପତି ନବୀନ ନାଏକ ଏବଂ ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ । ମୃତ ଟଙ୍କଧର ସାହୁ ଗ୍ରାମ ବଡଗୋଗୁଆ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ପତ୍ନୀ ମିନା ସାହୁ, ସନ୍ତୋଷ କୁମାର କିଷାନ ଗ୍ରାମ ସ. ବଲାଙ୍ଗଙ୍କ ସୋଲାର କରେଣ୍ଟରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ସଞ୍ଜୁଲତା କିଶାନ, ରୁଗୁଡା ଗ୍ରାମର ରାଜେଶ କୁମାର ପ୍ରଧାନଙ୍କ ଗାଁ ପୋଖରୀ ବୁଡିଯିବା ଦ୍ୱାରା ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ସରିତା ସାହୁଙ୍କୁ ଯଥାକ୍ରମେ ୫ ଲକ୍ଷ ଟଙ୍କା ଲେଖାଁଏ ବୀମା ରାଶି ବୀମା କମ୍ପାନୀ ଇଫକୋ ଟୋକିଓ ଦ୍ୱାରା ବ୍ୟାଙ୍କ ମାଧମରେ ପ୍ରଦାନ କରାଯାଇଛି।

# ଡାକ୍ତରଙ୍କ ଅଜବ ଚିକିତ୍ସା ନେଇ ଅସନ୍ତୋଷ

**ବଣାଇଁ, ୩୧।୭(ପ୍ରଦୀପ ତ୍ରିପାଠୀ)**



ଶିଶୁର ମା'।




ଡାକ୍ତର ଦେଇଥିବା ପ୍ରଥମ ପ୍ରେସ୍କ୍ରିପ୍‌ଶନ।

**ବଣାଇଁ ଉପଖଣ୍ଡ ଚିକିତ୍ସାଳୟ**

- ୪ବର୍ଷର ଶିଶୁକୁ କୁଣ୍ଡେଇ ହେଉଥିବାବେଳେ ଡାକ୍ତର କୁକୁର କାମୁଡା ଇଞ୍ଜେକସନ ଦେଇଥିବା ଅଭିଯୋଗ
- ତଦନ୍ତ ଆରମ୍ଭ, ବଣାଇଁରେ ଜିଲା ଗୋଷ୍ଠୀ ଚିକିତ୍ସାଧିକାରୀ

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଜଣେ ଚାରିବର୍ଷର ଶିଶୁ କନ୍ୟାକୁ ସାଧାରଣ କୁଣ୍ଡେଇ ହେବା କାରଣରୁ ପରିବାର ଲୋକେ ଦେଖେଇବା ପାଇଁ ନେଇଥିବାବେଳେ ଡାକ୍ତର ତାଙ୍କୁ କୁକୁର କାମୁଡା ଇଞ୍ଜେକସନ ଦେବା ଘଟଣା ଚର୍ଚ୍ଚା ଚାଲିଛି । ଡାକ୍ତରଙ୍କ ଏଭଳି ଅଜବ ଚିକିତ୍ସାରେ ଶିଶୁ ଗୁରୁତର ହେବାରୁ ଗୁରୁବାର ୩ଦିନ ପରେ ପୀଡିତା ଶିଶୁ କନ୍ୟାଙ୍କ ମା'ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି। ବଣାଇଁ ସହର ଜଗନ୍ନାଥପୁର ବସ୍ତିର ଚିନ୍ମୟୀ ଜେନା ତାଙ୍କ ୪ବର୍ଷର ଶିଶୁ କନ୍ୟାଙ୍କୁ ଗତ ୨୯ ତାରିଖ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ । ଶିଶୁ ପିଠିରେ ଏକ ପୋକ ଚାଲିଯିବା ପରେ କୁଣ୍ଡେଇ ହେଉଥିବା ନେଇ ଯାଇଥିଲେ ଓ ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ଚିକିତ୍ସାଳୟରେ ଥିବା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶିଶୁଙ୍କୁ ଦେଖି କୁକୁର କାମୁଡା ଇଞ୍ଜେକସନ ଦେଇଦେଲେ। ପରେ ଘଟଣା ଜଣାପଡ଼ିଥିଲା। ଚିନ୍ମୟୀ ଇଞ୍ଜେକସନ ଦେଇ ସାରି ପୁଣି ଶିଶୁକୁ ଧରି ସମ୍ପୃକ୍ତ ଡାକ୍ତରଙ୍କ ପାଖକୁ ଯାଇ କୁକୁର କାମୁଡା ଇଞ୍ଜେକସନ ସମ୍ପର୍କରେ ପଚାରିବାରୁ ଡାକ୍ତର ଚିନ୍ମୟୀଙ୍କଠାରୁ ପ୍ରେସ୍କ୍ରିପସନ ନେଇ କାଟି ଦେବା ସହିତ ଚିରିଦେବା ପରେ ଏକ ନୂଆ ପ୍ରେସ୍କ୍ରିପସନ ଲେଖି ଦେଇଥିଲେ। ଗୁରୁବାର ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗମ୍ଭିର ହେବାରୁ ମା' ଚିନ୍ମୟୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିଲେ।

ପ୍ରକାଶ ଯେ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶିଶୁକୁ ଦେଖି ପ୍ରଥମ ପ୍ରେସକ୍ରିପସନରେ ଡଗ ବାଇଟ ଉଲ୍ଲେଖ କରି (ଏଆର୍‌ଭି) ଅର୍ଥାତ ଆଣ୍ଟି ରେବିସ ଭେନମ ଲେଖିଥିଲେ। ଇଞ୍ଜେକସନ ଦିଆଗଲା ଏବଂ ଆଉ ଦୁଇଟି ଇଞ୍ଜେକସନ ଯଥାକ୍ରମେ ଆସନ୍ତା ଅଗଷ୍ଟ ୧ ଓ ଅଗଷ୍ଟ ୫ ତାରିଖରେ ଦେବା ପାଇଁ ଲେଖିଥିଲେ। ପରେ ଘଟଣା ଜଣା ପଡିଥିଲା ଏହି ପ୍ରେସକିପସନକୁ ପୁଣି ମାଗି ନେଇ ଚିରି ଫୋପାଡି ଦେବାସହ ନୂଆ ପ୍ରେସକିପସନ ଦେଇଥିଲେ। ଶିଶୁର ମା' ଚିନ୍ମୟୀ କୁକୁର କାମୁଡା ଇଞ୍ଜେକସନ ଜାଣି ଆଗରୁ ମୋବାଇଲରେ ଫଟୋ ଉଠାଇ ରଖିଥିଲେ ବୋଲି ସତ୍ୟତା ଧରା ପଡ଼ିଯାଇଛି। ଗୁରୁବାର ସକାଳେ ଏଭଳି ଅଜବ ଡାକ୍ତରଙ୍କ ଗଜବ ଚିକିତ୍ସା ସମ୍ପର୍କରେ ଖବର ପ୍ରସାରିତ ହେବା ପରେ ଅପରାହ୍ନରେ ସୁନ୍ଦରଗଡ଼ ଜିଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ତଦନ୍ତ ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ କଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଦେଖିବାକୁ ବାକି ରହିଛି ।

**ସମ୍ବଲପୁରୀ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ





ସମ୍ବଲପୁର ସ୍ଥିତ ଗଙ୍ଗାଧର ମଣ୍ଡପରେ ଗୁରୁବାର ରାତିରେ ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମଲେଇଙ୍କଠାରେ ଆଳତି କରାଯାଉଛି(ବାମ), ଆୟୋଜିତ ଫେଶନ ଶୋ।

**ସମ୍ବଲପୁର,୩୧।୭(ବି.ଶଙ୍କର)**

ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବର ମଞ୍ଚ ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ରାତିରେ ଗଙ୍ଗାଧର ମୁକ୍ତ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମୀର ରଞ୍ଜନ ବାବୁଙ୍କ ଅଧ୍ୟକ୍ଷତା ଓ ଆବାହକ ଡାକ୍ତର ସଞ୍ଜିବ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ଓ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଅଞ୍ଚଳର ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ପୋଷାକକୁ ନେଇ ସମ୍ବଲପୁରୀ ଫେଶନ ଶୋ ହୋଇଥିଲା। ଯୁବତୀ, ଯୁବକ, ବାଳିକା, ବାଳକଙ୍କ ର୍‍ୟାମ୍ପୱାକ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟରେ ଗଙ୍ଗାଧର ମୁକ୍ତ ମଞ୍ଚ ଦୁଲୁକି ଉଠିଥିଲା। ସେହିପରି ଜେଆରଏମ ବାବାଙ୍କ ରାପର କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକ ନାଚି ଉଠିଥିଲେ। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଆଞ୍ଚଳରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ପାଦକ ସୂର୍ଯ୍ୟ ପ୍ରକାଶ ଗୁରୁ, ସାହିତ୍ୟ ଆବାହକ କମଳ ଲୋକଚନ ପଣ୍ଡା, ଆର୍ଟ ଆଣ୍ଡ କ୍ରାଫ୍ଟ ଆବାହକ ମନୋଜ ଚୌଧୁରୀ, ସଂଗୀତ ଉପଦେଷ୍ଟା ତ୍ରିଲୋଚନ ତ୍ରିପାଠୀ, ସୁଶାନ୍ତ କୁମାର ପୁରୋହିତ, ସାଂସ୍କୃତିକ ଆବାହକ ଅମିତ କୁମାର

**ଦର୍ଶକଙ୍କୁ ବିମୋହିତ କଲା ସମ୍ବଲପୁର ଫେଶନ ଶୋ**

ପତି, ଉପସଭାପତି ନନ୍ଦକିଶୋର ସାହୁ, ଯୁଗ୍ମସମ୍ପାଦକ ଅରୁଣ ଦାଶ ଓ ବିନୟରାମ ଗୋପାଳ ଅଗ୍ରୱାଲ, କୋଷାଧ୍ୟକ୍ଷ ରାଜୀବ ଲୋଚନ ସାହୁ, ସୌମ୍ୟଜିତ ପଟ୍ଟନାୟକ, ଧରଣୀଧର ନାଥ, ରାଜକୁମାର ଜାଲ, ମୋହନ ଦାଶ, ସୌମିକ ବାବୁ, ସୀମା ଷଣ୍ଡ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଦେବୀଙ୍କ ପ୍ରତିକୃତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ମନ୍ତ୍ରପାଠ କରିଥିଲେ। ସେହିପରି ପୂର୍ବାହ୍ନରେ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ଶୀର୍ଷକ ଝୋଟି ପ୍ରତିଯୋଗୀତା ହୋଇଥିଲା। ଏଥିରେ ସମ୍ବଲପୁର, ବୁର୍ଲା, ହୀରାକୁଦ ଅଞ୍ଚଳର ବାଳିକା, ଛାତ୍ରୀ ଓ ମହିଳାମାନେ ସାମିଲ ହୋଇଥିଲେ।

# ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ



ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

**ନାକଟିଦେଉଳ,୩୧।୭(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୂଆଦିଲ୍ଲୀସ୍ଥିତ ରୋଟ୍ରାକ କ୍ଲବ ୟୁଥ ଅର୍ଗାନ ଡୋନେସନ ଆୱାର୍ ନେସ ସଭାନେତ୍ରୀ ରୋଜାଲିନ ଦାଶ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଅଙ୍ଗଦାନର ଆବଶ୍ୟକତା ସମ୍ପର୍କରେ ପିପିଟି ମାଧ୍ୟମରେ ବର୍ଣ୍ଣନା କରିଥିଲେ। ପ୍ରଗତି ଶୈକ୍ଷିକ ଅନୁଷ୍ଠାନ ନିର୍ଦ୍ଦେଶକ ବନ୍ଦିତା ଦାଶ ପ୍ରଚଳିତ ମିଥ୍ୟା ଏବଂ ଅନ୍ଧବିଶ୍ୱାସକୁ ଦୂରକରିବା ପାଇଁ ଗ୍ରାମୀଣସ୍ତରରେ ସଚେତନତାତ୍ମକ ପ୍ରୟାସକୁ ଜାରି ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଅଙ୍ଗଗୁଡିକର ସୁସ୍ଥତା ନିମନ୍ତେ ୱାଟର ବେଲ ପ୍ରୋଜେକ୍ଟକୁ ଲାଗୁକରିବା ପାଇଁ ରୋଜାଲିନ ଦାଶ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ, ସୁଜାତା ସାହୁ, ଭାରତୀ ପ୍ରଧାନ, ରୀନାରାଣୀ ଧଳ, ଲିଟୁ ସାହୁ, ରାମକୃଷ୍ଣ ସେଠି ଓ ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ବନ୍ଦ ହେଲା ହୀରାକୁଦ ଜଳଭଣ୍ଡାରର ୮ ଗେଟ୍

**୪ଟି ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ**

**ସମ୍ବଲପୁର,୩୧।୭(ପ୍ରମୋଦ ବହିଦାର)**

ଗୁରୁବାର ହୀରାକୁଦ ଜଳଭଣ୍ଡାରର ପୁଣି ୮ଟି ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି। ଫଳରେ ବର୍ତ୍ତମାନ ମୋଟ ୪ଟି ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗୁରବାର ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ହୋଇଥିବା ଖବର ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ ୬୧୦.୧୦ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୮ ହଜାର ୩୦୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ବାମପାର୍ଶ୍ୱର ୩, ଦକ୍ଷିଣ ପାର୍ଶ୍ୱସ୍ଥ ୧ଟି ମିଶି ମୋଟ୍ ୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୫୯ ହଜାର ୪୭୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪,୮୧୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୦୫୮, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ୍ ଜଳ ମିଶି ମୋଟ୍ ୩୭୭୬ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨.୧୨ ମିମି ଓ ତଳମୁଣ୍ଡରେ ୦.୪୪ ମିମି ବର୍ଷା ରେକର୍ଡ କରାଯାଇଛି।

# ୬ ଜଣଙ୍କୁ ଘରଭଙ୍ଗା ସହାୟତା ବଣ୍ଟନ



ଜଣେ ମହିଳାଙ୍କୁ ମନ୍ତ୍ରୀ ରବି ନାରାୟଣ ନାଏକ ଘରଭଙ୍ଗା ଚେକ୍ ପ୍ରଦାନ କରୁଛନ୍ତି।

**କୁଚିଣ୍ଡା,୩୧।୭(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ଗୁରୁବାର କୁଚିଣ୍ଡା ବ୍ଲକସ୍ତରୀୟ ବନ୍ୟାଜନିତ କ୍ଷତିପୂରଣ ସହାୟତା, ନୂତନ ରାଶନ କାର୍ଡ, ଜଙ୍ଗଲ ଜମି ଓ ଭୂମିହୀନଙ୍କୁ ଘରଡିହ ପଟ୍ଟା, ଶ୍ରମିକ କାର୍ଡ ଆଦି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଗରୀବ ଜନସାଧାରଣଙ୍କ ଉତ୍ଥାନ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୁଗାନ୍ତକାରୀ ଯୋଜନା ପ୍ରସ୍ତୁତ କରିଥିବା କହିଛନ୍ତି। ଗତ ଜୁଲାଇ ୫ ଓ ୬ତାରିଖର ବାଦଲ ଫଟା ବର୍ଷା ସମୟରେ ବହୁ ଗରୀବ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ଏଥିପାଇଁ ସରକାର ତୁରନ୍ତ ବିଭିନ୍ନ ସହାୟତା ଯୋଗାଇଦେବା ସହ ଗରୀବ ଲୋକଙ୍କ ଉନ୍ନତି ସରକାରଙ୍କ ମୁଖ୍ୟ ସଫଳତା ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁମିତା ଦଳେଇ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏନଏସି ଇଓ ମନୋରଞ୍ଜନ ସୁନା ଯୋଗଦେଇ ସରକାରଙ୍କ ବିଭିନ୍ନ ତ୍ୱରିତ ପଦକ୍ଷେପ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ଗତ ବର୍ଷାରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବା ୬ଜଣଙ୍କୁ ପ୍ରତ୍ୟେକ ୧ଲକ୍ଷ୨୦ହଜାର ଟଙ୍କାର ଚେକ୍ ଓ ଲୁଗାପଟା, ରାଶନ କ୍ରୟ ନିମନ୍ତେ ଅତିରିକ୍ତ ୫ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି ୭୯ଜଣଙ୍କୁ ଆଂଶିକ ଘରଭଙ୍ଗା ପାଇଁ ୪ହଜାର ଲେଖାଏ, ୧୦ଜଣଙ୍କୁ ନୂତନ ରାଶନ କାର୍ଡ, ବସୁନ୍ଧରା ଯୋଜନାରେ ୩୮ଜଣଙ୍କୁ ଘରଡିହ ପଟ୍ଟା ଓ ୪୫ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। କୁଚିଣ୍ଡା ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ, ଜିଲା ଅତିରିକ୍ତ ସହକାରୀ ଶ୍ରମ ଅଧିକାରୀ ତୁଳେଶ୍ୱରୀ ନାଗ, ବ୍ଲକ ଯୋଗାଣ ଅଧିକାରୀ ସୁଧିର କୁମାର ସାହୁ, ବିଏସ୍‌ଏସ୍‌ଓ ଇଚ୍ଛୁତି ଭୋଇ, ତହସିଲ ନାଜିର ସ୍ୱାଧୀନ ପଟେଲ ଓ ନୁସରତ ଫାତିମା ସହଯୋଗ କରିଥିଲେ। ଏନଏସି ଇଓ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ ଶିକ୍ଷାକେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ

**କୁଚିଣ୍ଡା,୩୧।୭(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଆଇଟିଡିଏ ମାର୍କେଟ କମ୍ପ୍ଲେକ୍ସ ସଭାଗୃହରେ ଅଟଳ ଯୋଗ ସମିତି(ଟ୍ରଷ୍ଟ) ଦ୍ୱାରା ପରିଚାଳିତ ନିୟମିତ ଯୋଗାଭ୍ୟାସ କେନ୍ଦ୍ରକୁ ଗୁରୁବାର ଭୋର ସାଢେ ୫ଟାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ପରିଦର୍ଶନ କରିବା ସହ ନିଜେ ଯୋଗାଭ୍ୟାସରେ ସାମିଲ ହୋଇଥିଲେ। ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟ ସତ୍ୟନାରାୟଣ ଅଗ୍ରୱାଲ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଟଳ ଯୋଗ ସମିତି ସଭାପତି ନଳିନୀକାନ୍ତ ମହାନ୍ତି, ସମ୍ପାଦକ ରାଜେନ୍ଦ୍ର କୁମାର ପଟେଲଙ୍କ ନେତୃତ୍ୱରେ ବରିଷ୍ଠ ଯୋଗ ଶିକ୍ଷକ ପ୍ରବୀଣ କୁମାର ପଟେଲ ଯୋଗାଭ୍ୟାସ କରାଇଥିଲେ। ସ୍ଥାନୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ପ୍ରମିଶ କୁମାର ପଟେଲ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ଶିକ୍ଷକ ଜଗନ୍ନାଥ ସାହୁ, ରୁବିରାଣୀ ପଟେଲ, ସୁଜାତା ପଟେଲ, ବରିଷ୍ଠ ମହିଳା ସଦସ୍ୟା ଅନ୍ନପୂର୍ଣ୍ଣା ପୃଷ୍ଟି ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୩୧।୭(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରାକ୍ତନ ଅଧ୍ୟାପକ ଡ଼ ପ୍ରଶାନ୍ତ କୁମାର ଦାସଙ୍କୁ ଗୁରୁବାର ଛାତ୍ରୀଛାତ୍ର ଓ ଷ୍ଟାଫ କାଉନସିଲ ତରଫରୁ ବଦଳିଜନିତ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ପରିଚାଳନା ଓ ଗ୍ରନ୍ଥାଗାରିକ ଅରୁଣ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ଅଧ୍ୟାପକ ସଞ୍ଜିବ କୁମାର ଦାଶ, ସରୋଜ ଭୁଏ ଓ ଉମାକାନ୍ତ ବିଶ୍ୱାଳ ଅନୁଷ୍ଠାନରେ ଡ଼ ଦାଶଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଦାୟୀ ଅଧ୍ୟାପକ ଡ. ଦାଶ ତାଙ୍କ ବକ୍ତବ୍ୟରେ ନାକଟିଦେଉଳ ତଥା ଅନୁଷ୍ଠାନରେ ତାଙ୍କ ଅନୁଭୂତି ବର୍ଣନା କରିଥିଲେ। ଅନୁଷ୍ଠାନ ତରଫରୁ ଡ. ପ୍ରଶାନ୍ତ ଦାସଙ୍କୁ ମାନପତ୍ର ଉପଢୌକନ ତଥା ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୂହିକ ଔଷଧ ସେବନକୁ ଗୁରୁତ୍ୱ



ଆୟୋଜିତ ସଚେନତା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀମାନେ।

**ସମ୍ବଲପୁର,୩୧।୭(ବି.ଶଙ୍କର)**

**ଫାଇଲେରିଆ ନିରାକରଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ**

ଫାଇଲେରିଆ ନିରାକରଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ସହରସ୍ଥିତ ଭୁତାପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ମଣ୍ଡଳ କାରାଗାର ଏବଂ ମହିଳା ମହାବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡା.ଦିଲ୍ଲୀପ କୁମାର ମୁଦୁଲି ଅନ୍ତେବାସୀମାନଙ୍କୁ ଫାଇଲେରିଆ ରୋଗର କାରଣ, ଲକ୍ଷଣ, ନିରାକରଣ ଉପାୟ ଉପରେ ଅବଗତ କରିଥିଲେ । ଆସନ୍ତା ଅଗଷ୍ଟ ମାସ ୧୦ ରୁ ୧୯ ତାରିଖ ମଧ୍ୟରେ ଏଠାରେ ହେବାକୁ ଥିବା ସାମୂହିକ ଫାଇଲେରିଆ ଔଷଧ ସେବନରେ ଉପସ୍ଥିତ ରହି ସମସ୍ତେ ଏହାକୁ ସେବନ କରିବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ। ଏଥିର ଫାଇଲେରିଆ ରୋଗର କାରଣ, ଲକ୍ଷଣ, ନିରାକରଣ ଏବଂ ସ୍ତନ କର୍କଟ ରୋଗର କାରଣ, ଲକ୍ଷଣ ପ୍ରକାଶ ଉପରେ ଆଲୋକପାତ କରାଯାଇଥିଲା । ଆଜିର ଆଲୋଚନାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ନିଜ ପରିବାରର ସମସ୍ତ ସଦସ୍ୟଙ୍କୁ କିଭଳି ଔଷଧ ସେବନ କରିପାରିବେ ସେ ନେଇ ଶପଥ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସମେତ ଅଧ୍ୟାପକମାନେ ସାମିଲ ଥିଲେ। ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର ପି ହେମାଶ୍ରୀ ଓ ପ୍ରୋଗ୍ରାମ ମ୍ୟାନେଜର ମଳୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ**

**ନାକଟିଦେଉଳ,୩୧।୭(ବୈକୁଣ୍ଠନାଥ ସାହୁ)**

# ଶୃଙ୍ଖଳିତ ହୁଅ, ପାଠପଢ଼ାରେ ମନ ଦିଅ

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର କଲେଜ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭରେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କୁ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ଏବଂ ଷ୍ଟାଫ କାଉନସିଲ ତରଫରୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ଅଧ୍ୟାପିକା ଡ଼. ପୁଷ୍ପାଞ୍ଜଳି ରବଣା, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ, ଗିରିଶବାଳା ନାୟକ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଭାଷ ଚନ୍ଦ୍ର ବେହେରା ଯୋଗଦେଇ ସଫଳତାର ଚାବିକାଠି, ଶୃଙ୍ଖଳା, ସଂସ୍କାର, ସଂଯମ ବୋଲି କହିଥିଲେ। କ୍ୟାରିଅର୍ ନିର୍ମାଣ ସମ୍ପର୍କରେ ଆଲୋକପାତ କରିବା ସହ କଲେଜର ନୀତିନିୟମ ମାନି ଶୃଙ୍ଖଳିତଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ପର୍ଯ୍ୟାୟକ୍ରମେ ନିଜ ପରିଚୟ ପ୍ରଦାନ କରିଥିଲେ। ଶେଷ ବର୍ଷର ଛାତ୍ରୀ ରଚନା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରୋଜାଲିନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସର ଦିନ ସମ୍ପୂର୍ଣ୍ଣ ପେନ୍‌ସନ ପାଇଲେ ୨ ଶିକ୍ଷକ

**କୁଚିଣ୍ଡା,୩୧।୭(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ୨ଜଣ ଶିକ୍ଷକଙ୍କୁ ଅବସର ଗ୍ରହଣ ସମୟରେ ହିଁ ସମ୍ପୂର୍ଣ୍ଣ ପେନସନ ପ୍ରଦାନ କରାଯାଇଛି। ସେମାନେ ହେଲେ ଘୋଷା ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର ଧୂରୁଆ ଏବଂ ତେଲିଟିଲେଇମାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ପୃଷ୍ଟି। ସେମାନଙ୍କୁ ଗୁରୁବାର ଅବସର ଦିନ ସମ୍ପୂର୍ଣ୍ଣ ପେନସନ ସହ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ କରାଯାଇଛି। ଗୁରୁବାର ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉଭୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବିଇଓ ଗୀତା ପଧାନ ପୂର୍ଣ୍ଣ ପେନସନ, ଗ୍ରାଚ୍ୟୁଇଟି, ଜିଆଇଏସ୍, ଲିପ ସରେଣ୍ଡର ସମେତ ସମସ୍ତ ପ୍ରାପ୍ୟ ପ୍ରଦାନ କରିଛନ୍ତ, ଯାହାକି ବ୍ଲକରେ ପ୍ରଥମ। ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅବସର ଗ୍ରହଣ ପରେ ପେନସନ ପାଇଁ ମାସ ମାସ ଧରି ଅଫିସକୁ ଆସି ହଇରାଣ ହେଉଥିଲେ। ସରକାର ପରିବର୍ତ୍ତନ ପରେ ନୂଆ ଶିକ୍ଷା ନୀତି ଆସିବାପରେ ବିଡ଼ିଓ ପ୍ରଧାନଙ୍କ ଉଦ୍ୟମରେ ଗୋଟିଏ ଦିନରେ ହିଁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ପେନସନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଏନପିଏସ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ସହଯୋଗ କରିଥିଲେ।



ପେନ୍‌ସନ ପେପର ପ୍ରଦାନ ଅବସରରେ ବିଇଓ ଗୀତା ପ୍ରଧାନ ଓ ଅନ୍ୟମାନେ।

# ବଡ଼ତୁରାଙ୍ଗ ହେବ ସମ୍ବଲପୁରୀ ବାନ୍ଧକଳା ହବ୍

**ସମ୍ବଲପୁର,୩୧।୭(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ବଡ଼ତୁରାଙ୍ଗ ଗ୍ରାମ ସମ୍ବଲପୁରୀ ବାନ୍ଧକଳା ପ୍ରସ୍ତୁତି ହସ୍ତତନ୍ତ ଲୁଗାର ହବ୍‌ଭାବେ ପରିଚିତି ହାସଲ କରିବ। ବଡ଼ତୁରାଙ୍ଗରେ ଗୁରୁବାର ଆୟୋଜିତ ଏକ ବାନ୍ଧକଳା ଓ ହସ୍ତତନ୍ତ ଲୁଗାବୁଣା ତାଲିମ ଶିବିରର ଉଦ୍‌ଘାଟନୀ ଅବସରରେ ଅତିଥିମାନେ କହିଛନ୍ତି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ଯୋଜନା(ପିଓଏଚ୍‌ଆଇ) ୨୦୨୫-୨୬ ଅନ୍ତର୍ଗତ ବାନ୍ଧକଳାରେ ଦକ୍ଷତା ବୃଦ୍ଧି ପାଇଁ ଗୁରୁବାର ଏହି ଶିବିରକୁ ହସ୍ତତନ୍ତ ଓ ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଗନ୍ତାୟତ, ନିଯୁକ୍ତି ବିଭାଗ ସହକାରୀ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ବରଗଡ଼ ଜିଲା ହସ୍ତତନ୍ତ ଓ ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ହୃଷୀକେଶ ମହାଲିକ, ସମ୍ବଲପୁର ଓରମାସ ମୁଖ୍ୟ ଶ୍ରୀମନ୍ତ ହୋତା, ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, ବରିଷ୍ଠ ଭାଜପା ନେତ୍ରୀ ସସ୍ମିତା ଦେହୁରୀ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ସମ୍ବଲପୁରୀ ହସ୍ତତନ୍ତ୍ର ଶିଳ୍ପରେ ଏହି ଗ୍ରାମର ଅବଦାନ ପାଇଁ ମହିଳାମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଆଗାମୀ ୪ ମାସ ଧରି ଚାଲିବାକୁ ଥିବା ଏହି



ବଡ଼ତୁରାଙ୍ଗରେ ବାନ୍ଧକଳା ଓ ହସ୍ତତନ୍ତ ଲୁଗାବୁଣା ତାଲିମ ଶିବିରରେ ଶିକ୍ଷାର୍ଥୀଙ୍କ ଗହଣରେ ଅତିଥିବୃନ୍ଦ।

**ବାନ୍ଧକଳା, ଲୁଗାବୁଣା ତାଲିମ ଶିବିର ଉଦ୍‌ଘାଟିତ**

ଶିବିରରେ ଶିକ୍ଷାର୍ଥୀମାନଙ୍କୁ ହରିଶଙ୍କର ମେହେର ତାଲିମ ପ୍ରଦାନ କରିବେ।

ସୂଚନାଯୋଗ୍ୟ ଯେ, ବିକାଶ ଫାଉଣ୍ଡେଶନ ପକ୍ଷରୁ ମୃଦଳା ପ୍ରଧାନ ଗତ ୨ ବର୍ଷ ତଳେ ଏହାର ମଞ୍ଜି ବୁଣି ଗ୍ରାମର ପ୍ରାୟ ୪୦ ଭାଗ ମହିଳାଙ୍କୁ ବାନ୍ଧ ପ୍ରସ୍ତୁତି ଲୁଗାବୁଣା କାର୍ଯ୍ୟରେ ନିୟୋଜିତ କରିବାରେ ସହାୟତା କରିଥିଲେ। ଫଳରେ ଉକ୍ତ ଗ୍ରାମର ପ୍ରାୟ ୭୦ ପ୍ରତିଶତ ତନ୍ତି ସମୁଦାୟର ଅଧିବାସୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହାକୁ ପ୍ରୋତ୍ସାହନ ପୂର୍ବକ ହସ୍ତତନ୍ତ୍ର ଶିଳ୍ପ ପ୍ରୋତ୍ସାହନ ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ଏହାବ୍ୟତୀତ ଏହି ଗ୍ରାମକୁ ଏକ ଆଦର୍ଶ ଗ୍ରାମର ପରିଚୟ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

# ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର



ବିନିକା ମହାଦେବପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଜିଲାପାଳ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

■ଶ୍ରେଣୀଗୃହରେ ଆଣ୍ଠୁଏ ପାଣି, ବାହାରିଲା ସାପ
■ସ୍କୁଲ ପରିଦର୍ଶନ କଲେ ଜିଲାପାଳ, ଦିନକ ପାଇଁ ସ୍କୁଲ ଛୁଟି ଘୋଷଣା
■ସମସ୍ୟାର ସ୍ଥାୟୀ ସମାଧାନ ପ୍ରତିଶ୍ରୁତି ଦେଲେ

ବିନିକା,୩୧।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଶ୍ରେଣୀ ଭିତରେ ଓ ବାହାରେ ଆଣ୍ଠୁଏ ବର୍ଷା ପାଣି ଜମା ହୋଇ ରହିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଭିତରକୁ ନ ଯାଇ ସ୍କୁଲ ସମ୍ମୁଖରେ ଛିଡା ହୋଇଥିଲେ। ଏହାର ପ୍ରତିବାଦ କରି ସେମାନେ ପୂର୍ବାହ୍ଣ ୧୦ଟାରେ ସ୍କୁଲ ସାମନା ସୋନପୁର-ବିନିକା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ଜିଲାପାଳ ନୃପରାଜ ସାହୁ, ବଡିଓ ମଣ୍ଟୁ ଖମାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ଥିତି ଅନୁଧ୍ୟାନ ପାଇଁ ସେ ସ୍କୁଲ ପରିସରକୁ ଯାଇ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଏହି ସମୟରେ ଶ୍ରେଣୀଗୃହରୁ ଏକ ସାପ ଥିବା ଦେଖାଯାଇଥିଲା। ଫଳରେ ଜିଲାପାଳ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଟିଏ ଦିନପାଇଁ ସ୍କୁଲ ଛୁଟି ଘୋଷଣା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ସାହୁ ଆଲୋଚନା କରିଥିଲେ। ପରେ ଶ୍ରେଣୀଗୃହରୁ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ଶିଶୁ ବାଟିକା ସହିତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୧୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨ଜଣ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ଏହି ସ୍କୁଲରୁ ୨ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ଅନ୍ୟ ସ୍କୁଲକୁ ପଠେଇ ଦିଆଯାଇଛି।



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥିମାନେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବୀରମହାରାଜପୁର,୩୧।୭(ଯୁଗଳ କିଶୋର ମିଶ୍ର)

**ଚାରାରୋପଣ, ସଚେତନତା ଶୋଭାଯାତ୍ରା**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନଠାରେ ଗୁରୁବାର ପୂର୍ବାହ୍ଣ ୧୧ଟାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶାନ୍ତନୁ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶାନ୍ତି ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଅନୁଷ୍ଠାନ ସମ୍ପାଦକ ବିବଶ୍ୱତି ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଚାରାରୋପଣ ଦ୍ୱାରା ପରିବେଶକୁ ରକ୍ଷା କରାଯାଇପାରିବ। ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଅତିକମ୍‌ରେ ବର୍ଷକୁ ଗୋଟିଏ ବୃକ୍ଷ ରୋପଣ ସହିତ ତା'ର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ବ୍ୟୋମକେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷକ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ରୋପଣ କରାଯାଇଥିଲା। ପରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଉତ୍ସବକୁ ଆକର୍ଷଣୀୟ କରିବାକୁ ଗୁରୁତ୍ୱ



ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସପି ଓ ଅଧିକାରୀମାନେ।

ସୋନପୁର,୩୧।୭(ମୃତ୍ୟୁଞ୍ଜୟ ଶତପଥୀ)

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି**

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡ. ନୃପରାଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଦେଶ ପାଇଁ ଗୁରୁତ୍ୱ ବହନ କରୁଥିବା ଏହି ଉତ୍ସବକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲାସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା, ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡିକର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ କିଭଳି ଭଲ ଭାବରେ ପାଳନ କରାଯିବ ସେ ନେଇ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ସୁଚିନ୍ତିତ ମତାମତ ଦେଇଥିଲେ। ରାମଧୁନ ସଙ୍ଗୀତ ପରିବେଷଣ, ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ, ଜାତୀୟ ପତାକା ଉତ୍ତୋଳନ, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ବିଶିଷ୍ଟ ବ୍ୟକ୍ତି, କ୍ରୀଡା ପ୍ରତିଭା ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେଡ ପୂର୍ବଭ୍ୟାସ ସମ୍ପର୍କରେ ଆଲୋଚନା ହୋଇଥିଲା। ଦିବସ ପାଳନ ପାଇଁ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ଆବଶ୍ୟକ ଦାୟିତ୍ୱ ଅର୍ପଣ କରାଯାଇଥିଲା।

## ୩ ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

ଉଲୁଣ୍ଡା,୩୧।୭(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ନିକଟରୁ ବାଇକ ଚୋରି ଘଟଣାରେ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କୁମାରକେଲି ଗ୍ରାମର ଯୁଗଳ ମିଶ୍ର। ତାଙ୍କ ପାଖରୁ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ୩ଟି ବାଇକ ପୋଲିସ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଲିଙ୍ଗରାଜ ସେଠୀ ସୂଚନା ଦେଇଛନ୍ତି। ସୂଚନାନୁସାରେ ଗତ ୨୬ତାରିଖ ଖଲିଆପାଲି ମନ୍ନମୁଣ୍ଡାର ପଙ୍କଜ ଜାଲ ତାଙ୍କ ଶଶୁର ଘର ପଞ୍ଚମହଲା ଯାଉଥିଲେ । ଉଲୁଣ୍ଡା ନିକଟରେ ବାଇକ ରଖିଦେଇ କୌଣସି କାମରେ ଯାଇଥିଲେ। ଫେରିଲା ପରେ ବାଇକ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୦୦/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଦିବାଲୋକରେ ବାଇକ୍ ଚୋରି କରିନେଲେ ଦୁର୍ବୃତ୍ତ

ବୀରମହାରାଜପୁର,୩୧।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମହଦାସ୍ଥିତ ଢ଼ାବା ନିକଟ ରାସ୍ତାକଡ଼ରୁ ଏକ ବାଇକ ଚୋରି ନେଇ ଅଭିଯୋଗ ହୋଇଛି। ଭୁଡୋବର ଗ୍ରାମର ଅରକ୍ଷିତ ଝୁରା ଗୁରୁବାର ଅପରାହ୍ଣରେ ତାଙ୍କ ହୁଣ୍ଡା ବାଇକ(ନଂ.ଓଡି-୧୭-ଏମ ୩୦୭୩)ରଖିଦେଇ ବିଲରେ କାମ କରୁଥିଲେ। ସେହି ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ବାଇକ ଚୋରି କରି ନେଉଥିବା ଦେଖିଥିଲେ। ଅରକ୍ଷିତ ଦେଖି ପାଟି କରିଥିଲେ ମଧ୍ୟ ସେମାନେ ଆଖି ପିଛୁଳାକେ ବାଇକ ନେଇ ଫେରାର ହୋଇଯାଇଥିଲେ। ଅରକ୍ଷିତଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୧୬୭/୨୫)ରୁଜୁ କରି ଏସଆଇ ସୀତା ସେଠୀ ଅଧିକ ତଦନ୍ତ ଚଳାଇଛନ୍ତି।

# କାଶୀନାଥ ମହାବିଦ୍ୟାଳୟ ହରିପ୍ରିୟା ଛାତ୍ରୀ ନିବାସ ଉଦ୍‌ଘାଟିତ



ନୂତନ ଛାତ୍ରୀନିବାସ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଡୁଙ୍ଗୁରିପାଲି, ୩୧।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ପହଣ୍ଡି କାଶୀନାଥ ମହାବିଦ୍ୟାଳୟରେ ହରିପ୍ରିୟା ଛାତ୍ରୀ ନିବାସ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂଜା କର୍ତ୍ତାଭାବେ ଗଣେଶ ନାୟକ ଓ ତାଙ୍କ ସ୍ତ୍ରୀ ବିଦ୍ୟୁତପ୍ରଭା ନାୟକ ଦାୟିତ୍ୱ ତୁଲାଇଥିଲେ। ପରେ ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷା ସାଇସ୍ମିତା ବରାଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଜିଲା ସଇଁତଲା ପଞ୍ଚାୟତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ କାହ୍ନୁ ଚରଣ ଦର୍ଜୀ, ସମ୍ମାନୀତ ଅତିଥିଭାବେ ଯୋଗୀସର୍ଡା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ରଘୁନାଥ ସାହୁ, କମଗାଁ କଲେଜ ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଶିକ୍ଷାବିତ୍ ବିହାରୀ ସିଂ ଯୋଗଦେଇଥିଲେ। ଅଧ୍ୟାପିକା ଚନ୍ଦ୍ରମା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ପଟେଲ କହିଥିଲେ ଛାତ୍ରୀ ନିବାସରେ ସ୍ୱଳ୍ପଖର୍ଚ୍ଚରେ ଛାତ୍ରୀମାନେ ରହି ପଢିପାରିବେ। ଖୁବ୍‌ଶୀଘ୍ର ଆଉ ଏକ ଛାତ୍ର ନିବାସ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ଛାତ୍ରୀ ନିବାସରେ ରହିବା, ଖାଇବା ସହିତ ଏ ସମ୍ପର୍କିତ ଖର୍ଚ୍ଚ ସମ୍ପର୍କରେ ମହାବିଦ୍ୟାଳୟ ସମ୍ପାଦିକା କିଶୋରୀ ପଟେଲ ସୂଚନା ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ୧୭ ଗୋଟି ନିୟମାବଳୀ ପାଳନକରି ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ମହାବିଦ୍ୟାଳୟ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଶଙ୍କର ପଟେଲ, ନେତ୍ରାନନ୍ଦ ବାଗ, ପୁଣ୍ଡରିକାକ୍ଷ ପଧାନ, ଗାନ୍ଧୀ ପଧାନ, ରାତ୍ର ମେସୁଆ ଓ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଡିଲେଶର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଟି ସହ ଗଞ୍ଜେଇ ଜବତ, ଯୁବକ ଗିରଫ

ସୋନପୁର,୩୧।୭(ମୃତ୍ୟୁଞ୍ଜୟ ଶତପଥୀ)

**ଛତିଶଗଡ଼କୁ ଚାଲାଣ ହେଉଥିଲା**

ସୁବର୍ଣ୍ଣପୁର ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସୋନପୁର ଥାନା ସିଆଳଝୁଲିଠାରେ ଅବକାରୀ ଜିଲା ମୋବାଇଲ ୟୁନିଟ ପକ୍ଷରୁ ଚଢାଉ କରାଯାଇଥିଲା। ଏକ ନମ୍ବର ବିହୀନ ସ୍କୁଟିକୁ ଅଟକ ରଖି ତନଖି କରିବା ସମୟରେ ସିଟ୍ ତଳ ଡିକିରୁ ୪କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଛତିଶଗଡ ମୁଙ୍ଗେଲି ଜିଲା ପଥରିୟା ଥାନା ଲଛନପୁର ୧ନଂ ୱାର୍ଡର ଚୂଡାମଣି ଧୃ(୨୨)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବୌଦ୍ଧ ଜିଲାର କଣ୍ଟାମାଳ ଅଞ୍ଚଳରୁ ଛତିଶଗଡକୁ ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ସୋନପୁର ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା(ନଂ. ୧୩୬/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ, ଚୋରାଚାଲାଣରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ଅବକାରୀ ଜିଲା ମୋବାଇଲ୍ ୟୁନିଟ୍ ଇନିସପେକ୍ଟର ହରପ୍ରସାଦ ରଣା, ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ କୁମାର ସା, ସୋନପୁର ଅବକାରୀ ଥାନା ଓଆଇସି ଶାନ୍ତନୁ କୁମାର ପଟ୍ଟନାୟକ, ଏସଆଇ ବିଶ୍ୱନାଥ ଭୋଇ ଓ ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।



# କଲେଜ କ୍ୟାମ୍ପସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଉଁଶୁଣୀ,୩୧।୭(ଦେବାଶିଷ ନେପାକ)

ବୌଦ୍ଧ ଜିଲାର ବାଉଁଶୁଣୀଠାରେ ଥିବା ମାଁ ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ସ୍ୱେଚ୍ଛାସେବୀ, ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ ବୃକ୍ଷରୋପଣ କରିଥିଲେ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ବୌଦ୍ଧ ଜିଲା ସଭାପତି ନବକିଶୋର ସ୍ୱାଇଁ, ପୂର୍ବତନ ଜିଲା ସଭାପତି ଡାକ୍ତର ପ୍ରିୟବ୍ରତ ବେହେରା, ଆବାହକ ସୁନିଲ କୁମାର ବଘାର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ କରଞ୍ଜ, ଜାମୁ, ଓଉ, ପିଜୁଳି, କଦମ୍ବ ଆଦି ପ୍ରଜାତିର ଏକ ଶହ ବୃକ୍ଷରୋପଣ କରାଯାଇଥିଲା। ତେବେ କଲେଜ ପରିସରରେ ରୋପଣ କରାଯାଇଥିବା ବୃକ୍ଷଗୁଡିକର ଯତ୍ନ ନିଆଯିବ ବୋଲି ଏନ୍‌ଏସ୍‌ଏସ୍ କୋ-ୟୁନିଟ୍‌ର ପ୍ରୋଗ୍ରାମ ଅଫିସର ଡକ୍ଟର ଉମାକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଆୟୁଷ୍ମାନ ଜନଆରୋଗ୍ୟ ଯୋଜନା କାର୍ଡ ବାଣ୍ଟିବାକୁ ନିର୍ଦ୍ଦେଶ

ବୌଦ୍ଧ,୩୧।୭(ଅଜିତ କୁମାର ବାରିକ)



ସମୀକ୍ଷା ବୈଠକରେ ସଚିବ ଓ ଅନ୍ୟ ଅଧିକାରୀ।

**ଉନ୍ନୟନ କାମ ସମୀକ୍ଷା କଲେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ସଚିବ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ତଥା ବୌଦ୍ଧ ଜିଲା ନୋଡାଲ ଅଫିସର ଡ. ବିଜୟ କେତନ ଉପାଧ୍ୟାୟ ଦୁଇଦିନିଆ ବୌଦ୍ଧ ଜିଲା ଗସ୍ତ କରିଛନ୍ତି। ତାଙ୍କର ଏହି ଗସ୍ତବେଳେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ପରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭାଗୀୟ ସମୀକ୍ଷା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ବିଭୁତି ଭୂଷଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସଭା ପରିଚାଳନା କରିଥିଲେ। ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଚିବ ଉପାଧ୍ୟାୟ ଆୟୁଷ୍ମାନ ଜନଆରୋଗ୍ୟ ଯୋଜନାରେ ୯୦ ପ୍ରତିଶତ କାର୍ଡ ଆସନ୍ତା ସେପେଟମ୍ବର ମାସ ସୁଦ୍ଧା ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ପାନୀୟଜଳ ପ୍ରକଳ୍ପରେ କାମ କରୁଥିବା ଠିକାସଂସ୍ଥା ଗୁଡିକ ନିର୍ଦ୍ଧାରିତ ସମୟରେ କାମ ଶେଷ କରିପାରୁ ନ ଥିବାରୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଦେଇ ଉକ୍ତ ସଂସ୍ଥାକୁ ବ୍ଲାକ ଲିଷ୍ଟ କରିବାକୁ କହିଥିଲେ। ଏହା ସହ ଅନ୍ତ୍ୟୋଦୟ ଗୃହ ଯୋଜନା, ପରିମଳ ବ୍ୟବସ୍ଥା, ସେତୁ ବନ୍ଧନ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍‌ଶ୍ରୀ ବିଦ୍ୟାଳୟ, ଶିକ୍ଷଣ ପ୍ରଣାଳୀ, ସୁଭଦ୍ରା ଓ ପୋଷଣ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧୁବାବୁ ପେନସନ ଓ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରୀ ଯୋଜନାଗୁଡିକର ସଫଳ କାର୍ଯ୍ୟାନ୍ୱୟନ ସହିତ ଏହାର ସୁଫଳ ଯେପରି ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ବିଭିନ୍ନ ବିଭାଗରେ ଚାଲିଥିବା ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସଚିବ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ଗୁରୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବୌଦ୍ଧ,୩୧।୭(ଅଜିତ କୁମାର ବାରିକ)




ପ୍ରତିଷ୍ଠା ଦିବସର ଅତିଥି।

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ ଯୋଗଦେଇଥିଲେ। ୧୯୭୮ରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୧୯୭୭ରେ କରାଯାଇଥିବା ଉଦ୍ୟମର ଅନୁଭୂତିକୁ ମୁଖ୍ୟଅତିଥି ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ନଟବର ପ୍ରଧାନଙ୍କ ସମୟରେ ଏହି ଅଞ୍ଚଳର ବିକାଶ ପାଇଁ ଅନେକ ଦୃଢ଼ ପଦକ୍ଷେପ ସମ୍ପର୍କରେ ଦଲାଲ ଆଲୋଚନା କରିବା ସହିତ ଏମ୍‌ପି ଓ ବିଧାୟକ ପାଣ୍ଠିରୁ ମହାବିଦ୍ୟାଳୟର ଉନ୍ନତି ପାଇଁ କିପରି ଅଧିକ ଅର୍ଥ ଆସିପାରିବ ସେଥିପାଇଁ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବେ ବୋଲିପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ ଯୋଗଦେଇ ତାଙ୍କର ଛାତ୍ର ଜୀବନର ଉଦାହରଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଡ. ସୁଜାତା ସାହୁ ଓ ଅଧ୍ୟାପିକା ଗୀତାଞ୍ଜଳି ମହାପାତ୍ର ଉପାଦେୟ ଉପଦେଶ ଦେଇ ମହାବିଦ୍ୟାଳୟର କିପରି ଆଖିଦୃଶିଆ ଉନ୍ନତି ହୋଇପାରିବ ମତ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରତ୍ୟୁଷ ରଞ୍ଜନ ଦାନୀ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟକୁ ତୁରନ୍ତ ସରକାରୀ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ଅଧ୍ୟାପକ ପ୍ରତାପ କୁମାର ରଥ, ଅଧ୍ୟାପିକା ବାସନ୍ତୀ ପ୍ରଧାନ ଓ ଗ୍ରନ୍ଥାଗାରିକ ଅଜିତ କୁମାର ମିଶ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସକ୍ରିୟ ସହଯୋଗ କରିଥିଲେ।




# ମୋଦିଙ୍କ ୭୫ତମ ଜନ୍ମଦିନରେ ଓଡ଼ିଶାରେ ଲାଗିବ ୭୫ ଲକ୍ଷ ଗଛ

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ସବୁଠୁ ବଡ଼ ଉପହାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଗଛ ଲାଗିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସର୍ବଶ୍ରେଷ୍ଠ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତାକରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ୨ୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମକରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା' ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଉକ୍ତ ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହ ପିଏସୟୁ, ଏନ୍‌ଜିଓ, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାରପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ। ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ୍ ହେବା ଆବଶ୍ୟକ। ଏଥିସହ ଚାରାରୋପଣର ଫଟୋ ଓ ଡାଟା ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବା ପାଇଁ ସେ କହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଏକ୍ ପେଡ୍ ମା କେ ନାମ୍-୨.୦

- ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଏ ବର୍ଷ ଲାଗିବ ୭.୫ କୋଟି ଗଛ
- ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଚାରାରୋପଣ ପାଇଁ ପିଇଓମାନଙ୍କୁ ଦାୟିତ୍ୱ

# ହାତୀ ଆକ୍ରମଣରେ ୩ ମୃତ

## ରେଞ୍ଜର, ବନପାଳ ନିଲମ୍ବିତ

ସାତମାଇଲ, ୩୧।୭ (ସୁଶାନ୍ତ ପତି)

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସେକ୍ସନ ବାଘଧରିଆ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ରାଜ୍ୟ ସରକାର ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ଶଶୀ ସାହୁ (୬୪) ଯାଇଥିବା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ଦେଖି ସେହି ଗ୍ରାମର କରୁଣାକର ଦେହୁରୀ (୬୬) ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ମଧ୍ୟ ଦନ୍ତାହାତୀ ଆକ୍ରମଣ କରିଥିଲା। ପରେ ହାତୀଟି ନଳକୂପରୁ ପାଣି ଆଣିବାକୁ ଆସିଥିବା ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ (୫୪)ଙ୍କୁ ରାସ୍ତାରେ କଚାଡି ମାରିଥିଲା। ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କ ସମ୍ପର୍କୀୟ ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶଶୀ ସାହୁଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପୋଲିସ ଓ ବନାଞ୍ଚଳ ଅଧିକାରୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ଆତଙ୍କ ଚଳାଇଥିବା ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା ଆଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ରେଡକ୍ରସରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଜିଲାପାଳ ଆଶିଷ ପାଟିଲ ଓ ଡିଏଫଓ ସୁମିତ କୁମାରଙ୍କ ସହ ବିଶଦ ଆଲୋଚନା କରି ପ୍ରତ୍ୟେକ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସହଯୋଗ ମିଳିପାରିବ ଆଲୋଚନା କରିଛନ୍ତି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କ୍ଷତିଗ୍ରସ୍ତ ୩ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଲୋଚନା କରିଛନ୍ତି । ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଅନୁଗୁଳ ସାତକୋଶିଆ ଅଭୟାରଣ୍ୟ ଆରସିସିଏଫଙ୍କ ରିପୋର୍ଟ କ୍ରମେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

# ଜୟପୁରରୁ ଦିଆଯିବ ସୁଭଦ୍ରା ୩ୟ କିସ୍ତି ଟଙ୍କା

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଅଗଷ୍ଟ ୯ରେ ପ୍ରଦାନ କରିବେ ସରକାର। କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ମିଳିବ। କୋରାପୁଟ ଜିଲା ଜୟପୁରରୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ସରକାର ବାଣ୍ଟିବେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିୟରିଂ କମିଟି ବୈଠକରେ ଆଲୋଚନା ହୋଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଦୂତିବାସ ରାଉତ ଗୁରୁବାର ସୂଚନା ଦେଇଛନ୍ତି। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡ଼ାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଲୋକଙ୍କ ଫିଡ୍‌ବ୍ୟାକ୍ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୁଭଦ୍ରା ଟଙ୍କା ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ବୟସ ହୋଇଥିବା ହିତାଧିକାରୀ ପରେ ନୂଆକରି ସାମିଲ ହେବେ। ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିବା ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ସଚିବ ସୂଚନା ଦେଇଛନ୍ତି।

## ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଆଉ ଆବେଦନ କରିବାକୁ ପଡ଼ିବନି: ଉପମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସମୀକ୍ଷା ଜାରି ରହିଛି। ୧୨ ଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସମୀକ୍ଷା ଚାଲିଛି। ବୁଧବାର ସୁଦ୍ଧା ୭ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇଛି। ମାସକ ମଧ୍ୟରେ ୨୨ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ନେବାକୁ ଟାର୍ଗେଟ ରହିଛି। ଆମ ହାତରେ ଆହୁରି ୧୮ଦିନର ସମୟ ରହିଛି। ଠିକ୍ ସମୟରେ ଟାର୍ଗେଟ ପୂରଣ ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଲୋକସେବା ଭବନରୁ ହେଉଥିବା ଯୋଜନା ଅଙ୍ଗନୱାଡି ସ୍ତରରେ ପହଞ୍ଚୁଛି କି ନାହିଁ ତା'ର ମନିଟରିଂ ଅଧିକାରୀ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଆଉ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ ପୁଣି ଯାଞ୍ଚକରି ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ସୁଭଦ୍ରା ଟଙ୍କା ସରକାର ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ଓ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ମଙ୍ଗଳା ୟୁଥ୍ କ୍ଲବ, ବୁଦ୍ଧେଶ୍ୱରୀ କଲୋନୀ, ସମୟ:ସକାଳ ୯ଟା।
- ସିପିଆଇର ରାଜ୍ୟ ପରିଷଦ ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍ ୯, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ସିଆର୍‌ପି.ସିଏମ୍.ଆସୋସିଏଶନ୍ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ କନ୍‌ଭେନ୍‌ଶନ୍, ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨(+୨୦+୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆଞ୍ଚଳିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ:ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଉତ୍ସବ, ସ୍ଥାନ:ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୁହିକ ପାଠ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସମାରୋହ, ସ୍ଥାନ: ହଂସପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ପଥପ୍ରାନ୍ତ ଶୋଭାଯାତ୍ରା ଓ ଗଣବିକ୍ଷୋଭ, ସ୍ଥାନ: ଡାକଘର ସମ୍ମୁଖ, ବସ୍ତା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: କେନ୍ଦୁଝର ଅଡଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ
- ହ୍ୟାଣ୍ଡିଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ:ଶୁଭଶ୍ରୀ ରେସିଡେନ୍ସି ସ୍କୁଲ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶତବାର୍ଷିକୀ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ପୋଲିସ ପକ୍ଷରୁ ପୋଶ୍ ଆଇନ ସଚେତନତା, ସ୍ଥାନ: ବାଲିଗୁଡ଼ା ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

## ଢେଙ୍କାନାଳ
- ଭାଜପା ପକ୍ଷରୁ କଂଗ୍ରେସ ଓ ବିଜେଡି ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ
- ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ, ସ୍ଥାନ:ନୟାଗଡ଼ ପଠାଣୀ ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଧିଷ୍ଠାନ ଉତ୍ସବ, ସ୍ଥାନ:ରୋଟାରୀ କ୍ଲବ ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ସଭା ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା।

## କୋରାପୁଟ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ମଞ୍ଚପୂଜା, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆକାଶ ନେଶନାଲ ଟେଲେଣ୍ଟ ହଣ୍ଟ ଏକ୍‌ଜାମ୍ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଦମୟନ୍ତୀ ହାଇଟ୍‌ସ୍, ରାଜେନ୍ଦ୍ର କଲେଜ ଛକ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା
- ମୁଣ୍ଡା ସମାଜ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଟକୁନ୍ଦରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କୋଶଳ ସ୍କୁଲ, ନୂଆଁ ଖଇରପାଲି ଏବଂ ବ୍ଲକ ଅଫିସ ସମ୍ମୁଖ, ଅତାବିରା, ସମୟ:ସକାଳ ୯ଟା ୩୦ ଏବଂ ଅପରାହ୍ନ ୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ:ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଇସ୍ ମିଲର୍ସ ଆସୋସିଏଶନର ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଇନ୍ଦ୍ର ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା
- ନାରୀ ସୁରକ୍ଷାକୁ ନେଇ ଛାତ୍ର ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଘୁମୁରା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ : ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିନିକା ଭୀମ ଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନାରାୟଣୀ ମନ୍ଦିର ପ୍ରାଙ୍ଗଣ ଓ ଉଲେ୍ଳ ପାପକ୍ଷୟ ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ସମ୍ବଲପୁରୀ ଦିନ୍ ପାଳନ ଉତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗୋଦାମ ପଡ଼ା, ସମୟ: ସନ୍ଧ୍ୟା ୬ଟା।

# ପାଣି ବଦଳରେ ଯନ୍ତ୍ରୀଙ୍କୁ ପିଆଇଲେ ପରିସ୍ରା

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୩୧।୭ (ଗିରିଧାରୀ ପରିଚ୍ଛା/ମନୋଜ ପାଢୀ)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦିଆଯାଇଥିବା ଏବେ ଲୋକଲୋଚନକୁ ଆସିଛି। ଆରଡବ୍ଲ୍ୟୁଏସ୍‌ଏସ୍‌ରେ ନୂତନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ କୁମାର ଗୌଡ଼ ଏଠାରେ ଗତ ୨୨ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ଏ ସମ୍ପର୍କରେ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଗୁରୁବାର ଏହାର ରିପୋର୍ଟ ଆସିଛି। ଏହା ପାଣି ନୁହେଁ ପରିସ୍ରା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପରେ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ରିପୋର୍ଟକୁ ଭିତ୍ତିକରି ଆର. ଉଦୟଗିରି ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ ଜାରି ରହିଛି। ନଂ. ୮୦/୨୬ରେ ଏକ ମାମଲା ରୁଜୁ ହୋଇଛି। କିଏ କାହିଁକି ଏପରି କଲେ ଏବଂ କନିଷ୍ଠ ଯନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପରୀକ୍ଷା ପରେ ଆସିଥିବା ରିପୋର୍ଟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଗୁନି ପଥର ପଡ଼ିଛି,
କେତେ ଘଷି ମାଜି ହେଉ ଲୋ ସୁନ୍ଦରୀ
ତୋ ପାଇଁ ପୁରୁଷ ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ କି ମାଳରେ ନାହିଁ,
ଭଜି ଭଜି କରି ପାଇବୁ କାହିଁ ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁକୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଅର୍ଥନୀତି...

ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୧ରୁ ୨୫% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ଏହାବାଦ୍ ରୁଷିଆଠାରୁ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଭାରତ ଉପରେ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ଭାରତ ରୁଷିଆଠାରୁ ସର୍ବାଧିକ ଯୁଦ୍ଧାସ୍ତ୍ର କିଣିଥିବାବେଳେ ତୈଳ କ୍ରୟ କ୍ଷେତ୍ରରେ ଚାଇନା ପରେ ଦ୍ୱିତୀୟ ବଡ଼ ରାଷ୍ଟ୍ର। ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ସାଧାରଣ ଜନତାଙ୍କୁ ହତ୍ୟା କରୁଥିବାବେଳେ ଭାରତ ମସ୍କୋ ସହ ବ୍ୟବସାୟିକ ଘନିଷ୍ଠତା ବଢ଼ାଇବା ଯୁଦ୍ଧକୁ ଇନ୍ଧନ ଦେବା ସଦୃଶ ବୋଲି ଟ୍ରମ୍ପ ଏହା ପୂର୍ବରୁ ଅନେକ ଥର ସମାଲୋଚନା କରିଥିଲେ। ତେଣୁ ଭାରତକୁ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟ୍ରମ୍ପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ଏପରି ପକାଇଥିବାରୁ ତାଙ୍କ ସଦ୍ୟ ଘୋଷଣାକୁ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପ ଲଗାତର ଭାବେ ଦୁଇଦିନ ଧରି ଭାରତ ବିରୋଧୀ ଆଭିମୁଖ୍ୟକୁ କଠୋରକରି ଟାଣପଣ ଦେଖାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ଦେଶ ଭିତରେ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଅର୍ଥନୀତି ମୃତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବହିର୍ବ୍ୟାପାର ନୀତିକୁ ନଷ୍ଟ କରିଦେଇଛି। ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ 'ଡେଡ୍' କହିବା ଯୁକ୍ତିଯୁକ୍ତ। ଭାରତୀୟ ଅର୍ଥନୀତି ମୃତ ବୋଲି ସମସ୍ତେ ଜାଣନ୍ତି। ମୋଦି ଦେଶର ଅର୍ଥନୀତିକୁ ହତ୍ୟା କରିଛନ୍ତି। ଆଦାନୀ-ମୋଦି ସହଭାଗିତା, ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି, ବିଫଳତାର ସମାହାର, ଏମ୍‌ଏସ୍‌ଏମ୍‌ଇ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ କୃଷକମାରଣ ନୀତି ଯୋଗୁ ଏପରି ହୋଇଛି। ତେବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ହେବ, ଯାହାକୁ ଟ୍ରମ୍ପ ଚୂଡ଼ାନ୍ତ କରିବେ। ଟ୍ରମ୍ପ ଯାହା କହିବେ ମୋଦି ତାହା କରିବେ। ତେବେ ଟ୍ରମ୍ପ ସତ କହିଥିବାରୁ ରାହୁଲ ଖୁସି ଥିବା ଜଣାଇଛନ୍ତି। ମୋଦି ମଙ୍ଗଳବାର ଲୋକ ସଭାରେ ଭାଷଣ ଦେବାବେଳେ ଟ୍ରମ୍ପ କିମ୍ବା ଚାଇନାର ନାମ କାହିଁକି ଉଲ୍ଲେଖ କରି ନ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମର୍ଥନ କରିଥିବାରୁ ଭାଜପା ରାହୁଲଙ୍କୁ ସମାଲୋଚନା କରିଛି। ଭାରତକୁ ମିଳିଥିବା ସଫଳତା, ଦେଶବାସୀଙ୍କ ଆଶାଆକାଂକ୍ଷା ଓ ଜାତୀୟ ହିତ ଦୃଷ୍ଟିରୁ ଟ୍ରମ୍ପଙ୍କ କଥାକୁ ରାହୁଲ ଦୋହରାଇବା ଏକ ଲଜ୍ଜାଜନକ ବିଷୟ ବୋଲି ଶାସକ ଦଳ ନିନ୍ଦା କରିଛି।

### ପାକ୍ ସହ ତୈଳ...

ନେତୃତ୍ୱ କେଉଁ ତୈଳ କମ୍ପାନୀ ନେବ, ତାହା ଚୟନ କରିବା ପ୍ରକ୍ରିୟାରେ ଆମେ ରହିଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ବୋଲି ଅଭିହିତ କରିଛନ୍ତି। ଏହି ଡିଲ୍ ଯୋଗୁ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି ଶେହବାଜ୍ ଆଶାବ୍ୟକ୍ତ କରିବା ସହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଡିଓ ପାକିସ୍ତାନ ଅନୁସାରେ ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଏବଂ ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଏହି ଡିଲ୍ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ପାକିସ୍ତାନ ନିଜ ଭୂଖଣ୍ଡର ଉପକୂଳରେ ତୈଳ ଭଣ୍ଡାର ମହଜୁଦ ଥିବା ନେଇ ଦୀର୍ଘଦିନ ଧରି ଦାବି କରିଆସିଛି। ତେବେ ସେଥିରୁ ତୈଳ ଉତ୍ତୋଳନ କରିବା ଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏହାସତ୍ତ୍ୱେ ପାକିସ୍ତାନ ଏହି ଭଣ୍ଡାରଗୁଡ଼ିକୁ ଦେଖାଇ ଅନେକ ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ ଚଳାଇଛି। ପାକିସ୍ତାନ ବର୍ତ୍ତମାନ ନିଜ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରୁଛି।

### ୬ ଭାରତୀୟ କମ୍ପାନୀ...

ନିମନ୍ତେ ଆମେରିକା ଏବେ ପଦକ୍ଷେପ ନେଉଛି ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ଆମେରିକୀୟ କଟକଣାର ସମ୍ମୁଖୀନ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ କାଞ୍ଚନ ପଲିମର୍ସ, ଆଲକେମିକାଲ ସଲ୍ୟୁଶନ୍ସ, ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ, ଜୁପିଟର ଡାଏ କେମ୍ ପ୍ରା. ଲିଃ, ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ।

ଇରାନୀୟ ପେଟ୍ରୋଲିୟମ, ପେଟ୍ରୋଲିୟମ ଉତ୍ପାଦ ଏବଂ ପେଟ୍ରୋକେମିକାଲ ବାଣିଜ୍ୟରେ ସାମିଲ ଥିବା ବିଶ୍ୱର ୨୦ଟି ସଂସ୍ଥା ଉପରେ ଆମେରିକା କଟକଣା ଲଗାଇଥିବା ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ୱାଶିଂଟନର କଟକଣା ବିପଦ ସତ୍ତ୍ୱେ ଯେଉଁ ଦେଶ ଇରାନରୁ ତେଲ କିମ୍ବା ପେଟ୍ରୋକେମିକାଲ କିଣିବେ, ସେମାନଙ୍କୁ ଆମେରିକା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତୀୟ କମ୍ପାନୀ କାଞ୍ଚନ ପଲିମର୍ସ ୨୦୨୪ ଫେବୃଆରୀରୁ ଜୁଲାଇ ମଧ୍ୟରେ ୟୁଏଇରେ ଥିବା ଟାନାଇସ୍ ଟ୍ରେଡିଂଠାରୁ ୧୩ ନିୟୁତ ଡଲାର ମୂଲ୍ୟର ପଲିଇଥାଇଲିନ୍ ସମେତ ଇରାନୀୟ ମୂଳ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଅନ୍ୟତମ ଭାରତୀୟ ପେଟ୍ରୋକେମିକାଲ ଟ୍ରେଡିଂ କମ୍ପାନୀ ଆଲକେମିକାଲ ସଲ୍ୟୁଶନ୍ସ ୨୦୨୪ ଜାନୁଆରୀରୁ ଡିସେମ୍ବର ମଧ୍ୟରୁ ୮୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ ସାମଗ୍ରୀ ବିଭିନ୍ନ କମ୍ପାନୀଠାରୁ କିଣିଥିଲା। ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ ୨୨ ନିୟୁତ ଡଲାର ମୂଲ୍ୟର ମିଥାନୋଲ ଏବଂ ଟୋଲୁଇନ୍ ସମେତ ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଜୁପିଟର ଡାଏ କେମ୍ ପ୍ରାଇଭେଟ୍ ଲିଃ ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ୪୯ ନିୟୁତ ଡଲାରରୁ ଅଧିକ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ୍ ପ୍ରଡକ୍ଟ କିଣିଥିବାବେଳେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ ଗତବର୍ଷ ଯଥାକ୍ରମେ ୫୧ ନିୟୁତ ଡଲାର ଏବଂ ୧୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ପେଟ୍ରୋକେମିକାଲ କିଣିଥିଲେ।

### ଦେଶ ସ୍ୱାର୍ଥରେ...

ଆଡୁ ଏହା ଉପରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ସରକାର ଏହି ଟାରିଫ୍ ଘୋଷଣାର ସମ୍ଭାବ୍ୟ ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ସବୁ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମହତ୍ କାମରେ ଅର୍ଥ ବିନିଯୋଗ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ସକାଶେ ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ**: ତୃତୀୟସ୍ଥ ବୁଧାଦିତ୍ୟ ଯୋଗ ହେତୁ ଯାହା ମନେ ମନେ ଭାବୁଛନ୍ତି ତାହାକୁ ଯଥାଶୀଘ୍ର ଆରମ୍ଭ କରିନେବା ଭଲ ହେବ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଅଭାବ ରହିବ ନାହିଁ। ପରିସ୍ଥିତିରେ ପଡି କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇ ଚିନ୍ତିତ ରହିପାରନ୍ତି । ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିବେ।

**ମିଥୁନ**: ରାଶିରେ ଗୁରୁଶୁକ୍ର ଥିବାରୁ ସକାଳୁ ଘର ପାଇଁ କୌଣସି କାମରେ ମନଦେଇ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢାଇବା ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟି ସୁଧାରିବା ଚେଷ୍ଟା ଅବ୍ୟାହତ ରହିବ। ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ବ୍ୟବସାୟିକ ସଫଳତା ମିଳିବ।

**କର୍କଟ**: ଆଜି ଭାଗ୍ୟକର୍ମାଧିପଙ୍କ ସଂଯୋଗରୁ କିଛି ନୂଆ କାମ ଆରମ୍ଭ କରିବାକୁ ଚିନ୍ତା କରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। ବିବାଦୀୟ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ପରିବାରରେ ସମସ୍ୟାର ଆଶଙ୍କା ରହିଛି।

**ସିଂହ**: ରାଶିରେ କେତୁ ଆପଣଙ୍କ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟଜାତିର ବ୍ୟକ୍ତି ସହାୟତା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା**: ଆଜିର ଦ୍ୱିତୀୟ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ, ଯାତ୍ରାରେ ସଫଳତା ସାଙ୍ଗକୁ ବ୍ୟବସାୟରେ ଲାଭବାନ୍ କରାଇବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରିପାରନ୍ତି। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା**: କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରୁ ପାଇ ନ ଥିବା ବକେୟା ଆଜି ପାଇବାର ସମ୍ଭାବନା ରହିଛି। ବିଷାଦିତ ମନ ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି।

**ବିଛା**: ମଙ୍ଗଳ ଏକାଦଶରେ ରହି ଆପଣଙ୍କୁ ଆର୍ଥିକ ସହାୟତା କିମ୍ବା ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ସାହାଯ୍ୟ କରିବେ। ଅଟକି ରହିଥିବା କାମର ପୁନଃ ଆରମ୍ଭ ସାଙ୍ଗକୁ ବନ୍ଧୁଙ୍କ ସହ ଆଲୋଚନାରୁ ଖୁସି ହେବେ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବାକୁ ବାଧ୍ୟ ହେବେ।

**ଧନୁ**: ରାଶିକୁ ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପଦକ୍ଷେପ ନେଇପାରିବେ ନାହିଁ। ଆଶା କରିଥିବା ଦିଗରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ।

**ମକର**: ସପ୍ତମସ୍ଥ ରବି ଓ ବୁଧ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରୁ ଗୁଜବ ଶୁଣି ମନ ବିଚଳିତ ରହିବ। ଅତୀତ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ବୁଦ୍ଧିଜୀବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା କରାଯାଇପାରେ।

**କୁମ୍ଭ**: ଚତୁର୍ଥସ୍ଥାନ ଶନି ଦୃଷ୍ଟିରେ ଥିବାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମନ ଅଶାନ୍ତ ରହିବ। ଲକ୍ଷ୍ୟହୀନ ଭ୍ରମଣ ହେତୁକ ସାମୟିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ମିଳିବ।

**ମୀନ**: ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ନିଜ ଆଡୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ ଆଶା ପୂରଣ ହେବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ, ଘ.୦୬।୧୭ ମଧ୍ୟେ, ଘ.୦୭।୦୯ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ ।

# ମନ୍ତ୍ରୀଙ୍କ ପର୍‌ଫର୍ମାନ୍ସ ରିପୋର୍ଟ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

## ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବେ ସବୁ ସଚିବ: ମୁଖ୍ୟ ସଚିବ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧ବର୍ଷ ଭିତରେ କ'ଣ ସବୁ ସଫଳତା ହାସଲ କରିଛି, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ କାର୍ଯ୍ୟକାରୀ ହୋଇଛି ଓ କେଉଁ ଆହ୍ୱାନମାନ ରହିଛି ସେହି ସମ୍ବନ୍ଧୀୟ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗଠାରୁ ଲୋଡ଼ିଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ମନୋଜ ଆହୁଜା ପ୍ରଦାନ କରିଥିବା ନୋଟ୍ ଶିଟ୍‌ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟରେ ଟିକିନିଖି ଭାବେ ଜାଣିବାକୁ ଚାହୁଁଛନ୍ତି। ଚଳିତବର୍ଷ ମେ' ସୁଦ୍ଧା ବିଭାଗରେ ନିୟମିତ ସମୀକ୍ଷା କରାଯାଇଛି କି ନାହିଁ, ଏହାସହିତ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା କାର୍ଯ୍ୟକ୍ରମର ମୂଲ୍ୟାୟନ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀମାନେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ରହିଛି। ତେବେ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ ବେଳେ ବିଶେଷକରି ୧୦ଟି ଦିଗରେ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି।

ମୁଖ୍ୟସଚିବ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ କ'ଣ ସବୁ ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାକୁ ରହିଥିଲା ଏବଂ କେଉଁ ବୃହତ୍ ଯୋଜନା କାର୍ଯ୍ୟକାରୀ ହେଉଛି ଓ ତା'ର ସ୍ଥିତି ମେ' ସୁଦ୍ଧା କ'ଣ ରହିଛି ; ସେଗୁଡ଼ିକୁ ୩ଟି ସ୍ଲାଇଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ହେବ। ତଥ୍ୟ ପ୍ରଦାନ ବେଳେ ସରକାରଙ୍କ ବଜେଟର ସର୍ତ୍ତ କ'ଣ ରହିଥିଲା ଏବଂ କେତେ ପରିମାଣର କାର୍ଯ୍ୟକାରିତା ହୋଇଛି ତାହାକୁ ଦର୍ଶାଇବାକୁ ପଡ଼ିବ। ସେହିପରି ଯଦି ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୌଣସି ଆହ୍ୱାନ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ତାକୁ ଚେକ୍ ଆଣ୍ଡ୍ ବାଲାନ୍ସ ନୀତିରେ ନିଷ୍ପତ୍ତି ନେବାକୁ ହେବ। ଏହାସହିତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିଭଳି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେଥିପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ନେଇ ଦର୍ଶାଇବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେହିପରି ବିଭାଗ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା କେତେଦୂର ହୋଇଛି ତା'ର ମୂଲ୍ୟାୟନ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେବାକୁ ପଡ଼ିବ। ଏହାସହିତ ଯଦି ବିଭାଗ ପକ୍ଷରୁ କୌଣସି 'ଭିଜିଟ୍' ହୋଇଥାଏ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବା ସହିତ କେଉଁ ଜିଲାରେ କେତେ ତାରିଖରେ ଭିଜିଟ୍ ଏବଂ ବୈଠକ ହୋଇଥିଲା ତା'ର ମଧ୍ୟ ତଥ୍ୟ ଦେବାକୁ ହେବ ବୋଲି ନୋଟ୍ ଶିଟ୍ ଜରିଆରେ ଉଲ୍ଲେଖ କରାଯାଇଛି।

ମୁଖ୍ୟସଚିବ ଆହୁରି ଦର୍ଶାଇଛନ୍ତି, ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ବିଭାଗ ଗୁରୁତ୍ୱ ଦେଉଛି କି ନାହିଁ ତା'ର ସାପ୍ତାହିକ ରିପୋର୍ଟ ଦେବାକୁ ପଡ଼ିବ। କେତେ ଅଭିଯୋଗ ସପ୍ତାହକ ମଧ୍ୟରେ, କେତେ ୨ରୁ ୩ ସପ୍ତାହ ଏବଂ କେତେ ୩ରୁ ୭ସପ୍ତାହ ଭିତରେ ହୋଇଛି ତାହା ଦର୍ଶାଇବାକୁ ହେବ। ଏପରି କି ସପ୍ତାହକୁ କେତେ ଅଭିଯୋଗ ବକେୟା ରହିଯାଉଛି ତା'ର ତଥ୍ୟ ମଧ୍ୟ ଦେବାକୁ ହେବ। ବିଭାଗ ପକ୍ଷରୁ ପ୍ରଶାସନକୁ ଗତିଶୀଳ କରିବା ଲାଗି କ'ଣ ସବୁ ନୂତନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଏବଂ ଆଗାମୀ ଦିନରେ ହେବାକୁ ରହିଛି, ସେସବୁକୁ ସ୍ଲାଇଡ୍ ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବିଶେଷକରି ସାମାଜିକ ଗଣମାଧ୍ୟମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗର ସମ୍ପୃକ୍ତି ରହିଥିବ, ତାହାକୁ ହିଁ ସ୍ଲାଇଡ୍‌ରେ ଦେବାକୁ ହେବ। ଏଥିସହିତ ସାମାଜିକ ଗଣମାଧ୍ୟମକୁ ବିଭାଗ କେତେଦୂର ଗୁରୁତ୍ୱ ଦେଉଛି ସେ ସଂକ୍ରାନ୍ତରେ ମୁଖ୍ୟସଚିବ ମନୋଜ ଆହୁଜା ସମସ୍ତ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

# ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ ଆୟୁକ୍ତ ୨ଟି ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏ ପୁସ୍ତକରେ ପୂର୍ଣ୍ଣାଙ୍ଗ ବିବରଣୀ ରହିଥିବାବେଳେ ଅନ୍ୟଟିରେ ଏହାର ସାରାଂଶ(ସିନୋପ୍‌ସିସ୍) ରହିଛି। ତଦନ୍ତ ରିପୋର୍ଟରେ କ'ଣ ରହିଛି ଏବଂ କାହାକୁ ଦାୟୀ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଟିକିନିଖି ଦର୍ଶାଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କେଉଁମାନଙ୍କ ବିରୋଧରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଗୁରୁବାର ଅପରାହ୍ନରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ରିପୋର୍ଟ ସନ୍ଧ୍ୟା ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ଟିକିନିଖି ରିପୋର୍ଟ ପ୍ରଦାନ କରାଯାଇଛି। ମାତ୍ର ରିପୋର୍ଟରେ କ'ଣ ରହିଛି ତାହା କେବଳ ସରକାର ହିଁ କହିପାରିବେ। ତେବେ ଚଳିତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତଙ୍କ ଦର୍ଶନ ବେଳେ ଦଳାଚକଟା ଘଟଣା ଯୋଗୁ ୩ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ଗ୍ରହଣ କରି ଏହାର ତଦନ୍ତଭାର ଉନ୍ନୟନ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ଦେବାକୁ ଉନ୍ନୟନ ଆୟୁକ୍ତଙ୍କୁ କୁହାଯାଇଥିଲା।

### ରଥଯାତ୍ରା ଦଳାଚକଟା ମୃତ୍ୟୁ ପ୍ରସଙ୍ଗ
### କିଏ ଦାୟୀ: ତାକୁ ନେଇ ବଢୁଛି ସସ୍‌ପେନ୍ସ

ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ଏହାସହିତ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ଚାଷୀ ପଞ୍ଜୀକରଣରେ ଅସୁବିଧା ଥିଲେ ଫୋନ୍ କର: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)

ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି। ବର୍ତ୍ତମାନ ଯାଏ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି। ଗତବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଏଥିରେ ବେଶି ବ୍ୟବଧାନ ନାହିଁ। ଗତବର୍ଷ ଜୁଲାଇ ୧୫ ରୁ ଆରମ୍ଭ ହୋଇଥିଲା। ଏଥର ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେଶନ ଫର୍ମରେ ଦସ୍ତଖତ କରିବେ। ଯାହା ନାଁରେ ରେକର୍ଡ ଯଥା ବାପା କିମ୍ବା ଭାଇଙ୍କ ନାଁରେ ରେକର୍ଡ ଥିଲେ କେବଳ ଲେଖିକରି ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଛି। ଜୋରସୋରରେ ପଞ୍ଜୀକରଣ ଚାଲିଛି। କୌଣସି ଅସୁବିଧା ନାହିଁ। ଅସୁବିଧା ଥିଲେ ଦିଆଯାଇଥିବା ଟେଲିଫୋନ ନମ୍ବରରେ ଫୋନ କରନ୍ତୁ ବୋଲି ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଚାଉଳ ପ୍ରସଙ୍ଗରେ ମନ୍ତ୍ରୀ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲି। ସେ ଚାଉଳ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି, ଏଯାଏଁ କିଛି ଅର୍ଡର ଆସି ନାହିଁ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ତାହାର ସମାଧାନ ହେବ। ଖରିଫ ପାଇଁ ଏବେ ପଞ୍ଜୀକରଣ ହେଉଛି। ଗତବର୍ଷ ୭୩ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏବର୍ଷ ଆଉଟିକେ ଅଧିକ ସଂଗ୍ରହ ହେବ। ପଞ୍ଜୀକରଣ ପରେ କେତେ ଧାନ ସଂଗ୍ରହ ହେବ ଆଉଟିକେ ସ୍ପଷ୍ଟ ହୋଇଯିବ। ଇ-କେୱାଇସିରେ ଅନେକ ଅଯୋଗ୍ୟ ଚାଷୀ ଧରାପଡ଼ିଲେଣି। ସେଥିରୁ ମଧ୍ୟ ଚାଷୀ ସଂଖ୍ୟା କମିପାରେ। ଚାଷ ଯେଉଁ ଜାଗାରେ ହେଉ ନ ଥିଲା ସେଠାରେ ମଧ୍ୟ ଏଥର ଚାଷ ହୋଇଛି। ନିଶ୍ଚୟ ଧାନ ଏବଂ ଚାଉଳ ଉତ୍ପାଦନ ବଢ଼ିବ। ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ଉତ୍ପାଦନ ହେବ ଆମେ ନେବୁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଡେଲିଭରି ବୟଙ୍କ ପାଇଁ ଆସିବ ମାର୍ଗଦର୍ଶିକା


ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଡେଲିଭରି ବୟଙ୍କ ପାଇଁ ମାର୍ଗଦର୍ଶିକା ଆସିବ। ଶୀଘ୍ର ପାର୍ସଲ ପହାଞ୍ଚାଇବା ପାଇଁ ଡେଲିଭରି ବୟ ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଅନେକ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ହାର ବଢୁଥିବାରୁ ରାଜ୍ୟ ପରିବହନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଗ୍ରାହକଙ୍କୁ ଖୁସି କରାଇବା ପାଇଁ ହୋମ୍ ଡେଲିଭରି କରୁଥିବା ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଯାତାୟାତ ସମୟକୁ ନିର୍ଦ୍ଧାରିତ ନ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ସଚେତନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ୫ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ବାଣ୍ଟିଲେ ସରକାର

ଭୁବନେଶ୍ୱର, ୩୧।୭
(ସୁନୀତ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ବଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଅତିରିକ୍ତଭାବେ ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରି କର୍ପୋରେଶନର ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିଭଳି ତାଙ୍କୁ ଓଡ଼ିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେଶନର ଏମ୍‌ଡିଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏଡିଏମ୍ ଥିବା ଧୀନା ଦସ୍ତାଗେଙ୍କୁ ଅତିରିକ୍ତଭାବେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର, ରାଉରକେଲା ସ୍ମାର୍ଟ ସିଟି ସିଇଓ ଏବଂ ରାଉରକୋଲା ଡେଭଲପମେଣ୍ଟ ଅଥରିଟି ସେକ୍ରେଟାରିଭାବେ ଦାୟିତ୍ୱ ମିଳିଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ରେହାନ ଖାତ୍ରୀଙ୍କୁ ଅତିରିକ୍ତଭାବେ ସମ୍ବଲପୁର ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କଟକ ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ କିରଣଦୀପ୍ କୌର ସହୋଟାଙ୍କୁ ଅତିରିକ୍ତଭାବେ କଟକ ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଥିବା ୨୦୨୧ ବ୍ୟାଚ୍‌ର ପ୍ରଥମେଶ ଅରବିନ୍ଦ୍ ରାଜେଶହିର୍‌କେଙ୍କୁ ଅତିରିକ୍ତଭାବେ ବ୍ରହ୍ମପୁର ଡେଭେଲପମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କ ଦସ୍ତଖତରେ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।






ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। –ଶ୍ରୀମା



# ଏଆଇ ବନ୍ଧୁ ନୁହେଁ



ପିଟର ଜି. କିର୍ଛାଲାଗର

ପିଲାଙ୍କ ସମେତ ସମସ୍ତେ ଏଆଇ ସହ ବନ୍ଧୁ କିମ୍ବା ସାଥୀ ହେବା ଉଚିତ ବୋଲି ମେଟା ସିଇଓ ମାର୍କ ଜୁକରବର୍ଗ ଏବଂ ଓପନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସାମ୍ ଅଲଟମ୍ୟାନ୍ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ସମୟରେ ଆମକୁ ଆମ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସହଯୋଗ କରିବା, ନିୟମିତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିର୍ଦ୍ଧାରଣରେ ମାର୍ଗଦର୍ଶନ କରିବା ସକାଶେ ଅନ୍ତଃରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ 'ଏଆଇ ଏଜେଣ୍ଟସ୍'(ଏଆଇ ସଫ୍ଟୱେର) ଡିଜାଇନ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବାସ୍ତବରେ ଏଆଇ ସିଷ୍ଟମ୍ ଆମର ଏବେ ବନ୍ଧୁ, ସାଥୀ କିମ୍ବା ପ୍ରତିନିଧି ହୋଇନାହିଁ କି ଭବିଷ୍ୟତରେ କେବେ ବି ହୋଇପାରିବ ନାହିଁ। ଆମେ ବିଶ୍ୱାସ କରିବା ଉଚିତ, ସେଗୁଡ଼ିକ ସବୁବେଳେ ମେଶିନ ହୋଇ ରହିବେ। ସେଥିରୁ ଭିନ୍ନ କିଛି ଫଳାଫଳ ମିଳିବ ବୋଲି ଦର୍ଶାଯାଇ ଯେଭଳି ଭୁଲ୍ ପ୍ରଚାର କରାଯାଉଛି ତାହା ବିରୋଧରେ ସ୍ୱର ଉଠାଇବା ଦରକାର।

'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ବଡ଼ ଭ୍ରମାତ୍ମକ ଶବ୍ଦ। ଏହି ସିଷ୍ଟମ ପ୍ରକୃତରେ ବୁଦ୍ଧିସମ୍ପନ୍ନ ନୁହେଁ। ଏବେ ଆମେ ଯାହାକୁ ଏଆଇ ବୋଲି କହୁଛୁ ସେସବୁ କେବଳ ଯାନ୍ତ୍ରିକ ଉପକରଣ ସମୂହ ଏବଂ ନିର୍ଦ୍ଦିଷ୍ଟ ଭାବେ ମସ୍ତିଷ୍କ କରୁଥିବା କେତେକ କାର୍ଯ୍ୟର ନକଲ କରିଥାଏ। ସେସବୁ ବାସ୍ତବ ଜ୍ଞାନ ପାଇଁ ସକ୍ଷମ ନୁହନ୍ତି। ସେଗୁଡ଼ିକ କେବଳ ତଥ୍ୟ ଉପରେ ଆଧାରିତ ଓ ବ୍ୟକ୍ତିଗତ ଭାବନ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ; ସ୍ୱଚ୍ଛ କିମ୍ବା ନିଷ୍ପକ୍ଷ ମଧ୍ୟ ନୁହନ୍ତି। ଏଆଇ ସିଷ୍ଟମ ଚାଟଜିପିଟି ଦ୍ୱାରା ସୃଷ୍ଟ ତଥ୍ୟ ଉପରେ ଅଧିକ ନିର୍ଭର କରୁଛି। ଏହାକୁ ଯାହା ତଥ୍ୟ ଯୋଗାଇ ଦିଆଯିବ ସେହି ଅନୁସାରେ ସେଥିରୁ ଫଳାଫଳ ମିଳିବ। ପ୍ରକୃତ କଥା ହେଉଛି, ବୁଦ୍ଧିମତ୍ତା କହିଲେ କେବଳ କାମ କରିବାକୁ ବୁଝାଏ ନାହିଁ, ବରଂ କାମଗୁଡ଼ିକ ବିଷୟରେ ଚିନ୍ତା କରି ସେସବୁ କିଭଳି କରାଯାଇପାରିବ ତାହା ହେଉଛି ବୁଦ୍ଧିମତ୍ତା। ପ୍ରଯୁକ୍ତିଗତ ଦକ୍ଷତା ଥିବା ସତ୍ତ୍ୱେ ଏଆଇ ମଡେଲଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ବୃହତ୍ ଡେଟାସେଟ ପ୍ରୋସେସିଂ, ଯୁକ୍ତିଯୁକ୍ତ ନିଷ୍ପତ୍ତିରେ ପହଞ୍ଚିବା ଏବଂ ଆକଳନ କରିବାରେ ସୀମିତ ହୋଇ ରହିଥାନ୍ତି।

ସାମାଜିକ ସ୍ତରରେ ବ୍ୟକ୍ତିଗତ ସମ୍ପର୍କକୁ ଭଲ ଭାବେ ବୁଝିବାର କ୍ଷମତା ବିଷୟକୁ ଦେଖିଲେ ଏଆଇ ମେଶିନଗୁଡ଼ିକ ଭାବନା, କଥାବାର୍ତ୍ତା ଓ ସମ୍ପର୍କର ବାସ୍ତବତାକୁ କେବଳ ଅନୁସରଣ କରିପାରେ। ଉଦାହରଣ ସ୍ୱରୂପ, ଯେତେବେଳେ ରୋଗୀ କାନ୍ଦେ, ସେତେବେଳେ ହିଁ ଏକ ମେଡିକାଲ ରୋବୋ କାନ୍ଦେ। ସେହି ଅନୁସାରେ ତାହାକୁ ଡିଜାଇନ କରାଯାଇପାରେ। ଏଣୁ କେହି ବି ଯୁକ୍ତି କରିପାରିବେ ନାହିଁ, ଏହା ବାସ୍ତବରେ ଦୁଃଖ ଅନୁଭବ କରିପାରେ। ରୋଗୀଙ୍କୁ ଚାପୁଡ଼ା ମାରିବାକୁ ସେହି



ସମାନ ରୋବୋକୁ ମଧ୍ୟ ଡିଜାଇନ କରାଯାଇପାରେ ଓ ତାହା ଠିକ୍ ଭାବେ ନିର୍ଦ୍ଦେଶ ପାଳନ କରିବ ଏବଂ ଏଥିରେ ତାହାର ନିଜସ୍ୱ ବିଚାର କି ବାସ୍ତବିକତା ନ ଥାଏ । ମେଶିନ ଯତ୍ନ ନିଏ ନାହିଁ, ଏହା କେବଳ ନିର୍ଦ୍ଦେଶକୁ ଅନୁସରଣ କରେ। ଏଆଇ ସିଷ୍ଟମ ଯେତେ ବିକଶିତ ହେଉନା କାହିଁକି ସେଥିରେ କୌଣସି ବଡ଼ ପରିବର୍ତ୍ତନ ଆସିବାର ନାହିଁ। ସିଧା କହିବାକୁ ଗଲେ ମେଶିନର କୌଣସି ନୈତିକ କ୍ଷମତା ନାହିଁ। ମଣିଷ ସୃଷ୍ଟି କରିଥିବା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକ ବ୍ୟବହାର କରିଥାନ୍ତି। ଅନ୍ୟପଟେ ସ୍ୱୟଂଚାଳିତ ନୈତିକତା ଏବଂ ନୈତିକ ମାନଦଣ୍ଡ ଅନୁସାରେ ମଣିଷର ବ୍ୟବହାର କରିବାର କ୍ଷମତା ରହିଛି। କିନ୍ତୁ କୌଣସି ସ୍ଥିତିରେ ତଥ୍ୟ ଉପରେ ନିର୍ଭର କରି ସଫ୍ଟୱେର ମାଧ୍ୟମରେ କାମ କରିବା ସକାଶେ ଏଆଇ ସିଷ୍ଟମଗୁଡ଼ିକୁ ଡିଜାଇନ କରାଯାଏ। ସେସବୁ ସେଲ୍ଫ ଲର୍ନିଂ ବା ସ୍ୱଶିକ୍ଷଣ ମାଧ୍ୟମରେ ବ୍ୟବହାର ବଦଳାଇପାରେ, କିନ୍ତୁ ନେଉଥିବା ନିଷ୍ପତ୍ତିର କୌଣସି ଅନ୍ତର୍ନିହିତ ନୈତିକ ମୂଲ୍ୟ ନ ଥାଏ। ସ୍ୱୟଂଚାଳିତ କାର୍ କଥା ଦେଖାଯାଉ। ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନରେ ଠିକ୍ ସମୟରେ ଶୀଘ୍ର ପହଞ୍ଚିବା ପାଇଁ ଏକ ସ୍ୱୟଂଚାଳିତ କାର୍‌ରେ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସିଷ୍ଟମର ବିକାଶ କରାଯାଇଛି। ଯଦି କାରକୁ ଠିକ୍ ଭାବେ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ତାହା ପଥଚାରୀ ଉପରେ ମାଡ଼ିଯିବ, କାରଣ ଏହା ଲୋକଙ୍କର କ୍ଷତି କରିବାର ନୈତିକ ଦିଗକୁ ବିଚାର କରିପାରେ ନାହିଁ। ଏମିତି ଘଟିବାର କାରଣ ହେଉଛି, ନୈତିକ କାର୍ଯ୍ୟର ସିଦ୍ଧାନ୍ତକୁ କେଉଁ ପରିସ୍ଥିତିରେ ଲାଗୁ କରାଯିବ ତାହା ଗ୍ରହଣ କରିବା ପାଇଁ ମେଶିନ ଅକ୍ଷମ। ନୈତିକ ବିଚାର ସାଧାରଣତଃ ଅନ୍ୟମାନେ ଗ୍ରହଣ କରିପାରୁଥିବା ଏକ ଯୁକ୍ତିଯୁକ୍ତ ତଥା ବିଶ୍ୱସନୀୟ ସିଦ୍ଧାନ୍ତ ଯୋଗାଇ ଦେବାର ଦକ୍ଷତା ଉପରେ ନିର୍ଭର କରେ। କେଉଁ କାମ ନୈତିକତା ଦୃଷ୍ଟିରୁ ଭଲ କିମ୍ବା ମନ୍ଦ, ତାହା ଆକଳନ କରିବାର କ୍ଷମତା ମଣିଷର ଅଛି, କିନ୍ତୁ ତାହା ମେଶିନ ଦ୍ୱାରା ସମ୍ଭବ ନୁହେଁ।

ଏଣୁ ଡେଟା ବେସ୍‌ଡ ସିଷ୍ଟମ ବା ତଥ୍ୟ ଆଧାରିତ ସିଷ୍ଟମ (ଡିଏସ୍)ଏଆଇଠାରୁ ଅଧିକ ଉପଯୁକ୍ତ। କାରଣ, ଆକଳନ ଓ ଅନୁଧ୍ୟାନ କରିବା ପାଇଁ ଏଆଇର ଡେଟା ସୃଷ୍ଟି, ସଂଗ୍ରହ, ପ୍ରକ୍ରିୟା ତଥା ମୂଲ୍ୟାୟନ ଭଳି କାମକୁ ଏହା ଦର୍ଶାଇପାରେ। ଏହା ମଧ୍ୟ ଏବକାର ବିକଶିତ ପ୍ରଯୁକ୍ତିର ଶକ୍ତି ଓ ସୀମା ସମ୍ପର୍କରେ ସୂଚିତ କରେ। ସେଗୁଡ଼ିକର କେନ୍ଦ୍ରରେ ଥିବା ଅନେକ ସିଷ୍ଟମରେ ବ୍ୟାପକ ତଥ୍ୟ ଅନୁଧ୍ୟାନ କରିବା ପାଇଁ ଅତ୍ୟନ୍ତ ଉନ୍ନତ ଗାଣିତିକ ପଦ୍ଧତି ଅଛି। ଡିଏସ୍ କ'ଣ କରୁଛି କିମ୍ବା ତା'ଚାରିପାଖରେ କ'ଣ ଘଟୁଛି ସେ ସମ୍ପର୍କରେ ତାହାର କୌଣସି ଜ୍ଞାନ ନ ଥାଏ । ଏହା କହିବାର ମାନେ ଏହା ନୁହେଁ ଯେ, ଡିଏସ୍ ମାନବ ସମାଜ କିମ୍ବା ପୃଥିବୀର ଉପକାର କରିପାରିବ ନାହିଁ। ଯେଉଁ କ୍ଷେତ୍ରରେ ତାହାର କ୍ଷମତା ଆମଠାରୁ ଅଧିକ ସେହି କ୍ଷେତ୍ରରେ ଆମେ ସେଗୁଡ଼ିକ ଉପରେ ଭରସା କରିପାରିବା ଏବଂ ଏହା କରିବା ଉଚିତ ମଧ୍ୟ । କିନ୍ତୁ ସେସବୁ ସାମ୍ନାକୁ ଆଣୁଥିବା ନୈତିକ ବିପଦଗୁଡ଼ିକୁ ଆମେ ନିୟନ୍ତ୍ରଣ ଓ ହ୍ରାସ କରିବା ପାଇଁ ସକ୍ରିୟତା ପ୍ରକାଶ କରିବା ଉଚିତ। ମାନବ ଅଧିକାର ଆଧାରିତ ଡିଏସ୍ ବିକାଶ କରିବା ଦରକାର। ଜାତିସଂଘରେ ଏକ ଅନ୍ତର୍ଜାତୀୟ ତଥ୍ୟ ଆଧାରିତ ସିଷ୍ଟମ ଏଜେନ୍ସି ଗଠନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ ହେବ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଆମକୁ ଅଲଗା କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ଆମ ସମାଜଗୁଡ଼ିକୁ ବିଭାଜିତ କରିଦେଇଛନ୍ତି। ଆସକ୍ତିଗତ ତଥା କ୍ଷତିକାରକ ଗୁଣକୁ ଦେଖିଲେ ଏହାକୁ ସମାଜ ବିରୋଧୀ ମିଡିଆ କହିବା ଅଧିକ ପ୍ରାସଙ୍ଗିକ ହେବ। ଏବେ ସେହିସବୁ କମ୍ପାନୀଗୁଡ଼ିକ ଏଆଇକୁ ବନ୍ଧୁ ଓ ସାଥୀ କହିଚାଲିଛନ୍ତି। ତା' ସହ ମଣିଷର ସମ୍ପର୍କ ପ୍ରତିଷ୍ଠା କରିବା ଦରକାର ବୋଲି କହି ଏକ ନୂଆ ରଢ଼ିବାଦୀ କଥାକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ଏହି ସମୟରେ ଏହିସବୁ କମ୍ପାନୀ ଲଗାତର ତଥାକଥିତ 'ବ୍ଲାକ ବକ୍ସ ପ୍ରୋବ୍ଲେମ' ଅର୍ଥାତ୍ ଅପ୍ରତ୍ୟାଶିତତା, ଅପାରଦର୍ଶିତା ତଥା ଗାଣିତିକ ପ୍ରକ୍ରିୟାରେ ଆକଳନ, ନିଷ୍ପତ୍ତିରେ ସ୍ୱଚ୍ଛତାର ଅଭାବ ତଥା ପକ୍ଷପାତିତା ଭଳି ସମସ୍ୟାକୁ ଅଣଦେଖା କରି ଆସୁଛନ୍ତି। ଦେଖିବାକୁ ଗଲେ ଡିଏସ୍ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ଆମକୁ ପ୍ରଭାବିତ କରୁଥିବା ଅତ୍ୟଧିକ କ୍ଷତିକାରକ ଧାରାରୁ ଆମ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ନେଇ ସାରିଲାଣି। ତଥାପି ଡିଏସ୍ ସିଷ୍ଟମଗୁଡ଼ିକ ଆମ ନିଷ୍ପତ୍ତିକୁ ମାର୍ଗଦର୍ଶନ କରୁ ବୋଲି ଟେକ୍ ସିଇଓମାନେ ଚାହୁଁଛନ୍ତି। ଆମର ତଥା ଆମ ପରପିଢ଼ିର ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବାକୁ ଆମେ ମେଶିନ୍‌ର ଛଦ୍ମ ଆଚରଣକୁ ଅନୁମତି ଦେବା ଉଚିତ ନୁହେଁ।

**ଏଥିକ୍ସ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଏଥିକ୍ସ(ଲୁସର୍ନ ୟୁନିଭର୍ସିଟି, ସୁଇଜରଲାଣ୍ଡ)**

# ମରିବାକୁ ନୁହେଁ ଜନ୍ମ ମୋର



ମୀରା ବେଉରା

ଜଣେ ନାରୀ ସ୍ୱାବଲମ୍ବୀ ହେଲେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇଥାଏ। କିନ୍ତୁ ଦେଖାଯାଉଛି , ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ିରହିଛି। ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି। ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଅଛି ଓଡ଼ିଶା। ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ। ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି। ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ, ଦ୍ୱିତୀୟ ସ୍ଥାନରେ ଆସାମ ଓ ତୃତୀୟ ସ୍ଥାନରେ ଅଛି ମଧ୍ୟପ୍ରଦେଶ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପରେ ସମସ୍ତଙ୍କ ନିଦ ହଜିଯାଇଛି। କେବଳ ସୌମ୍ୟାଶ୍ରୀ ନୁହନ୍ତି ଏହା ପୂର୍ବରୁ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି। ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝି ଯୁଝି ଟଳିପଡୁଛି। ଗୁହାରି କରିବା କାହାକୁ ? ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ। ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହା ଦ୍ୱାରା ଏଭଳି ଘଟଣା ଆହୁରି ତୀବ୍ର ହେବାରେ ଲାଗିଛି।

ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦାର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ଛଡ଼ାଇ ନେଉଛେ, ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ। ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ। ଏହା କ'ଣ ନ୍ୟାୟ ବ୍ୟବସ୍ଥା ? ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନ କରୁ। କଥା ହେଉଛି ଝିଅଟି ବଞ୍ଚିଥିବା ବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ। ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲା ବଳଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ଯଦି ନୀରବ ରହିବା ତେବେ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ। କେବଳ ସୌମ୍ୟାଶ୍ରୀ ନୁହନ୍ତି କି ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନୁହନ୍ତି, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପରି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ।

ଏବେ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଛାତ୍ରୀମାନଙ୍କ ଆତ୍ମସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। କେବଳ ଯୋଜନା କିମ୍ବା ଆଇନ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ। ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ। ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ କନ୍ୟାରତ୍ନ ସ୍ୱାଭିମାନ, ଆତ୍ମମର୍ଯ୍ୟାଦା ତଥା ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ ସେହିଦିନ ଦାବି କରିବା ଆମେ ଏ ଭାରତବର୍ଷର ଉପଯୁକ୍ତ ଦାୟାଦ।

**ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ଜଳ ସଂରକ୍ଷଣ ଏବେ ଦେଶ ପାଇଁ ଅପରିହାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ଯେଉଁ କେତେ ଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ରାମବୀର ତନୱାର ଅନ୍ୟତମ। ରାମବୀରଙ୍କ ଜନ୍ମ ଉତ୍ତରପ୍ରଦେଶର ଡଧା ଗାଁରେ। ସେ ଦିଲ୍ଲୀରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ କର୍ପୋରେଟ ସେକ୍ଟରରେ କାମ କରୁଥିଲେ। ହେଲେ ୨୦୧୪ରେ ତାକୁ ଛାଡ଼ି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏଥିପାଇଁ ୨୦୧୬ରେ ସେ 'ଜଳ ଚୌପାଲ' ଅଭିଯାନ ଚଳାଇଛନ୍ତି। ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର କିମ୍ବା ଗାଁର ଲୋକମାନଙ୍କୁ କାମରେ ଲଗାଇ ରୋଜଗାର ସୃଷ୍ଟି କରୁଛନ୍ତି। ଏବେସୁଦ୍ଧା ଦିଲ୍ଲୀ ଏନ୍‌ସିଆର ଆଖପାଖ ଅଞ୍ଚଳରେ ୨୦ଟି ଜଳାଶୟ ପୁନରୁଦ୍ଧାର କରିସାରିଲେଣି। ସାରା ଦେଶରେ ମଧ୍ୟ ସେ ଏହି ଅଭିଯାନ ଚଳାଇ ମୋଟ ୮୦ଟି ଜଳାଶୟର ପୁନରୁଦ୍ଧାର ଶେଷ କରିସାରିଛନ୍ତି। ଜଳାଶୟ ପୁନରୁଦ୍ଧାର ପରେ ସେହି ଗାଁଗୁଡ଼ିକର ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ଏହାସହ କୃଷକମାନେ ମଧ୍ୟ ସେହି ପାଣି ବ୍ୟବହାର କରି ଚାଷ କରି ଲାଭବାନ୍ ହୋଇପାରୁଛନ୍ତି। ଅନେକ ପୁଷ୍କରିଣୀରେ ଗୋଷ୍ଠୀଭିତ୍ତିକ ମାଛଚାଷ ମଧ୍ୟ କରାଯାଉଛି। ଏହି କାର୍ଯ୍ୟ ପାଇଁ ତନୱାରଙ୍କୁ ଲୋକେ ପଣ୍ଡ ମ୍ୟାନ ବା 'ପୁଷ୍କରିଣୀ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୧ ଅଗଷ୍ଟ ୧୯୭୬

- କଳା ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ କଳାକାରମାନଙ୍କୁ ପେନସନ୍ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି।
- ଅଲିମ୍ପିକ୍ସ ଇତିହାସରେ ଏକ ନୂତନ ବିସ୍ମୟ ସୃଷ୍ଟି କରି ନିଉଜିଲାଣ୍ଡ ପ୍ରଥମ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ବିଜେତା ହେବାର ସୌଭାଗ୍ୟ ଲାଭ କରିଛି।
- ମହାକାଶ ଗବେଷଣା ଚାଲୁରଖିବା ପାଇଁ ସୋଭିଏତ ୟୁନିୟନ ପୁଣି ଏକ କସମସ–୮୪୬ ନାମକ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି।

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 5 | 2 | 8 |
| 5 | | | 3 | 2 | | 1 | | 6 |
| | | | | | 1 | | 7 | |
| | | | | 3 | 9 | | | 5 |
| | | | | | | | 9 | |
| | | 6 | | | | | | |
| | 8 | 2 | | 4 | | | | |
| 1 | | | | 5 | | | | |
| | | 7 | | | | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 5 | 3 | 4 | 7 | 6 | 1 |
| 1 | 3 | 4 | 7 | 9 | 6 | 8 | 2 | 5 |
| 7 | 5 | 6 | 8 | 1 | 2 | 4 | 3 | 9 |
| 6 | 8 | 7 | 1 | 2 | 9 | 5 | 4 | 3 |
| 4 | 1 | 2 | 6 | 5 | 3 | 9 | 7 | 8 |
| 5 | 9 | 3 | 4 | 8 | 7 | 6 | 1 | 2 |
| 3 | 7 | 1 | 9 | 4 | 5 | 2 | 8 | 6 |
| 2 | 6 | 9 | 3 | 7 | 8 | 1 | 5 | 4 |
| 8 | 4 | 5 | 2 | 6 | 1 | 3 | 9 | 7 |

ଗତକାଲିର ଉତ୍ତର

# କର୍ତ୍ତବ୍ୟ କର୍ମର ଗୁରୁତ୍ୱ



ଡ. ନିରଞ୍ଜନ ସାହୁ

ଉତ୍କଳମଣି ଗୋପବନ୍ଧୁଙ୍କ କବିତାଂଶ 'କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ' ସଂସ୍ପର୍ଶରେ ଆସିଥିବେ ବିଶାଳ ଓଡ଼ିଆ ପାଠକଶ୍ରେଣୀ। ସେମାନଙ୍କର ହୁଏତ ଧାରଣା ହୋଇଥିବ ଜୀବନର ପରିଭାଷାକୁ ସଂକ୍ଷିପ୍ତ ଭାବରେ ବୁଝାଉଥିବା କଥା ଆଉ କିଛି ନ ଥାଇପାରେ। ମଣିଷ ଅନେକ କିଛି ଭାବିପାରେ ମାତ୍ର କେବଳ କର୍ମଦ୍ୱାରା ତା'ର ପ୍ରକୃତ ପରିଚିତି ମିଳେ।

କର୍ମକୁ ବିଭିନ୍ନ ଧର୍ମ ଧାରଣାରେ ଗୁରୁତ୍ୱ ଦିଆହୋଇଛି – ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେପରି କର୍ମ ସେପରି ଫଳ। ଶ୍ରୀମଦ୍ ଭଗବତ ଗୀତାରେ କର୍ମର ଯେପରି ବିଶଦ୍ ବ୍ୟାଖ୍ୟା କରାଯାଇଛି ଅନ୍ୟ କୌଣସିଠାରେ ସେପରି ତାତ୍ତ୍ୱିକ ବିଶ୍ଳେଷଣ ଉପଲବ୍ଧ ହୁଏନାହିଁ।


ଶ୍ରୀମଦ୍ ଭଗବଦ୍ ଗୀତାରେ ଅଠର ଗୋଟି ଅଧ୍ୟାୟ ରହିଛି ଏବଂ ତନ୍ମଧ୍ୟରୁ ତୃତୀୟ ଅଧ୍ୟାୟକୁ କର୍ମଯୋଗ ଭାବରେ ନାମିତ କରାଯାଇଛି– ତେଣୁ ଅନେକଙ୍କର ଧାରଣା ହୋଇପାରେ କେବଳ ସେଇ ଅଧ୍ୟାୟରେ କର୍ମ ବିଷୟରେ ଅବତାରଣା କରାଯାଇଛି ବୋଲି। ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ। ସମଗ୍ର ଗୀତାରେ କର୍ମ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା ରହିଛି। ସବୁଠାରୁ ବେଶି କୌତୂହଳପୂର୍ଣ୍ଣ କଥା ହେଲା 'କର୍ମ' ସଂକ୍ରାନ୍ତରେ ସର୍ବବହୁଳ ଆଲୋଚିତ ଶ୍ଳୋକଟି:

'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୁର୍ମା ତେ ସଙ୍ଗୋସ୍ତ୍ୱ କର୍ମଣି'

ଏବଂ ଏହି ଶ୍ଳୋକଟି ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)ର ସତଚାଳିଶତମ ଶ୍ଳୋକ ଭାବରେ ଖ୍ୟାତ। ଯେଉଁମାନେ ଗୀତା ଅଧ୍ୟୟନ କରିବାକୁ ଆରମ୍ଭ କରନ୍ତି ସେମାନେ ଏଇ ଶ୍ଳୋକ ପାଖରେ ଝୁଣ୍ଟିପଡ଼ନ୍ତି। ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ଏଇ ପରାମର୍ଶ ହଜମ ହୁଏନି, ଅବାସ୍ତବ ଅନୁଭୂତ ହୁଏ, ଦ୍ୱନ୍ଦ୍ୱ ହୁଏ ପ୍ରଖର : ସତରେ କ'ଣ ଏହା ସମ୍ଭବ ଓ ଗ୍ରହଣଯୋଗ୍ୟ ? ଏହି ଶ୍ଳୋକର ସାଧାରଣ ଅର୍ଥ ହେଲା ଏମିତି – ଅର୍ଜୁନ, କର୍ମ କରିବାରେ ତୁମର ଅଧିକାର ଅଛି ମାତ୍ର କର୍ମଫଳରେ ନାହିଁ – ତେଣୁ ତୁମେ କର୍ମଫଳ କଥା ଚିନ୍ତା ନ କରି କର୍ମ କରି ଚାଲ।

ପ୍ରତ୍ୟେକ ଅନୁସନ୍ଧିତ୍ସୁ ଭାବନ୍ତି ଏହା କିପରି କଥା – ପିଲାଟିଏ ପାଠ ପଢୁଛି କାରଣ ତା'ର ଆଶା ଅଛି ଯେ ସେ ପରୀକ୍ଷାରେ ପାସ୍ କରିବ। କୃଷକଟିଏ ଚାଷ କର୍ମରେ ନିଜକୁ ନିୟୋଜିତ କରୁଛି କାରଣ ତା'ର ଅଲକ୍ଷ୍ୟରେ ଏକ ସ୍ୱପ୍ନ ରହିଛି ଯେ ସେଥିରୁ ଦିନେ ଫସଲ ପାଇବ। ବ୍ୟବସାୟୀଟିଏ ନିଜର ବ୍ୟବସାୟ କଲାବେଳେ ତା' ଭିତରେ ଗୋଟିଏ ଭାବନା ରହୁଛି ଯେ ସେ ସେଥିରୁ ଦୁଇପଇସା ମୁନାଫା କମେଇବ। ସାରା ସଂସାରରେ ଏଇଭଳି ଚଳନ୍ତି ଧାରଣାଟିଏ ବଦ୍ଧମୂଳ ହୋଇ ରହିଛି ସମସ୍ତଙ୍କଠାରେ।

ଅର୍ଜୁନ ଯେହେତୁ ଯୁଦ୍ଧ କର୍ମରେ ପ୍ରବୃତ୍ତ ହେବାକୁ ଚାହୁଁ ନ ଥିଲେ ତେଣୁ ଯୁଦ୍ଧର ଫଳ କେତେ ଭୟଙ୍କର ହୋଇପାରେ, ସେଥିରେ ନିଜର ପରିବାରର ଅନ୍ତରଙ୍ଗ ଭାଇବନ୍ଧୁଙ୍କୁ କିପରି ହରେଇବାକୁ ପଡ଼ିପାରେ ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିକୁ କିପରି ସାମ୍ନା କରିବାକୁ ପଡ଼ିପାରେ ତାହା ସେ ବିଶଦ୍ ଭାବରେ ଶ୍ରୀକୃଷ୍ଣଙ୍କୁ କହିଥିଲେ। ସାଧାରଣ ଭାବରେ ବିଶ୍ୱାସ ରହିଛି କର୍ମର ଅନୁରୂପ ଫଳ ମିଳେ। ମାତ୍ର ଏଇ ବିଶ୍ୱାସ ବଳରେ ଆମେ କର୍ମ ଓ କର୍ମଫଳ ଉଭୟକୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷତ୍ୱ ହେଲା ସେ କର୍ମର ଯେଉଁ ଉପପାଦ୍ୟ ପ୍ରତିବେଦନ କରିଛନ୍ତି ତାହା ସ୍ପଷ୍ଟ ଓ



ଆଗରୁ କେହି କେବେ କହି ନ ଥିଲେ। ସାଧାରଣ ଧାରଣା ହେଲା ସତ୍ କର୍ମର ଫଳ ଉତ୍ତମ – ଏହାକୁ କର୍ମ କୁହାଯାଏ ଏବଂ ଅସତ୍ କର୍ମର ଫଳ ବିଷମ – ଯାହାକୁ ହୁଏତ ଅକର୍ମ କୁହାଯାଉଥିବ। ମାତ୍ର ନା – ବାସ୍ତବରେ ଯାହା ଶାସ୍ତ୍ର ସମ୍ମତ କର୍ମ ତାହା ହିଁ କର୍ତ୍ତବ୍ୟ କର୍ମ ଏବଂ କର୍ମ କରିବାକୁ ନିଷେଧ କରାଯାଇଛି ତାକୁ 'ବିକର୍ମ' ବୋଲି କୁହାଯାଏ। ଯେତେବେଳେ ମଣିଷ ଅନୁଭବ କରିବ ଯେ ତା'ଠାରେ ଏପରି କିଛି ଶକ୍ତି ନାହିଁ ଯେ ସେ ହେଉଛି କର୍ମର କର୍ତ୍ତା। ସେତେବେଳେ ସେ ନିଷ୍କାମ କର୍ମରେ ନିବିଷ୍ଟ ହୁଏ ତାହାକୁ 'ଅକର୍ମ' କରୁଛି ବୋଲି ଧରିବାକୁ ହେବ। ସଂକ୍ଷେପରେ କହିବାକୁ ହେଲେ ଶାସ୍ତ୍ରସମ୍ମତ କାର୍ଯ୍ୟ ହେଲା 'କର୍ମ', ଶାସ୍ତ୍ର ବିରୋଧୀ କାର୍ଯ୍ୟ ହେଲା 'ବିକର୍ମ' ଏବଂ ଫଳ ଆଶା ନ ରଖି କର୍ମ କରିବା ହେଲା 'ଅକର୍ମ'। ଯିଏ ଏହାକୁ ଠିକ୍ ରୂପରେ ବୁଝିପାରନ୍ତି ସେ ଭ୍ରମରେ ପଡ଼ନ୍ତି ନାହିଁ ବୋଲି ଭଗବାନ କହୁଛନ୍ତି, ବହୁ ଆଲୋଚିତ ଏହି ଶ୍ଳୋକଟି ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି–

'କର୍ମଣୋହ୍ୟପି ବୋଦ୍ଧବ୍ୟଂ, ବୋଦ୍ଧବ୍ୟଂ ଚ
ବିକର୍ମଣ/ଅକର୍ମଣଶ୍ଚ ବୋଦ୍ଧବ୍ୟଂ, ଗହନା
କର୍ମଣୋ ଗତିଃ।'(ଚତୁର୍ଥ ଅଧ୍ୟାୟ–ଶ୍ଳୋକ ୧୭)

ଅନେକ ସମୟରେ ଆମେ ନିଜକୁ କର୍ମର କର୍ତ୍ତା ବୋଲି ଭାବନ୍ତି – ମାତ୍ର ଅନେକ କର୍ମ ଅଛି ଯାହା ଆପଣଙ୍କ କର୍ତ୍ତୃତ୍ୱରେ ନାହିଁ – ଯେପରି ଆପଣ ଚାହିଁଲେ କ'ଣ ଆପଣଙ୍କର ହୃତ୍କ୍ରିୟାକୁ ବନ୍ଦ କରିପାରିବେ କି ? ଶରୀରରେ ଅନବରତ ବହୁ କ୍ରିୟା ସ୍ୱୟଂକ୍ରିୟ ଭାବରେ ଚାଲିଛି – ମାତ୍ର ସେସବୁକୁ ଆମେ ନିୟନ୍ତ୍ରଣ କରୁଛନ୍ତି ବୋଲି କହିପାରିବା କି ? ଅନେକ ସମୟରେ ଆମ ଅଜାଣତରେ ଅହଂକାର ଆମର ସମଗ୍ର ବ୍ୟକ୍ତିତ୍ୱ ଉପରେ ରାଜୁତି କରେ, ତେଣୁ ଆମେ କହୁ ସବୁ ଜିନିଷ ଆମର ଆୟତ୍ତରେ ବା ଆମେ ଯାହା ଚାହିଁବୁ ତାହା କରିପାରିବୁ। ବିଜ୍ଞ ପାଠକମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ ପଚାରିବି – ଆପଣ କେବେ ଆମ ଶରୀରର ପଟାସିୟମ୍ ସୋଡିଅମ୍‌ର ଭାଗମାପ ଟିକିଏ ଏପାଖ ସେପାଖ ହୋଇଗଲେ ମଣିଷ କିପରି ଆଚରଣ କରେ ତାହା ଜାଣନ୍ତି ? ସେତେବେଳେ ସେ ପାଗଳପ୍ରାୟ ଆଚରଣ କରିଥାଏ। ସାମାନ୍ୟ ଦୁଇଟି ଛୋଟ ଛୋଟ ଜୈବିକ ଅଣୁ ଆମ ଶରୀରରେ ଅସ୍ୱାଭାବିକ ପାଲଟିଲେ ଆମେ ସ୍ୱାଭାବିକ ଆଚରଣ କରିପାରୁ ନାହାନ୍ତି । ଏପରିସ୍ଥଳେ ସବୁ ଆମର ଚରଣାଶ୍ରିତ, ସମସ୍ତ କାର୍ଯ୍ୟ ଆମର ନିୟନ୍ତ୍ରଣାଧୀନ ବୋଲି ବାହୁସ୍ଫୋଟ ମାରିବା କେତେଦୂର ଗ୍ରହଣୀୟ ଆପଣମାନେ ଚିନ୍ତା କରନ୍ତୁ।

ଯେତେବେଳେ ଆମ ଭିତରେ ଦୃଢ଼ ଧାରଣା ହେବ କେବଳ କର୍ମ କରିବା ମୋର ଅଧିକାର ଓ ଦାୟିତ୍ୱ ଏବଂ ତାକୁ ନିଷ୍ଠାପର ଭାବରେ ସମ୍ପନ୍ନ କରିବାକୁ ମୋତେ କୁହାଯାଇଛି, ସେତେବେଳେ କର୍ମ ସମ୍ପାଦିତ ହୋଇଯିବ ଏବଂ ଯଦି ବି ଫଳାଫଳ ଆଶାନୁରୂପ ନ ହୁଏ ତା'ହେଲେ ମନରେ ବିରକ୍ତି ବା କ୍ରୋଧ ହେବନାହିଁ। ମଣିଷକୁ କର୍ମରୁ ନିସ୍ତାର ନାହିଁ। ଅର୍ଜୁନଙ୍କ ପରି ଯେଉଁମାନେ କର୍ମ ନ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ସେମାନେ ବୁଝିଯିବା ଦରକାର ଆମେ କର୍ମରେ ପ୍ରବୃତ୍ତ ହେବା ଦରକାର କାରଣ ତାହା ହିଁ ଆମର ଦାୟିତ୍ୱ। କର୍ମକୁ କର୍ମଫଳ ସହିତ ସଂଯୁକ୍ତ କଲେ ଆମ ଭିତରେ ଅହଂକାର ଆସିବ ଯେତେବେଳେ କର୍ମରେ ସୁଫଳ ମିଳିବ। ଯଦି ଅକୃତକାର୍ଯ୍ୟ ହେବ ତା'ହେଲେ ହତାଶା, କ୍ରୋଧ, ବିରକ୍ତି ସୃଷ୍ଟି ହେବ। ଉଭୟ ଯେହେତୁ ପରିତ୍ୟର୍ଯ୍ୟ, ତେଣୁ କର୍ମରେ ପ୍ରବୃତ୍ତ ମଣିଷ ବେଳେବେଳେ ଅନୁଭବ କରିବ ଯେ ସେ ଅକର୍ମ ଅର୍ଥାତ୍ ଫଳାକାଂକ୍ଷୀ ନ ହୋଇ କର୍ମରେ ବିଶ୍ୱାସ କରୁଛି – ଯାହା ଫଳ ମିଳିବ ତାହା ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ସମାନ କାମ କରି ସବୁବେଳେ ସମାନ ଫଳ ମିଳୁ ନ ଥିବାର ଅନେକ ଉଦାହରଣ ଆମ ଆଗରେ ଅଛି। ସେମାନେ ଆମକୁ ବୁଝେଇ ଦେବେ ଯେ କର୍ମଫଳ ଆମର ଅଧୀନ ନୁହେଁ। ତେଣୁ ଫଳକାଂକ୍ଷା ରହିତ କର୍ତ୍ତବ୍ୟ କର୍ମରେ ନିୟୋଜିତ ହେବା ହିଁ ବାସ୍ତବ ବିଜ୍ଞତା।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ମୋ:୯୪୩୮୪୮୨୯୧୧**

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ ।
ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କ ଦୁଃଖ

ମହାଶୟ,

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷାଧିକ ବରିଷ୍ଠ ଓ ଅତିବରିଷ୍ଠ ପେନ୍‌ସନଭୋଗୀଙ୍କର ୨୦୨୧ ଜାନୁଆରୀଠାରୁ ୨୦୨୨ ଜୁନ୍ ଅଠର ମାସର କରୋନାକାଳୀନ ମହଙ୍ଗାଭତ୍ତା ମିଳିପାରିନାହିଁ । ସେଥିଯୋଗୁ ସେମାନେ ଦାରିଦ୍ର୍ୟର କଷାଘାତ ତଥା ଅନ୍ୟାନ୍ୟ କାରଣବଶତଃ ବାର୍ଦ୍ଧକ୍ୟ, ନିଃସଙ୍ଗତା ଏବଂ ଅସହାୟ ବୋଧତାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କର ଏପରି ଦୁଃସ୍ଥିତି ସମୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମ୍ବେଦନଶୀଳ ଦୃଷ୍ଟି ଆକର୍ଷଣ କରୁଛି । ଆଶା କରେ, ସେମାନେ ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

**–ଧରଣୀଧର ନାୟକ, ଅତି ବୟସ୍କ ପେନ୍‌ସନଭୋଗୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଏନିଂ ଅର୍ଡର ନ ମିଳିବାରୁ ଆତ୍ମହତ୍ୟା ଧମକଦେଲେ ବିଇଓ

**ବଲାଙ୍ଗୀର,୩୧।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରଞ୍ଜିତ ଭୋଇ ଆତ୍ମହତ୍ୟା ଧମକ ଦେଇଛନ୍ତି। ବିଇଓ ଭାବେ ଯୋଗଦେବାକୁ ଆସି ଗତ ପ୍ରାୟ ୨ମାସ ୧୫ ଦିନ ହେଲା ଜଏନିଂ ଅର୍ଡର ପାଉ ନ ଥିବାରୁ ସେ ଗୁରୁବାର ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟକୁ ଆସି ଏଭଳି ଆତ୍ମହତ୍ୟା ଧମକ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେ ଦେବଗଡ଼ ଜିଲାରୁ ବେଲପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇ ଆସିଥିଲେ। ଗତ ମେ ମାସ ୧୬ ତାରିଖ ବଲାଙ୍ଗୀର ଡିଇଓ ଅଫିସକୁ ଆସି ସେ ଯୋଗଦେଇଥିଲେ ମଧ୍ୟ ତାଙ୍କୁ ଏଯାଏଁ ଜଏନିଂ ଅର୍ଡର ମିଳି ନ ଥିବା ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ରଞ୍ଜିତ ବଲାଙ୍ଗୀର ଡିଇଓ ଅଫିସକୁ ଆସିଥିଲେ। ସରକାରୀ ଅର୍ଡର ସତ୍ତ୍ୱେ ତାଙ୍କୁ ବେଲପଡ଼ା ବ୍ଲକରେ ଶିକ୍ଷା ଅଧିକାରୀ ପଦବୀରେ ଯୋଗଦେବାକୁ ଜଏନିଂ ଅର୍ଡର ଦେଉ ନ ଥିବା ଅଭିଯୋଗ କରିଥିଲେ। ଏଭଳିକି ସେ ଆସିବା ଦିନଠାରୁ ଦରମା ପାଇ ନ ଥିବା


ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ବିଇଓ ରଞ୍ଜିତ ଭୋଇ ବସିରହିଛନ୍ତି।

**ଦରମା ପାଇ ନ ଥିବା ଅଭିଯୋଗକରି ଡିଇଓ ଅଫିସରେ ବସିଲେ**

କହିଥିଲେ। ଏଭଳି ପରିସ୍ଥିତିରେ ସେ ମାନସିକ ନିର୍ଯାତନା ଭୋଗୁଛନ୍ତି। ବାରମ୍ବାର ଡିଇଓଙ୍କୁ ଏନେଇ ଅନୁରୋଧ କରୁଥିଲେ ମଧ୍ୟ ଜଣେ ରାଜନେତାଙ୍କ ମୌଖିକ ଅର୍ଡର ଯୋଗୁ ତାଙ୍କୁ ବେଲପଡ଼ାରେ ଯୋଗଦେବାକୁ ଦିଆଯାଉ ନ ଥିବା ଡିଇଓ କହିଥିବା ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଏଭଳି ନିର୍ଯାତନା ଯୋଗୁ ସେ ମାନସିକ ଭାରସାମ୍ୟ ହରାଇଛନ୍ତି ଏବଂ ସେହି କାରଣରୁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ଯଦି ତାଙ୍କୁ ଶୀଘ୍ର ଜଏନିଂ ଅର୍ଡର ଦିଆ ନ ଯାଏ, ତେବେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟହେବେ ବୋଲି ଭୋଇ କହିଥିଲେ। ଏହି ସମୟରେ ବିଇଓ ଭୋଇଙ୍କ ସହ ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ମଧ୍ୟ ଡିଇଓ ଅଫିସରେ ଉପସ୍ଥିତ ଥିଲେ। ଜଏନିଂ ଅର୍ଡର ସତ୍ତ୍ୱେ ଜଣେ ଅଧିକାରୀଙ୍କୁ ଏଭଳି ହଇରାଣ କରାଯିବା ଘଟଣାକୁ ସେ କଡା ଭାଷାରେ ସମାଲୋଚନା କରିଥିଲେ। ବେଲପଡାରେ ଥିବା ବିଇଓଙ୍କୁ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ତାଙ୍କୁ ସେଠାରେ ରଖିବାକୁ ଚାପ ପକାଯାଉଛି। ଏଣୁ ଭୋଇଙ୍କୁ ସେଠାରେ ଜଏନିଂ କରାଯାଉନାହିଁ ବୋଲି ଅଭିଯୋଗ କରାଯାଇଛି। ଏହି ଘଟଣା ସମ୍ପର୍କରେ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ପଚରାଯିବାରୁ ରଞ୍ଜିତ ଭୋଇଙ୍କ ଜଏନିଂ ଅର୍ଡର ମଡିଫିକେଶନ ପାଇଁ ଯାଇଛି। ଦିନେ ଦୁଇଦିନ ମଧ୍ୟରେ ତାହା ଆସିଯିବ ଓ ସେ ଯୋଗଦେବେ ବୋଲି କହିଛନ୍ତି। ଅନ୍ୟପଟେ ଜଣେ ଦାୟିତ୍ୱସମ୍ପନ୍ନ ସରକାରୀ ଅଧିକାରୀ ନିଜ ଦାବିପୂରଣ ପାଇଁ ସରକାରୀ ଅଫିସ ଭିତରେ ଆତ୍ମହତ୍ୟା ଧମକ ଦେବା କେତେଦୂର ସମୀଚୀନ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

# ଜେଲରୁ ବାହାରିଲେ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା

**ଭବାନୀପାଟଣା,୩୧।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ର ପୂର୍ବତନ ଉପଜିଲାପାଳ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ଜିଲା ମୁଖ୍ୟ କାରାଗାରରୁ ବାହାରିଛନ୍ତି। ଗତ ୨୪ତାରିଖରେ ହାଇକୋର୍ଟ ତାଙ୍କୁ ୫ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ହେଲେ ପୂର୍ବରୁ କଟକ ଭିଜିଲାନ୍ସ ବିଭାଗ ତାଙ୍କ ପାସ୍‌ପୋର୍ଟ ଜବତ କରିଥିଲା। ଗୁରୁବାର ଏହାକୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଦାଖଲ କରାଯିବା ପରେ ସେ କାରାଗାରରୁ ମୁକୁଳିଛନ୍ତି। ହାଇକୋର୍ଟଙ୍କ ସର୍ତ୍ତ ଅନୁଯାୟୀ ଚକ୍‌ମା ଅଦାଲତଙ୍କ ବିନା ଅନୁମତିରେ ଭାରତ ବାହାରକୁ ଯାଇପାରିବେ ନାହିଁ, ତଦନ୍ତରେ ସହଯୋଗ କରିବେ, ତଦନ୍ତକାରୀ ଅଧିକାରୀ ଯେତେବେଳେ ଚାହିଁବେ ସେ ତାଙ୍କ ନିକଟରେ ଉପସ୍ଥିତ ରହିବେ। ପ୍ରକାଶ


ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ଜେଲରୁ ବାହାରୁଛନ୍ତି।

ଯେ, କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନ ଚକ୍‌ମା ଗତ ଜୁନ ୮ ତାରିଖ ରାତିରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେତେବେଳେ ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଛାନ୍‌ଭିନ ବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ଉପଜିଲାପାଳ ଚକ୍‌ମାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ

**୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ**

କରି ୯ ତାରିଖରେ କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଭବାନୀପାଟଣାସ୍ଥିତ ଜିଲା କାରାଗାର ଯିବାକୁ ପଡିଥିଲା। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ହାତରେ ଧରାପଡିବା ପରେ ଚକ୍‌ମାଙ୍କୁ ଜୁନ ୧୦ରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ନିଲମ୍ବନ କରିଥିଲେ। ୨୦୨୧ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଚକ୍‌ମା ଧର୍ମଗଡ଼ରେ ୨୦୨୪ ଜାନୁଆରୀରୁ ଉପଜିଲାପାଳ ଭାବେ ଅବସ୍ଥାପିତ ଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

# ସ୍କୁଲ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କୋକସରା,୩୧।୭(ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଦୀର୍ଘ ବର୍ଷ ହେବ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ମର୍ମରେ ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ କୋକସରା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିଥିବା ପାଇଁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ବଡ଼ପୋଡ଼ାଗୁଡ଼ାଠାରେ ଥିବା ଏହି ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଜମି ବିବାଦ କାରଣରୁ ନୂତନ ଶ୍ରେଣୀ କୋଠା ନିର୍ମାଣରେ ବାଧା ଉପୁଜୁଛି। ଏ ନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଗତବର୍ଷ ସ୍କୁଲ ଗେଟ ଆଗରେ ତାଲା ପକାଇ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯାଇଥିଲା। ତତ୍କାଳୀନ ବିଡ଼ିଓ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରେଣୀ କୋଠରିରେ ଅଧ୍ୟୟନ କରୁଛନ୍ତି। ଗ୍ରାମବାସୀ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ଏହାର ନକଲ ବିଇଓ ମହେଶ କୁମାର ଭାଟିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଆଗାମୀ ସପ୍ତାହେ ମଧ୍ୟରେ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟି ଅଧ୍ୟକ୍ଷ ଯୁବରାଜ ପ୍ରଧାନୀ, ନରହରି ସୁନା, ରୋମାଞ୍ଚଳ ବାଗ, କ୍ଷିତିରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ ରେକ ପଏଣ୍ଟର ଶୁଭାରମ୍ଭ


ଏଫସିଆଇ ପକ୍ଷରୁ ୱାଗନରେ ଚାଉଳ ଲୋଡ କରାଯାଉଛି।

**ସୋନପୁର,୩୧।୭(ମୃତ୍ୟୁଞ୍ଜୟ ଶତପଥୀ)**

ଟ୍ରେନ୍ ଯୋଗେ ମାଲ ପରିବହନ ପାଇଁ ଗୁରୁବାର ସୁବର୍ଣ୍ଣପୁରରେ ରେକ ପଏଣ୍ଟର ଶୁଭାରମ୍ଭ ହୋଇଛି। ପ୍ରଥମ ଥର ପାଇଁ ୩୯ୱାଗନ ବିଶିଷ୍ଟ ଏକ ମାଲବାହୀ ଟ୍ରେନ୍ ସୁବର୍ଣ୍ଣପୁର ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ରମିକ, ଟ୍ରକ ମାଲିକ, ବ୍ୟବସାୟୀ ଓ ମିଲର୍ସଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଟ୍ରେନ୍‌ରେ ଏଫସିଆଇ ସୁବର୍ଣ୍ଣପୁର ଜିଲାରୁ ସଂଗୃହୀତ କଷ୍ଟମ ମିଲିଂ ଚାଉଳ ବିହାର ର କଟିହାରକୁ ପଠାଇବ। ସୋନପୁର ବ୍ଲକ ଝିଙ୍କି ସ୍ଥିତ ଓଏସଡବ୍ଲ୍ୟୁସି ଗୋଦାମ ଓ ବାବୁପାଲି ସ୍ଥିତ ସିଡବ୍ଲ୍ୟୁସି ଗୋଦାମରୁ ଟ୍ରକ୍ ଯୋଗେ ଚାଉଳ ପରିବହନ ହୋଇ ୱାଗନରେ ବୋଝେଇ କରାଯାଉଛି। ସୂଚନାଯୋଗ୍ୟ ଯେ, ଦେଢବର୍ଷ ପୂର୍ବରୁ ସୁବର୍ଣ୍ଣପୁରକୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। କିନ୍ତୁ ରେକ ପଏଣ୍ଟ ନ ଥିବାରୁ ମାଲ ପରିବହନ ହୋଇ ପାରୁ ନ ଥିଲା। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀ ଏବଂ ମିଲର୍ସଙ୍କ ସୁବିଧା ପାଇଁ ସୁବର୍ଣ୍ଣପୁରରେ ରେକ ପଏଣ୍ଟ ଶୁଭାରମ୍ଭ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ପୂର୍ବରୁ ଚିଠି ଲେଖିଥିଲେ। ଜିଲା ଟ୍ରକ୍ ମାଲିକ ସଂଘ ଓ ଶ୍ରମିକ ସଙ୍ଗଠନ ପକ୍ଷରୁ ମଧ୍ୟ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରେଳ ମନ୍ତ୍ରୀ ଓ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ରେକ୍ ପଏଣ୍ଟ ସ୍ଥଳକୁ ସଂଯୋଗ ରାସ୍ତା ନିର୍ମାଣ ହୋଇଥିଲା। ରେକ ପଏଣ୍ଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ଚାଉଳ ପରିବହନ ସହଜ ହେବା ସହ ବାହାରୁ ସିମେଣ୍ଟ, ରଡ ଓ ସାର ଆମଦାନୀ ସହଜ ହୋଇପାରିବ। ଟ୍ରେନ୍ ଯୋଗେ ମାଲ ପରିବହନକୁ ଉଭୟ ଜିଲାବାସୀ ସ୍ୱାଗତ କରିଛନ୍ତି।

- **ଶ୍ରମିକ, ଟ୍ରକ୍ ମାଲିକଙ୍କୁ ମିଳିବ ରୋଜଗାର**
- **ଉପକୃତ ହେବେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀ**

# ଆଜିଠୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ

**ବୌଦ୍ଧ,୩୧।୭(ଅଜିତ କୁମାର ବାରିକ):** ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଅଗଷ୍ଟ ୩ ତାରିଖରେ ଶେଷ ହେବ। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ଶୀର୍ଷ ସ୍ଥାନ ପାଇଥିବା ଖେଳାଳିମାନେ ଭାଗ ନେଉଥିବା ବେଳେ ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ମୋଟ ୧୨୭ ଜଣ ମହିଳା ପୁରୁଷ ନେବେ। ଟୁର୍ନାମେଣ୍ଟକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ୨୫ ଜଣ ବୈଷୟିକ ଅଧିକାରୀ ଓ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି।

# ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି,୩୧।୭(ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପ୍ରାଥମିକ ଶିକ୍ଷକ ମହାସଂଘ ବ୍ଲକ ସଭାପତି ଶିବପ୍ରସାଦ ରଣାଙ୍କ ନେତୃତ୍ୱରେ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ଜରିଆରେ ପ୍ରଦାନ କରାଯାଇଛି। ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏକୀକୃତ ସ୍ୱୟଂ ଚାଳିତ ପ୍ରଣାଳୀକୁ ସଂଘ ତରଫରୁ ସ୍ୱାଗତ କରାଯାଇଛି। କିନ୍ତୁ ଲାଗୁ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବାରୁ ଏହାକୁ ବର୍ତ୍ତମାନ ପାଇଁ ପ୍ରତ୍ୟାହାର କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ନିତାଇ ମଟାରୀ, ପ୍ରକାଶ ଚନ୍ଦ୍ର ବାରିକ, ସସ୍ମିତା ମେହେର, ଅଶ୍ୱିନୀ କୁମାର ପଧାନ, ଲଳିତ ସାହୁ, ଗୋପବନ୍ଧୁ ବାଗ, କୃପାସିନ୍ଧୁ ହରିପାଲ, ଦୀନବନ୍ଧୁ ବରିହା, ଜିତେନ୍ଦ୍ର କୁମାର ମହାରଣା, ଥବିର ଦୋରା ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ କିଷାନ ଉକ୍ତ ଦାବିପତ୍ର ଶିକ୍ଷା ବିଭାଗ ସଚିବଙ୍କୁ ପଠାଇଥିବା କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । ଅମାନତ ରାଶି: ₹୧୨,୦୪,୧୦୦/– । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-421/Q/25-26

**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT,NHM
SAMBALPUR, ODISHA, 768002
E-mail: nhmsambalpur@gmail.com, Phone: (0663)- 2400441
Letter No.2018/DPMU/NHM Date:30.07.2025

**TENDER CALL NOTICE**

No.E-276: Sealed tenders are invited in the prescribed format from Interested/Reputed firms/agencies having adequate experience for printing and supply of IEC Materials, Forms and Register etc. for Health programme in the District Sambalpur. The eligible firms/agencies are requested to submit their bid documents to the office of the undersign on or before **18.08.2025 at 5.00 PM.** The details terms and conditions and formats will be available at district website www.sambalpur.odisha.gov.in **from 30.07.2025 to 18.08.2025 till 5 P.M.** The sealed tender will be opened on **dated 19.08.2025 at 11.00 AM** in the office chamber of the undersigned. The tender should be superscripted as **"Tender for Printing of IEC/BCC Materials 2025-26**. The undersigned reserves the right to reject any or all the quotations without assigning any reason thereof.

Sd./- CDM & PHO-cum- District Mission Director, Sambalpur
OIPR-10049/11/0019/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 NOTICE INVITING TENDER (NIT) Date : 21.07.2025

Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd./- District Project Coordinator
Samagra Shiksha, Nabarangpur

**कार्यालय, कार्यपालन अभियंता**
**वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**
**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025
स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5

**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Estd. 2010
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/-
Director, SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**
**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो
PR 358679 Rural Development(25-26)#D

**Government of Jharkhand**
**Department of Agriculture, Animal Husbandry & Co-Operative**
**(Animal Husbandry Division)**
**Jharkhand Ranchi**

***"Corrigendum"***

***e-Tender No. 01/2025-26 Published by PR No. 357505 Animal Husbandry (2025-26)_D***

This is with reference to Tender notice published for ***Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).*** In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry
PR 358645 Animal Husbandry (25-26)_D

# ମିଳୁନି ପାନୀୟ ଜଳ, ଆସୁନି ସଫେଇ ଗାଡ଼ି

## ଜିଲାପାଳଙ୍କ ଅଫିସରେ ସମସ୍ୟା ଜଣାଇଲେ ପଡ଼ାବାସୀ

ସମ୍ବଲପୁର,୩୧।୭
(ପ୍ରମୋଦ ବହିଦାର)



ଜିଲାପାଳଙ୍କ କାର୍ଯ୍ୟାଳୟରେ ପିଏନ୍‌ଟି କଲୋନୀବାସୀ।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ପାନୀୟ ଜଳ ଓ ସଫେଇ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଜିଲାପାଳଙ୍କ ଆବାସ ଓ କଚେରି ସନ୍ନିକଟ ପିଏନ୍‌ଟି କଲୋନୀ, ବିଣାଖଣ୍ଡି ଆଦି ଅଞ୍ଚଳରେ ଗତ ୧ ମାସ ହେଲା ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଥିସହିତ ଘରକୁ ଘର ଆବର୍ଜନା ସଂଗ୍ରହ ପାଇଁ ଆସୁଥିବା ଗାଡ଼ିର ଦେଖା ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅନ୍ନପୂର୍ଣ୍ଣା ବାରିକଙ୍କ ନେତୃତ୍ୱରେ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ଗୁରୁବାର ପୂର୍ବାହ୍ନରେ ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ମାତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଅଞ୍ଚଳର ସମସ୍ତ ମହିଳା ଗରା, ବାଲଟି ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ ସମସ୍ୟା ଶୁଣି ଅତିରିକ୍ତ ଜିଲାପାଳ ଭୋଇ ଉଭୟ ବିଭାଗର ଅଧିକାରୀମାନଙ୍କୁ ଫୋନ୍ ମାଧ୍ୟମରେ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଜଣାଇ ଆଗକୁ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ତାଗିଦ୍ କରିଥିଲେ।

ମହିଳାମାନଙ୍କ ଅଭିଯୋଗ ଅନୁସାରେ ବିଗତ ଏକମାସ ଧରି ଏଅଞ୍ଚଳରେ ଉକ୍ତ ସମସ୍ୟା ଲାଗି ରହିଛି। ବିଭିନ୍ନ ସମୟରେ ଅଞ୍ଚଳ ବାସୀ ୱାଟକୋ ମୁଖ୍ୟ ପ୍ରବନ୍ଧକ ଓ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଏହି ସମସ୍ୟା ସମ୍ପର୍କରେ ସେମାନେ ଅବଗତ ନ ଥିଲେ ବୋଲି ଉତ୍ତର ଦେଇ ଗୋଟିଏ ବା ଦୁଇଟି ଟ୍ୟାଙ୍କର ପାଣି ପଠାଇ ଚୁପ୍ ରହି ଯାଉଛନ୍ତି। ପୁନର୍ବାର ଜଣାଇଲେ ଅଞ୍ଚଳର କନିଷ୍ଠ ଯନ୍ତ୍ରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଇବାକୁ ପରାମର୍ଶ ଦେଇ ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି ଉଚ୍ଚ ଅଧିକାରୀ। ସେହିପରି ଅଞ୍ଚଳକୁ ନିୟମିତ ଭାବେ ସେଫେଇ ଗାଡ଼ି ଆସୁ ନ ଥିବାରୁ ଦାୟିତ୍ୱରେ ଥିବା ଏସ୍‌ଏମ୍‌ସି ଅଧିକାରୀଙ୍କୁ ଫୋନ କଲେ କିଛିଦିନ ପାଇଁ ସଫେଇ ଗାଡ଼ି ଆସି ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରିଥାଏ। ମାତ୍ର କିଛିଦିନ ପରେ ଆଉ ଆସେନାହିଁ। ଫଳରେ ଅଞ୍ଚଳବାସୀ ନିକଟସ୍ଥ ପରିତ୍ୟକ୍ତ ସ୍ଥାନରେ ଆବର୍ଜନା ପକାଇବାକୁ ବାଧ୍ୟ ହେଉଛନ୍ତି। ଯଦ୍ୱାରା ବର୍ଷାରେ ଆବର୍ଜନା ଓଦା ହୋଇ ସମଗ୍ର ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଅନୀତା ମୁଣ୍ଡା, ବବିତା ମହାପାତ୍ର, ସୁମିତ୍ର ମିତ୍ର, ଝରଣା ଝରଣା ପ୍ରଧାନ, ପୂର୍ଣ୍ଣିମା ସେଠ୍, ରୀତାଞ୍ଜଳି ବେହେରା, ସୁନୀତା ବହେରା, ସାକ୍ଷୀ ମାଝୀ ପ୍ରମୁଖଙ୍କ ସହିତ ଅନେକ ମହିଳା ଅତିରିକ୍ତ ଜିଲାପାଳ ଅଫିସ ଆସିଥିଲେ।

## ଅଗଷ୍ଟ ୨ରେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ କଟକଣା

### ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ

ସମ୍ବଲପୁର,୩୧।୭(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ୧୩୨ / ୩୩ କେଭି ସମ୍ବଲପୁର ଗ୍ରୀଡ ସବ୍‌ଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ତେଣୁ ଆସନ୍ତା ଅଗଷ୍ଟ ୨ତାରିଖ ଶନିବାର ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଖାଡୁଆପଡ଼ା, ବଡ଼ବଜାର, ବାଲିବନ୍ଧା, କୁଞ୍ଜେଲପଡ଼ା, ଦୁର୍ଗାପାଲି, ଫାର୍ମ ରୋଡ, ମୁଦିପଡ଼ା, ଲକ୍ଷ୍ମୀଟକିଜ, ପୋଲିସ ଲାଇନ, ଗୁଜିରାଟୀ କଲୋନୀ, କାଇଁଶିର ରୋଡ଼, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, କ୍ଷେତ୍ରରାଜପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିଛନ୍ତି।

# ସମ୍ବଲପୁରୀ ଦିନ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଉଦ୍‌ଘାଟନୀ ଦିବସରେ ସମ୍ବଲପୁରୀ ନୃତ ପରିବେଷଣ।

ସମ୍ବଲପୁର,୩୧।୭(ପ୍ରମୋଦ ବହିଦାର)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନରେ ସମ୍ବଲପୁରୀ କବିତା ପାଠୋତ୍ସବରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟଅତିଥିଭାବେ ଡ. ଶ୍ୟାମସୁନ୍ଦର ଧର, ସମ୍ମାନିତ ଅତିଥିଭାବେ କବି, ଗୀତିକାର ମୋତିଲାଲ ଦୋରା, ମୁଖ୍ୟବକ୍ତାଭାବେ ଗବେଷକ ମୁକ୍ତକଣ୍ଠ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଡ଼ ଧର କହିଥିଲେ, ସମ୍ବଲପୁରୀ ଦିନ୍ ଦିନକୁ ଦିନ ଦେଶବିଦେଶରେ ପ୍ରସାରିତ ହେବାରେ ଲାଗିଛି। ଏହା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନବ୍ୟାପୀ ସଂଘର୍ଷର ପରିଣାମ। ମୁଖ୍ୟବକ୍ତା ପ୍ରଧାନ ସମ୍ବଲପୁରୀ କବି, କଣ୍ଠଶିଳ୍ପୀମାନଙ୍କୁ ସରକାର ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରି ସାରିଛନ୍ତି। ମାତ୍ର ଏହାର ସମ୍ବିଧାନିକ ମାନ୍ୟତା ପାଇଁ ଆନ୍ଦୋଳନ କରିବାକୁ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ଏହି ଅବସରରେ ଅନୁଷ୍ଠିତ ସମ୍ବଲପୁରୀ କବିତା

### ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ

ପାଠୋତ୍ସବକୁ ପଶ୍ଚିମାଞ୍ଚଳ ଲେଖକ ମଞ୍ଚ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସହିତ ପଙ୍କଜିନୀ ମେହେର, ଲଳିତ ବେବର୍ତ୍ତା ଓ ସୁଷମା ପ୍ରଧାନ ସଂଯୋଜନା କରିଥିଲେ। ୫୨ ଜଣ ସମ୍ବଲପୁରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜକ ଡ. ପ୍ରମୋଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଲଳିତା ଭୋଇ, ଜୁଲି ମହାପାତ୍ର, ଝୁନୁ ତ୍ରିପାଠୀ, ଯାମିନୀ ଠାକୁର, ନର୍ମଦା ପ୍ରଧାନ, ଭୂମିସୂତା ମେହେର, ପଙ୍କଜିନୀ ବୈଠାରୁ ପ୍ରମୁଖ ସହଯୋଗ କରିଥିଲେ। ୨୫ଟି ସାଂସ୍କୃତିକ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଯୋଜକ ଦଶରଥ ମେହେର ପରିଚାଳନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ଫଟୋ ଏବଂ ସମ୍ବଲପୁରୀ ରିଲ୍ସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Estd. 2010
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/-
Director, SUIIT


# ବସୁଧା ପ୍ରକଳ୍ପର ବାର୍ଷିକ ଉତ୍ସବ



ହିଣ୍ଡାଲକୋ ପ୍ରକଳ୍ପ ବସୁଧାର ବାର୍ଷିକ ଉତ୍ସବରେ ଅତିଥିମାନେ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୩୧।୭(ବି.ଶଙ୍କର):** ହୀରାକୁଦ ସ୍ଥିତ ହିଣ୍ଡାଲକୋ ପ୍ରକଳ୍ପ ବସୁଧା ପ୍ରକଳ୍ପର ବାର୍ଷିକ ଉତ୍ସବ ଗୁରୁବାର ନୂଆଁଜାମଡା ଜଙ୍ଘାଲିଙ୍ଗା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମୁଖ୍ୟ ଜିଲା କୃଷି ଅଧିକାରୀ ହେମନ୍ତ କୁମାର ଜେନା ଓ ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ସଞ୍ଜିବ କୁମାର ବହିଦାର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପୁରୁଷୋତ୍ତମ ମିଶ୍ର, ହିଣ୍ଡାଲ୍‌କୋର ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶିବ ମହାପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ମୌସୁମୀ ସରପଟିଆ, ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ପରିବେଶ ମୁଖ୍ୟ ରଞ୍ଜନ କୁମାର ଜେନା, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, କୃଷି ପରିଦର୍ଶକ ଡ଼େଜାଲିନ ମହାରଣା, ପରିବେଶ ବିଭାଗର ବିଶ୍ୱଜିତ ପରିଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସୁକାନ୍ତ କୁମାର ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜୀତେଶ ରଥ, ବାଏଫର ଅତିରିକ୍ତ ମୁଖ୍ୟ କାର୍ଯ୍ୟଭାର ଅଧିକାରୀ ବିକ୍ରାନ୍ତ କୁମାର ଯୋଗଦେଇଥିଲେ। ବସୁଧା ପ୍ରକଳ୍ପ ଆଧୁନିକ କୃଷି କୌଶଳ ପ୍ରଦାନ କରି କୃଷକଙ୍କ ଆୟ ବୃଦ୍ଧି କରିଥାଏ। ହିଣ୍ଡାଲକୋ ବସୁଧା ମାଧ୍ୟମରେ ଚଷୀ ଓ ଚାଷର ଉନ୍ନତି କରୁଛି। ଚାଷୀମାନଙ୍କୁ ସରକାରଙ୍କ ଦ୍ୱାରା ଚାଲୁଥିବା ଯୋଜନାର ଫାଇଦା ନେବା ସହ ପାରମ୍ପରିକ ଚାଷ ସହିତ ଲାଭଦାୟକ କୃଷି ଏବଂ ଅନ୍ୟାନ ପନିପରିବା ଚାଷକୁ ଉପଯୋଗ କରିବା ବିଷୟରେ ଅତିଥିମାନେ ଅବଗତ କରିଥିଲେ। ହୀରାକୁଦ କଂପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ସିନ୍ଧେ କହିଥିଲେ, ହିଣ୍ଡାଲକୋ ଅଞ୍ଚଳର ବିକାଶ କଳ୍ପେ ଉଦ୍ୟମରତ। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରକାରର ପାରମ୍ପରିକ ଧାନ ଶସ୍ୟ ସଂରକ୍ଷଣ, ଛତୁର ସୁପ ଏବଂ ଛତୁ ନିର୍ମିତ ଖାଦ୍ୟ ଓ ବିଭିନ୍ନ ପ୍ରକାରର ଫଳ, ଫୁଲ ଚାରା ପ୍ରଦର୍ଶନୀ କରାଯାଇଥିଲା। ବସୁଧାର କାର୍ଯ୍ୟଧାରା ବିବରଣୀ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ହୀରାକୁଦ ଗ୍ରାମାଞ୍ଚଳର ପ୍ରମୁଖ ନାଗରିକ ପଲଭ ପଣ୍ଡା, ନଟୁ ବିଶ୍ୱାଲ, ଇତୁଆ ଖଡ଼ିଆ, ଯୋଗେଶ୍ୱର ପ୍ରଧାନ, ବନମାଳୀ ଭୋଇ, ଦୀପକ ଭୋଇ, ମୋହନ ବନଛୋର, ବିରଞ୍ଚି ବିଶ୍ୱାଲ, ଅଜିତ ବାରିକଙ୍କ ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀଯୋଗ ଦେଇଥିଲେ। ବାଏଫ ସଂସ୍ଥାର ମାନବ ସମ୍ବଳ ମୁଖ୍ୟ ମନୀଷା ସାହୁ, ମୁଫତି ଖାନ, ପୂର୍ଣ୍ଣ ମହାପାତ୍ର, ସାରିକ ହସନ, ରବିନ ଖାନ, ସନ୍ତୋଷିଣୀ ଧରୁଆ, ସୁଶ୍ରୀ ନିତା ଖଡିଆ ଏବଂ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ, ସରୋଜ କୁମାର ଆଚାର୍ଯ୍ୟ ଓ ମିଳନ କୁମାର ସାହୁ ସହଯୋଗ କରିଥିଲେ।

### ଚାଷ, ଚାଷୀର ଉନ୍ନତି ପାଇଁ ହିଣ୍ଡାଲକୋର ପଦକ୍ଷେପ


**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT,NHM
SAMBALPUR, ODISHA, 768002
E-mail: nhmsambalpur@gmail.com, Phone: (0663)- 2400441
Letter No.2018/DPMU/NHM Date:30.07.2025

**TENDER CALL NOTICE**

No.E-276: Sealed tenders are invited in the prescribed format from Interested/Reputed firms/agencies having adequate experience for printing and supply of IEC Materials, Forms and Register etc. for Health programme in the District Sambalpur. The eligible firms/agencies are requested to submit their bid documents to the office of the undersign on or before **18.08.2025 at 5.00 PM**. The details terms and conditions and formats will be available at district website www.sambalpur.odisha.gov.in **from 30.07.2025 to 18.08.2025 till 5 P.M**. The sealed tender will be opened on **dated 19.08.2025 at 11.00 AM** in the office chamber of the undersigned. The tender should be superscripted as **"Tender for Printing of IEC/BCC Materials 2025-26**. The undersigned reserves the right to reject any or all the quotations without assigning any reason thereof.
Sd./- CDM & PHO-cum- District Mission Director, Sambalpur
OIPR-10049/11/0019/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara



ସମଗ୍ର ଶିକ୍ଷା Samagra Shiksha
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 **NOTICE INVITING TENDER (NIT)** Date : 21.07.2025
Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
Sd./- District Project Coordinator
Samagra Shiksha, Nabarangpur


# ଡିଆର୍‌ଏମ୍‌ଙ୍କ ୟାର୍ଡ ନବୀକରଣ କାର୍ଯ୍ୟ ନିରୀକ୍ଷଣ



ରେଳ ୟାର୍ଡର ଭିତ୍ତିଭୂମି ବିକାଶ କାର୍ଯ୍ୟ ତଦାରଖ କରୁଛନ୍ତି ମଣ୍ଡଳ ରେଳ ପ୍ରବନ୍ଧକ।

**ସମ୍ବଲପୁର,୩୧।୭ (ପ୍ରମୋଦ ବହିଦାର):** ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ(ଡିଆରଏମ୍) ସୁବାଷ ଚନ୍ଦ୍ର ଚୌଧୁରୀ ଗୁରୁବାର ସମ୍ବଲପୁର ରେଳ ୟାର୍ଡରେ ରେଳ ବିକାଶ ନିଗମ ଲିମିଟେଡ୍(ଆର୍‌ଭିଏନ୍‌ଏଲ୍) ଦ୍ୱାରା ହାତକୁ ନିଆଯାଇଥିବା ୟାର୍ଡ ନବୀକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ଯାଞ୍ଚ କରିଥିଲେ। ସେ ନବୀକରଣଜନିତ ନିର୍ମାଣ କାର୍ଯ୍ୟ ତଥା ଯାତ୍ରୀ ସୁବିଧା ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ଆଧାରିତ ଭିତ୍ତିଭୂମି ବିକାଶର ଗୁଣବତ୍ତାର ସମୀକ୍ଷା କରିଥିଲେ। ଏଥିସହିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ଆର୍‌ଭିଏନ୍‌ଏଲ୍‌ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ(ସିପିଏମ୍)ଙ୍କ ସହିତ ଆଲୋଚନା ମାଧ୍ୟମରେ ଉକ୍ତ ନବୀକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ। ଦେଶବ୍ୟାପୀ ପ୍ରମୁଖ ଷ୍ଟେଶନଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ଭାରତୀୟ ରେଳବାଇର ଯୋଜନାର ଅଂଶ ଭାବେ ସମ୍ବଲପୁର ଷ୍ଟେଶନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ୟାର୍ଡ ନବୀକରଣ ଓ ଭିତ୍ତିଭୂମି ବିକାଶ କାମ ଚାଲିଛି। ଏହାସହିତ ପୂର୍ବତଟ ରେଳପଥ ଜୋନ ଅନ୍ତର୍ଗତ ରେଳ ନେଟୱର୍କର ଏକ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ସମ୍ବଲପୁରର ପରିଚାଳନା ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାକୁ ଉନ୍ନତ କରିବା ଏହି ପ୍ରକଳ୍ପର ମୂଳଲକ୍ଷ୍ୟ। ଆଧୁନିକୀକରଣ କେବଳ ଷ୍ଟେଶନର ପରିଚାଳନା କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଦକ୍ଷ ରେଳ ସେବାକୁ ନିଶ୍ଚିତ କରିବ ବୋଲି ଆଶା କରାଯାଉଛି।


**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪-ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in** । (PR-462)



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ
**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।
ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-421/Q/25-26



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो
PR 358679 Rural Development(25-26)#D



**कार्यालय, कार्यपालन अभियंता**
**वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्‌वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025
स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5



Government of Jharkhand
**Department of Agriculture, Animal Husbandry & Co-Operative**
(Animal Husbandry Division)
Jharkhand Ranchi

*"Corrigendum"*

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for ***Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).*** In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

**Director,**
Animal Husbandry
PR 358645 Animal Husbandry (25-26)_D

# ଓଡ଼ିଶା ସୂଚନା ଅଧିକାର ନିୟମାବଳୀର ସଂଶୋଧନ ଜରୁରୀ

ଅକ୍ଟୋବର ୧୨, ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନର ଧାରା ୨୭ରେ ବ୍ୟବସ୍ଥା ଅଛି ଯେ, ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ନିୟମାବଳୀ ପ୍ରଣୟନ କରିବେ। ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଇବାକୁ ଯାଇ 'ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୫' ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କେତେକ ତ୍ରୁଟି ରହିବାରୁ ତା' ବିରୋଧରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକର ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ମେ ୨୯, ୨୦୦୬ ମସିହାରେ ଓଡ଼ିଶା ନିୟମାବଳୀରେ ସଂଶୋଧନ କଲେ। ସଂଶୋଧନ ସତ୍ତ୍ୱେ ଓଡ଼ିଶା ନିୟମାବଳୀ-୨୦୦୫ ପୂର୍ବଭଳି ଉଦ୍ଭଟ ଓ ଜନ ବିରୋଧୀ ହୋଇ ରହିଥିବା ଅଭିଯୋଗ ହେଉଛି।

ପ୍ରଥମତଃ ସୂଚନା ଅଧିକାର ଆଇନର ଧାରା ୬(୧) ଅନୁଯାୟୀ ଜଣେ ବ୍ୟକ୍ତି ସୂଚନା ପାଇବା ପାଇଁ ଯେକୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ଦରଖାସ୍ତ କରିପାରିବେ। ଆଇନରେ କୌଣସି ବାଧ୍ୟତାମୂଳକ ଫର୍ମ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ବା ବିଭିନ୍ନ ରାଜ୍ୟ ସରକାର କୌଣସି ଫର୍ମ ବ୍ୟବସ୍ଥା କରିନାହାନ୍ତି। କିଛି ରାଜ୍ୟ ସରକାର ନାଗରିକମାନଙ୍କୁ ସାହାଯ୍ୟ କରିବା ଫର୍ମାଟ୍ ବ୍ୟବସ୍ଥା କରିଛନ୍ତି। ଆଇନର ଲକ୍ଷ୍ୟ ହେଉଛି ଜଣେ ନାଗରିକ ଯେପରି ଚାହିଁବେ ବା ଯେଉଁ ଢଙ୍ଗରେ ଚାହିଁବେ, ସେମାନେ ସୂଚନା ପାଇଁ ଆବେଦନ କରିପାରିବେ। କିନ୍ତୁ ୨୦୦୫ ମସିହାରେ ରାଜ୍ୟ ସରକାର ସୂଚନା ଆଇନର ବିଧି ବ୍ୟବସ୍ଥାକୁ ଦଳି ଦେଇ ଓଡ଼ିଶା ନିୟମାବଳୀରେ ଏକ ଦୀର୍ଘକାୟ ୧୧ ପୃଷ୍ଠ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ- 'କ' ବ୍ୟବସ୍ଥା କରଛନ୍ତି। ଏହି ଫର୍ମରେ ଏପରି ଅଯୌକ୍ତିକ ପ୍ରଶ୍ନ ରହିଛି, ଯାହାକୁ ସାଧାରଣ ଲୋକ ବୁଝିପାରି ଫର୍ମ ପୂରଣ କରିପାରିବେ ନାହିଁ, ଯାହାକି ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଉକ୍ତ ଫର୍ମର ପ୍ରତ୍ୟାହାର ଜରୁରୀ।

ଦ୍ୱିତୀୟରେ ସୂଚନା ଅଧିକାର ଆଇନ୍‌ର ଧାରା ୬ (୨) ଅନୁଯାୟୀ, ସୂଚନା ପାଇଁ ଆବେଦନ କଲାବେଳେ କୌଣସି ବ୍ୟକ୍ତି କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ୨୦୦୫ରେ ପ୍ରଣୀତ ଓଡ଼ିଶା ନିୟମାବଳୀର ରୁଲ୍ ୪(୨)ରେ ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ଆମ ଦେଶରେ ନାଗରିକତ୍ୱ ପ୍ରମାଣପତ୍ର ବ୍ୟବସ୍ଥା ନାହିଁ। ଭୋଟର କାର୍ଡ ବା ଆଧାର କାର୍ଡ ନାଗରିକ ପ୍ରମାଣପତ୍ର ନୁହେଁ। କିନ୍ତୁ ପିଆଇଓମାନେ ଆବେଦନକାରୀ ନାଗରିକମାନଙ୍କୁ ଭୋଟର କାର୍ଡ ବା ଆଧାର କାର୍ଡର କପି ଦାବି କରୁଛନ୍ତି। ଯଦି ଜଣେ ବିନା ପରିଚୟପତ୍ରରେ ଦରଖାସ୍ତ କରେ, ତେବେ ଦରଖାସ୍ତ ଖାରଜ କରାଯାଉଛି। ଏପରି ଭୟଙ୍କର ବ୍ୟବସ୍ଥା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର କରିନାହାନ୍ତି। ତତ୍କାଳୀନ ନବୀନ ସରକାର ଏହି ବ୍ୟବସ୍ଥା କରିଯାଇଛନ୍ତି, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି।

ତୃତୀୟତଃ, ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍ ହିତାଧିକାରୀମାନେ ଦରଖାସ୍ତ ଫିଜ୍ ଏବଂ ସୂଚନା ପାଇଁ ଫିଜ୍ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ଓଡ଼ିଶା ନିୟମାବଳୀର ରୁଲ-୪ରେ ବ୍ୟବସ୍ଥା ଅଛି ଯେ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିଜ୍ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ସୂଚନା ପାଇଁ ଫିଜ୍ ଦେବାକୁ ପଡ଼ିବ। ୨୦୧୫ରେ ଏକ ରିଟ୍ ପିଟିସନ ୧୨୧୩୫/୨୦୧୫ର ଶୁଣାଣି କରି ହାଇକୋର୍ଟ ସୂଚନା ଆଇନ୍‌ର ଧାରା ୭(୫) ଆଧାରରେ ବିପିଏଲ୍ ବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୨୧.୦୯.୨୦୧୫ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଓଡ଼ିଶା ନିୟମାବଳୀରେ ଏହାର ସଂଶୋଧନ ହେଲାନାହିଁ, ଫଳରେ ଏହି ନିୟମାବଳୀ ଆଧାରରେ ଏବେ ବି ଅନେକ ପି.ଆଇ.ଓ ସୂଚନା ପାଇଁ ଫଜ୍ ଦେବାକୁ ବିପିଏଲ ହିତାଧିକାରୀଙ୍କୁ ବାଧ୍ୟ କରୁଛନ୍ତି।

ଚତୁର୍ଥତଃ ସୂଚନା ଅଧିକାର ଆଇନରେ ଅପିଲ ପାଇଁ ଫର୍ମ ଓ ଫିଜ୍ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଅପିଲ ପାଇଁ ଫର୍ମ କି ଫିଜ୍ ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଓଡ଼ିଶା ନିୟମାବଳୀରେ ପ୍ରଥମ ଅପିଲ ପାଇଁ ୨୦ ଟଙ୍କା ଓ ଦ୍ୱିତୀୟ ଅପିଲ ପାଇଁ ୨୫ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହାକି ବେଆଇନ୍।

ପଞ୍ଚମତଃ ସୂଚନା ଅଧିକାର ଆଇନ୍‌ର ଧାରା ୭ ଅନୁଯାୟୀ, ପିଆଇଓ କେବଳ ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଦରଖାସ୍ତ ଖାରଜ କରିପାରିବେ। ଓଡ଼ିଶା ନିୟମାବଳୀରେ ଫର୍ମ- 'ସି' (ଦରଖାସ୍ତ ନାକଚର ସୂଚନା)ରେ ଦରଖାସ୍ତ ଖାରଜ ପାଇଁ ଅଦ୍ଭୁତ ଆଇନ ବିରୋଧୀ ବ୍ୟବସ୍ଥା କରାଯାଇଛି, ଯାହାର ପ୍ରତ୍ୟାହାର ଆବଶ୍ୟକ।

ଷଷ୍ଠତଃ ସୂଚନା ଅଧିକାର ଆଇନର ମୂଳ ନିୟମ ହେଲା ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ। ମାତ୍ର ଆମ ରାଜ୍ୟରେ ଅନେକ ସରକାରୀ ବିଭାଗ ଓ ସର୍ବୋପରି ସୂଚନା କମିଶନ ଇଂଲିଶ ଭାଷାରେ ସାଧାରଣ ଲୋକଙ୍କ ସହିତ ଚିଠିପତ୍ର, ତଥ୍ୟ ପ୍ରଦାନ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ, ଏହାର ପରିବର୍ତ୍ତନ ହୋଇନାହିଁ।

ସପ୍ତମତଃ ସୂଚନା କମିଶନରେ କେସ୍‌ଗୁଡ଼ିକର ଶୁଣାଣି ପାଇଁ ଦୀର୍ଘ ବର୍ଷ ଲାଗୁଥିବାରୁ କମିଶନରମାନେ କିପରି ଦିନକୁ ଅନ୍ୟୂନ ୩୦ଟିର ଶୁଣାଣି କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ସରକାର କରିବା ଉଚିତ।

**ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ.ନଂ.-୯୯୩୭୮୪୩୪୮୨

# ୪ ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶା ସମେତ ୬ ରାଜ୍ୟର ୧୩ ଜିଲାକୁ ସଂଯୋଗ କରିବ

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ ଜିଲାକୁ ସଂଯୋଗ କରୁଥିବା ୪ଟି ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଓଡ଼ିଶାର କେନ୍ଦୁଝର ଜିଲା ରହିଛି। ଏହି ପ୍ରକଳ୍ପ ଭାରତୀୟ ରେଳପଥର ନେଟ୍‌ୱର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୧,୧୬୯ କୋଟି ଟଙ୍କା ଏବଂ ଏହା ୨୦୨୮-୨୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨୩୦୯ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୨୨୯ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଏହି ୪ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଉପରେ ଯୋଜନା କରାଯାଇଥିବାବେଳେ ଇଟାରସି ନାଗପୁର ଚତୁର୍ଥ ଲାଇନ, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜିନଗର) - ପରଭଣୀ ଦୋହରୀକରଣ, ଆଲୁଆବାଡି ରୋଡ୍ - ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ ଏବଂ କେନ୍ଦୁଝର ଡାଙ୍ଗୋଆପୋଷି-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି। ଏହି ମାର୍ଗଗୁଡିକ କୋଇଲା, ସିମେଣ୍ଟ, କ୍ଲିଙ୍କର, ଜିପ୍‌ସମ, ଫ୍ଲାଏ ଆସ୍, କଣ୍ଟେନର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମାଲ ପରିବହନ କ୍ଷମତା ୯୫.୯୧ ଏମ୍‌ଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ବଢିବ। ରେଳପଥ ପରିବେଶ ପାଇଁ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆମଦାନୀ ହେଉଥିବା ଆନୁମାନିକ ୧୬ କୋଟି ଲିଟର ତୈଳ ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୫୧୫ କୋଟି କିଲୋଗ୍ରାମ ହ୍ରାସ କରିବ, ଯାହା ୨୦ କୋଟି ଗଛ ଲଗାଇବା ସହ ସମାନ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଏଡିଟିଂ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଭାଇରାଲ

# ଏସ୍‌ପିଙ୍କୁ ଅଭିଯୋଗ କଲା ଭାଜପା ଯୁବମୋର୍ଚ୍ଚା



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ମନୋଜ ରାଉତଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୩୧।୭(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଫଟୋ ଏଡିଟିଂ କରି ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଭାପତି ଦେବାଂଶୁ ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ଓ ଏକ ୱେବ୍ ଚ୍ୟାନେଲ ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋରେ ମନ୍ତ୍ରୀଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

## ଆଦିବାସୀ ପରମ୍ପରା କଟକଣାର ଶିକାର ହେଲେ ୨ ଯୁବକ

# କାଉଙ୍କ ମିଳନ ଦେଖିବାରୁ ଜୀବନ୍ତଙ୍କୁ ମୃତ ଘୋଷଣା

ଜୟପୁର,୩୧।୭(ପବନ ପାଣିଗ୍ରାହୀ)

ବିଜ୍ଞାନ ଯୁଗରେ ବି କମୁନାହିଁ ଅନ୍ଧବିଶ୍ୱାସ। ଏବେ ମଧ୍ୟ ଆଦିବାସୀଙ୍କୁ ଏହା କବଳିତକରି ରଖିଛି। ପରମ୍ପରା ନାଁରେ ଦିଆଯାଉଛି ବଳଦ ଦଣ୍ଡ ଓ କାହାକୁ ମୃତ ଘୋଷଣା କରାଯାଉଛି। ଏଭଳି ଏକ ଆଦିବାସୀ ପରମ୍ପରା କଟକଣାର ଶିକାର ହୋଇଛନ୍ତି ୨ ଯୁବକ। କୋରାପୁଟ ଜିଲା ଜୟପୁର ସହରଠାରୁ ୧୦ କି.ମି. ଦୂର ରଣ୍ଡାପାଲି ପଞ୍ଚାୟତ ପାତ୍ରଗୁଡ଼ା ଗାଁରେ ୨ ଜୀବନ୍ତ ଯୁବକଙ୍କୁ କାଉଙ୍କ ମିଳନ ଦେଖିବାରୁ ଗ୍ରାମବାସୀ ମୃତ ଘୋଷଣା କରିଛନ୍ତି। ଗୁରୁବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି।



ଗ୍ରାମବାସୀ ୨ ଯୁବକଙ୍କ ପ୍ରତୀକାତ୍ମକ କୁଶ ପୁତ୍ତଳିକା ସତ୍କାର ପାଇଁ ନେଉଛନ୍ତି।

ସୂଚନା ଅନୁଯାୟୀ, ପାତ୍ରଗୁଡ଼ା ଗାଁର ୨ ଯୁବକ କାଉଙ୍କ ମିଳନ ଦେଖି ଦେବାରୁ ଅନ୍ଧବିଶ୍ୱାସ ସ୍ଥାପନ ଓ ଆଦିବାସୀ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କୁ ଗ୍ରାମବାସୀ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ରୀତିନୀତି ଅନୁସାରେ ଅନ୍ତିମ ସତ୍କାର କରିବା ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତୀକାତ୍ମକ କୁଶ ପୁତ୍ତଳିକା କୋକେଇରେ ନେଇ ଯାଉଥିବା ଦୃଶ୍ୟ ବର୍ତ୍ତମାନ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଗାଁ ଲୋକେ ମୃତଦେହ ସତ୍କାର କରି ଘରକୁ ଫେରିଥିଲେ। ସତ୍କାର କାର୍ଯ୍ୟ ସାରି ପରିବାର ଓ ସମ୍ପର୍କୀୟମାନେ ପିତା ଖାଇଛନ୍ତି। ଏହା ପରେ ବାହାରେ ଥିବା ୨ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ପ୍ରକାଶ ଯେ, ଆଦିବାସୀ ସମ୍ପ୍ରଦାୟରେ ଦୁଇ କାଉଙ୍କ ମିଳନ ଦେଖିଲେ ଅଶୁଭ ହୋଇଥାଏ। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ କାଳେ ମୃତ୍ୟୁ ହେଉଥିବା ସେମାନଙ୍କ ବିଶ୍ୱାସ ରହିଛି। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଯେପରି ଶୁଦ୍ଧିକ୍ରିୟା କରାଯାଏ ତାହା କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୨୦ଲକ୍ଷ ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢ଼ିବ: ଭକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)



ରାଜ୍ୟ ସରକାର ଲକ୍ଷାଧିକ ଏକର ଜମି ବୃହତ୍ କମ୍ପାନୀଗୁଡ଼ିକୁ ଶାଗମାଛ ଦରରେ ଟେକି ଦେଉଛନ୍ତି। ହେଲେ ଯେଉଁ ଆଦିବାସୀ, ଅଣଆଦିବାସୀଙ୍କୁ ବିସ୍ଥାପିତ କରାଯାଉଛି, ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଫଳରେ ରାଜ୍ୟର ୨୦ ଲକ୍ଷ ବିସ୍ଥାପିତଙ୍କୁ ଦୀର୍ଘବର୍ଷ ଧରି ପଟ୍ଟା ମିଳିପାରୁ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଙ୍ଗଠନ ପକ୍ଷରୁ ପ୍ରାୟ ୧୫ ଗୋଟି ଜିଲାରୁ ଆସିଥିବା କର୍ମକର୍ତ୍ତା ସମାବେଶରେ ଭକ୍ତ କହିଥିଲେ, ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକଣା ସମୟରେ ତାଙ୍କର ନ୍ୟାଯ୍ୟ ହକ୍ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। କଂଗ୍ରେସ ଏବେ ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଆଗାମୀ ଦିନରେ ବେଆଇନ ବିସ୍ଥାପନ ଓ ଉତ୍କଟ ବେକାରି ସମସ୍ୟା ବିରୋଧରେ ତୀବ୍ର ଆନ୍ଦୋଳନ କରିବ।

ସେ କହିଥିଲେ, ଉପକୂଳ ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ଜିଲାରେ କଂଗ୍ରେସକର୍ମୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖାଦେଇଛି। ସମସ୍ତଙ୍କ ସହଯୋଗରେ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ; ଯାହାଦ୍ୱାରା କି ଆଗାମୀ ଦିନରେ ବିସ୍ଥାପିତ ଏବଂ ନାରୀଙ୍କ ପାଇଁ ଲଢ଼େଇ କରି ତାଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ପିସିସି ସଭାପତି କହିଥିଲେ।

ଏହି ଅବସରରେ ହ୍ୟୁମ୍ୟାନ ରାଇଟ୍‌ସ ଓଡ଼ିଶା ଶାଖାର ସଭାପତି ସୁରେନ ଶତପଥୀ କହିଥିଲେ, ବିସ୍ଥାପିତ ଏବେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି। ହେଲେ ସରକାର ଏଥିପ୍ରତି ଟିକେ ହେଲେ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ସଭାରେ ହ୍ୟୁମାନ ରାଇଟ୍‌ସ ଓଡ଼ିଶା ଶାଖାର ଉପସଭାପତି ଡକ୍ଟର ଯତୀନ ଦିଗାଳ, ସଂଯୋଜକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା

ରାଜନଗର, ୩୧।୭ (ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଲାଗିଥାଏ। ଖୋଲିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ଭିତରକନିକାରେ ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୋଭ ମେଟା ନର୍ସରୀ, ବୋଟ ଲାଇବ୍ରେରି, ଶହୀଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ରହିଥିବା ଫାଇବର ବୋଟରେ ମଧ୍ୟ ପର୍ଯ୍ୟଟକମାନେ ବୁଲି ଭିତରକନିକାର ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ମାସେ ଭିତରେ ଆଇସିସି କମିଟି ଗଠନ ନ କଲେ ଦରମା ବନ୍ଦ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ରରେ ଯେମିତି ସୁରକ୍ଷିତ ରହିପାରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟଗୁଡିକରେ ତୁରନ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାସେ ମଧ୍ୟରେ ଆଇସିସି କମିଟି ଗଠନ ନ କରାଗଲେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି ଗଠନ କରିବାକୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଭୁଲ୍ ଅଭିଯୋଗ କରିବେ, ସେମାନଙ୍କ ଉପରେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକସେବା ଭବନରୁ ଆରମ୍ଭ ହୋଇଥିବା ପୋଶ ଆକ୍ଟର ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକସ୍ତରରେ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା


ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗୁରୁବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତେବେ ଶୁକ୍ରବାର ୩ ଜିଲା କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ୧୭ ଜିଲା ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଆଦି ଜିଲାକୁ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ସୁସ୍ଥ ଫୁସ୍‌ଫୁସ୍ ପାଇଁ ନିଶାଦ୍ରବ୍ୟ ବର୍ଜନ କରନ୍ତୁ

## ଆଜି ବିଶ୍ୱ ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ

ବିଶେଷଭାବରେ ଧୂମପାନ ହିଁ ଫୁସ୍‌ଫୁସ୍ କ୍ୟାନ୍‌ସର ପ୍ରଧାନ କାରଣ। ସିଗାରେଟ୍, ବିଡ଼ି, ପିକା ଇତ୍ୟାଦିତମାଖୁଜାତୀୟ ଦ୍ରବ୍ୟ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପାଖାପାଖି ୯୦ ପ୍ରତିଶତ ପୁରୁଷ ଏବଂ ୬୦ ପ୍ରତିଶତ ମହିଳା ଧୂମପାନ ସହ ଜଡିତ। ଏହାବ୍ୟତୀତ ଧୂମପାନକାରୀ ଛାଡୁଥିବା ଧୂଆଁ ସୁସ୍ଥ ଲୋକଙ୍କର ଫୁସ୍‌ଫୁସ୍‌କୁ ପ୍ରବେଶ କରି ସେମାନଙ୍କଠାରେ ରୋଗ ଜାତ କରାଇଥାଏ। ତେବେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ 'ବିଶ୍ୱ ଫୁସ୍‌ଫୁସ୍ ଦିବସ' (ୱାର୍ଲ୍ଡ ଲଙ୍ଗସ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଦୃଢ଼ ଭାବରେ ଏକତ୍ରିତ ହେବା : ଫୁସ୍‌ଫୁସ କ୍ୟାନ୍‌ସର ସଚେତନତା ପାଇଁ ଏକାଠି ହେବା'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଫୁସ୍‌ଫୁସ୍ କ୍ୟାନ୍‌ସର ଏବେ



ବିଶେଷଭାବରେ ପାଶ୍ଚାତ୍ୟ ଦେଶଗୁଡିକରେ ଅଧିକ କାୟା ବିସ୍ତାର କରୁଛି। ଏକ ହିସାବ ଅନୁଯାୟୀ, ଯଦି ଗୋଟିଏ ପରିବାରର ଜଣେ ଦିନକୁ ୨୦ଟି ସିଗାରେଟ୍ ଟାଣୁଥାଆନ୍ତି, ତେବେ ସିଗାରେଟ୍ ଧାର ଧାରୁ ନ ଥିବା ପରିବାର ଅନ୍ୟମାନେ ବର୍ଷକୁ ୫୦ଟି ସିଗାରେଟ୍ ଟାଣିବାର କ୍ଷତି ସହନ୍ତି। ଏମାନଙ୍କୁ 'ପରୋକ୍ଷ ଧୂମପାନକାରୀ' କୁହାଯାଏ। ଏହି କ୍ୟାନ୍‌ସରର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡ଼ିକ ହେଲା ଶୁଖିଲା କାଶ ହେବା, କାଶରେ ରକ୍ତ ପଡିବା, ଛାତିରେ ଯନ୍ତ୍ରଣା, ଦରଜ ଅନୁଭବ, ଭୋକ ମରିଯିବା, ଶରୀରର ଓଜନ ହ୍ରାସ ପାଇବା ଏବଂ ହଠାତ୍ ଦୁର୍ବଳ ଅନୁଭବ କରିବା। କିନ୍ତୁ କ୍ୟାନ୍‌ସର କୋଷିକାମାନ ଫୁସ୍‌ଫୁସ୍‌ରୁ ବାହାରି ଶରୀରର ଅନ୍ୟ ଅଂଶଗୁଡିକରେ ପହଞ୍ଚି ଯାଆନ୍ତି ଏବଂ ସେହି ଅଂଶଗୁଡିକୁ କ୍ୟାନ୍‌ସର ଆକ୍ରାନ୍ତ କରିଦିଅନ୍ତି। ଏହି ଉପାୟରେ ହାଡ, ମସ୍ତିଷ୍କ, ଯକୃତ, କିଡ୍‌ନୀ ଆଦି ପରୋକ୍ଷରେ ରୋଗଗ୍ରସ୍ତ ହୋଇପଡନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫୁସ୍‌ଫୁସ୍ କ୍ୟାନ୍‌ସର ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଅଧିକ ହୋଇଥାଏ। ଏହି ରୋଗ ବିଶେଷଭାବରେ ୪୦ରୁ ୬୦ ବର୍ଷ ବୟସ ଭିତରେ ଦେଖାଯାଇଥାଏ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ ଛାତିରେ ଏକ୍ସ-ରେ, କଫର କୋଷିକାଗୁଡ଼ିକର ପରୀକ୍ଷା , ସିଟି ସ୍କାନ୍, ଏମ୍ଆରଆଇ ଆଦି କରାଯାଏ। ତେବେ ଏହି ରୋଗଟିକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ପାରିଲେ ଶଲ୍ୟ ଚିକିତ୍ସା ମାଧ୍ୟମରେ ସେଥିରୁ କିଛି ଉପଶମ ମିଳିଥାଏ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଧୂମପାନ ଅଭ୍ୟାସ ବର୍ଜନ କରନ୍ତୁ। ତମାଖୁ ବା ଧୂଆଁପତ୍ରରେ ରହିଥିବା ନିକୋଟିନ୍ ନାମକ ବିଷାକ୍ତ ଉପାଦାନ ଅତି ମାରାତ୍ମକ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖି ପାରିଲେ ଜଣେ ସୁସ୍ଥ ଜୀବନ ଯାପନ କରିପାରିବ।''

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

## ଯାଜପୁର ଜିଲାରେ କର୍ତ୍ତବ୍ୟରତ ମହିଳା ପୋଲିସ ବି ସୁରକ୍ଷିତ ନାହାନ୍ତି

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ନାରୀ ନିର୍ଯାତନାକୁ ନେଇ ସମଗ୍ର ରାଜ୍ୟ ଉଦ୍‌ବିଗ୍ନ ଥିଲାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତିଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲାରେ ଏକ ଅଭାବନୀୟ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ଭାଜପା ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସ୍ତ୍ରୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ଭାଜପା ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସଆଇ ଯାଜପୁର ପୋଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ଭାଜପା ସଭାପତି ଓ ମୁଖ୍ୟମନ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ।



## ପିଏମ୍-କିଷାନ ସମ୍ମାନ ନିଧି: ୨ରେ କିସ୍ତି ପାଇବେ ୯.୭ କୋଟି ଚାଷୀ

ନୂଆଦିଲ୍ଲୀ,୩୧।୭

ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ)ର ୨୦ତମ କିସ୍ତିକୁ ଆସନ୍ତା ୨ ତାରିଖରେ ଜାରି କରାଯିବ। ଉତ୍ତରପ୍ରଦେଶର ବାରାଣସୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ପିଏମ୍-କିଷାନର ୨୦ତମ କିସ୍ତିକୁ ଜାରି କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପିଏମ୍-କିଷାନର ୨୦ତମ କିସ୍ତିରେ ୯.୭ କୋଟି ଚାଷୀଙ୍କ ନିକଟକୁ ୨୦ ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ। ୨୦୧୯ରେ ପିଏମ୍-କିଷାନ ଯୋଜନା ଆରମ୍ଭ ହେବା ପରଠାରୁ ଏବେଯାଏ ୧୯ଟି କିସ୍ତି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୩.୬୯ ଲକ୍ଷ କୋଟି ଟଙ୍କା ପଠାଯାଇସାରିଛି।



ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର କିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିବାବେଳେ ଭଗ୍ନାବଶେଷ ତଳୁ ନିଜ ପୁଅକୁ ଉଦ୍ଧାର କରି ଅଣାଯିବାକୁ ଅପେକ୍ଷା କରିଛନ୍ତି ଜଣେ ମହିଳା।

## ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଛାଡ଼ିଲେ ଓପିଏସ୍

ଚେନ୍ନାଇ,୩୧।୭



ଓ ପନୀରସେଲ୍‌ଭମ୍


ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ନାଟକୀୟ ରାଜନୈତିକ ଘଟଣାକ୍ରମରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା ଓ ପନୀରସେଲ୍‌ଭମ୍ (ଓପିଏସ୍) ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ପ୍ରାତଃ ଭ୍ରମଣ ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଭେଟ ପରେ ଓପିଏସ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଗୋଷ୍ଠୀ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗାମ୍ ଦଳ ସହ ମେଣ୍ଟ କରିବା ନେଇ ଓପିଏସ୍ ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାମିଲନାଡୁର ଗଙ୍ଗାଇକୋଣ୍ଡା ଚୋଲପୁରମ୍ ଗସ୍ତରେ ଯାଇଥିବାବେଳେ ଓପିଏସ୍ ତାଙ୍କୁ ପତ୍ର ଲେଖି ଭେଟିବା ପାଇଁ ଆପଏଣ୍ଟମେଣ୍ଟ ଚାହିଁଥିଲେ। ତେବେ ତାଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ପରେ ସେ ସର୍ବଶିକ୍ଷା ଅଭିଯାନ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏନ୍‌ଡିଏ ସହ ସମ୍ପର୍କ ଶେଷ ହୋଇଥିବା ଓପିଏସ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ମନ୍ତ୍ରୀ ପୁନ୍ତି ଏସ୍ ରାମଚନ୍ଦ୍ରନ ସ୍ପଷ୍ଟ କରିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଓପିଏସ୍ ସାରା ରାଜ୍ୟ ଗସ୍ତ କରିବେ। ଏବେ କୌଣସି ଦଳ ସହ ତାଙ୍କ ଗୋଷ୍ଠୀର ମେଣ୍ଟ ନାହିଁ। ନିର୍ବାଚନ ନିକଟତର ହେଲେ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

## ରାଜପଥରେ ହଠାତ୍ ବ୍ରେକ୍ ଦେବା ଅବହେଳା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୭

କାର୍‌ରେ ଯିବାବେଳେ ହର୍ନ ନ ବଜାଇ ହଠାତ୍ ବ୍ରେକ୍ ମାରିବା ଡ୍ରାଇଭରଙ୍କ ଅବହେଳା। ଏଥିଯୋଗୁ ସଡ଼କ ଦୁର୍ଘଟଣା ଘଟିଲେ ଚାଳକଙ୍କୁ ଦାୟୀ କରାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଣେ ଡ୍ରାଇଭର ବେପରୁଆ ଭାବେ ରାଜପଥ ମଝିରେ ଗାଡ଼ି ରଖିପାରିବେ ନାହିଁ। ଜରୁରୀ ସମୟରେ ମଧ୍ୟ ଏପରି କଲେ ସଡ଼କରେ ଅନ୍ୟମାନଙ୍କ ପ୍ରତି ବିପଦ ରହିଥିବାରୁ ତାକୁ ଯଥାର୍ଥ ବୋଲି କୁହାଯିବ ନାହିଁ। ଦୁର୍ଘଟଣାରେ ଯାଉଥିବା ଚାଳକଙ୍କ ଉତ୍ତରଦାୟିତ୍ୱ ରହୁଛି ଯେ, ସେ ତାଙ୍କ ପଛରେ ଧାଉଁଥିବା ଅନ୍ୟ ଯାନବାହନଗୁଡ଼ିକୁ ଓ୍ୱାର୍ନିଂ କିମ୍ବା ସିଗ୍ନାଲ ଦେଇ ନିଜ ଗାଡ଼ିରେ ବ୍ରେକ୍ ଦେବେ। ୨୦୧୭ ଜାନୁଆରୀ ୭ରେ ଘଟିଥିବା ଏକ ଦୁର୍ଘଟଣା ଯୋଗୁ ଇଞ୍ଜିନିୟରିଂ ଛାତ୍ର ଏସ୍. ମହମ୍ମଦ ହାକିମ୍ ନିଜ ବାମଗୋଡ଼ ହରାଇଥିଲେ। ଏହି ମାମଲାରେ ଶୀର୍ଷ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ମାଲେଗାଁଓ ବିସ୍ଫୋରଣ ମାମଲା
# ୭ ଅଭିଯୁକ୍ତ ଦୋଷମୁକ୍ତ



ପ୍ରଜ୍ଞା ସିଂ ଠାକୁର



ନୂଆଦିଲ୍ଲୀ,୩୧।୭

୨୦୦୮ର ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ୨୦୦୮ ସେପ୍ଟେମ୍ବର ୨୯ ତାରିଖ ପବିତ୍ର ରମଜାନ ମାସ ଅବସରରେ ମହାରାଷ୍ଟ୍ରରେ ମାଲେଗାଁଓସ୍ଥିତ ଏକ ମସଜିଦ ନିକଟରେ ମୋଟରସାଇକେଲ୍‌ରେ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ରାୟ ଘୋଷଣା କରି ଏନ୍‌ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି କହିଛନ୍ତି, ଅଭିଯୋଗ ପକ୍ଷ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ସେଥିପାଇଁ ସନ୍ଦେହର ସୁବିଧା ପାଇବାକୁ ଅଭିଯୁକ୍ତ ହକ୍‌ଦାର। ଅଭିଯୋଗ ପକ୍ଷ ଯେଉଁ ପ୍ରମାଣ ଉପସ୍ଥାପନ କରିଛନ୍ତି, ସେଥିରେ ତାଳମେଳ ରହୁ ନ ଥିବା ଅଦାଲତ କହିଛନ୍ତି। ମାଲେଗାଁଓ ବିସ୍ଫୋରଣ ପଛରେ ଦୃଢ଼ ସନ୍ଦେହ ରହିଥାଇପାରେ। କିନ୍ତୁ କେବଳ ସନ୍ଦେହ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନୁହେଁ। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଉକ୍ତ ଉଗ୍ରାର ସନ୍ଦେହ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ସନ୍ଦେହର ସୁବିଧା ସେମାନଙ୍କୁ ଦିଆଯାଇଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ତେବେ ନୈତିକତା ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପାଖାପାଖି ୧୭ ବର୍ଷର ଏହି ମାମଲାରେ ଦୀର୍ଘଦିନର ତଦନ୍ତ ଓ ଶୁଣାଣି ପରେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୁରୋହିତ, ପ୍ରଜ୍ଞା ଠାକୁର, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା) ଏବଂ ଆଇପିସିର ବ୍ୟବସ୍ଥା ଅନୁଯାୟୀ ବିଚାର ଚାଲିଥିଲା। ବିସ୍ଫୋରଣରେ ସାମିଲ ଥିବା ମୋଟରସାଇକେଲ ପ୍ରଜ୍ଞା ଠାକୁରଙ୍କର ବୋଲି କୌଣସି ପ୍ରମାଣ ମିଳି ନ ଥିଲା। ବିସ୍ଫୋରଣର ୨ ବର୍ଷ ପୂର୍ବରୁ ପ୍ରଜ୍ଞା ସାଧ୍ୱୀ ହେବା ସହ ସମସ୍ତ ଭୌତିକ ସାମଗ୍ରୀ ତ୍ୟାଗ କରିଥିଲେ ବୋଲି କୋର୍ଟ କହିଛନ୍ତି।

## ‘ହିନ୍ଦୁ ଆତଙ୍କବାଦ’ କଂଗ୍ରେସର ଷଡ଼ଯନ୍ତ୍ର
### ସୋନିଆ, ରାହୁଲ କ୍ଷମା ମାଗିବା ଆବଶ୍ୟକ: ଭାଜପା

ନୂଆଦିଲ୍ଲୀ,୩୧।୭(ପି.ଟି.)



ରବିଶଙ୍କର ପ୍ରସାଦ

ମାଲେଗାଁଓ ବିସ୍ଫୋରଣ ମାମଲାରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଭାଜପା ଉକ୍ତ ରାୟକୁ ସ୍ୱାଗତ କରିଛି। ଗେରିକ ଦଳ ଓ ନରେନ୍ଦ୍ର ମୋଦିଙ୍କ ଉତ୍ଥାନକୁ ରୋକିବା ଏବଂ ମୁସଲମାନ ଭୋଟବ୍ୟାଙ୍କକୁ ତୁଷ୍ଟ କରିବା ପାଇଁ ତତ୍କାଳୀନ କ୍ଷମତାରେ ଥିବା କଂଗ୍ରେସ ‘ହିନ୍ଦୁ ଆତଙ୍କବାଦ’ ସୂତ୍ର ସୃଷ୍ଟି କରିଥିଲା ବୋଲି ଭାଜପା ଗୁରୁବାର ଅଭିଯୋଗ କରିଛି। ଦୋଷମୁକ୍ତ ହୋଇଥିବା ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବା ସହ ସେମାନଙ୍କ ବିରୋଧରେ ମିଥ୍ୟା ପ୍ରମାଣ ଯୋଡ଼ିଥିବା ଓ ନିର୍ଯାତନା ଦେଇଥିବା ଅଭିଯୋଗକାରୀ ପକ୍ଷ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ସେହିପରି ଯେଉଁ ଅଫିସରମାନେ ନିର୍ଦ୍ଦୋଷଙ୍କୁ ମାମଲାରେ ଫସାଇବା ସହ ନିର୍ଯାତନା ଦେଇଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଭୋଟବ୍ୟାଙ୍କର ତୁଷ୍ଟୀକରଣ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଯାଇପାରେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହା କଂଗ୍ରେସର ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ରବିଶଙ୍କର କହିଛନ୍ତି। ହିନ୍ଦୁ ଆତଙ୍କବାଦ ସଂଗଠନ ଓ ଗେରିକ ଆତଙ୍କବାଦ ଅଭିଯୋଗ ଲଦି ଦେବା ପାଇଁ କଂଗ୍ରେସ ଚଳାଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନକୁ ଏଡ଼ାଇଯାଇ ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରକୁ ସମାଲୋଚନା କରୁଥିବା ରବିଶଙ୍କର ଅଭିଯୋଗ କରିଛନ୍ତି।

## ଚଳିତବର୍ଷ ୮ ବିମାନ ଦୁର୍ଘଟଣାରେ ଯାଇଛି ୨୭୪ ଜୀବନ

ନୂଆଦିଲ୍ଲୀ,୩୧।୭

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୮ଟି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ୩ଟି ପ୍ରଶିକ୍ଷଣ ବିମାନ ଏବଂ ୪ଟି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଏହା କହିଛନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାଗୁଡ଼ିକର କାରଣ ସମ୍ପର୍କରେ ତଦନ୍ତ ଚଳାଇଥିବା ସେ କହିଛନ୍ତି। ଏପ୍ରିଲ ୨୨ରେ ଗୁଜରାଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଜଣେ ଏବଂ ମେ ୮ରେ ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଥିଲେ। ଜୁନ୍ ୧୫ରେ ଉତ୍ତରାଖଣ୍ଡରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଥିଲା। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୮୧ ଜଣ ଆହତ ହୋଇଥିଲେ। ଏହାକୁ ମିଶାଇ ମୋଟ ୮ ଦୁର୍ଘଟଣାରେ ୮୪ ଜଣ ଆହତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## ପୁଷ୍ପେନ୍ଦ୍ର ସିଂ ହେବେ ସେନା ଉପାଧ୍ୟକ୍ଷ



ନୂଆଦିଲ୍ଲୀ, ୩୧।୭ (ପି.ଟି.)

ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ ଭାରତର ପରବର୍ତ୍ତୀ ସେନା ଉପାଧ୍ୟକ୍ଷ ହେବେ। ଏକ୍ସରେ ୧ରୁ ସେ ଏହି ପଦ ଗ୍ରହଣ କରିବେ। ସେ ଗତ ଜୁଲାଇ ୧ରୁ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣିଙ୍କ ସ୍ଥାନ ନେବେ। ସେ ଭାରତୀୟ ସାମରିକ ଏକାଡେମୀର ପୂର୍ବତନ ଛାତ୍ର ହୋଇଥିବାବେଳେ ନିଜ ୩୫ ବର୍ଷର କ୍ୟାରିୟରରେ ଭାରତୀୟ ସେନାର ଅପରେଶନ ପବନ, ଅପରେଶନ ମେଘଦୂତ, ଅପରେଶନ ରକ୍ଷକ, ଅପରେଶନ ଅର୍କିଡ୍ ଆଦିରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ, ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ କୃଷ୍ଣା ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ପରବର୍ତ୍ତୀ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ହେବେ। ଗତ ମେ ୧ରେ ସେ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ବୈଷୟିକ ତ୍ରୁଟି: ଏୟାର ଇଣ୍ଡିଆ ବିମାନର ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୩୧।୭

ଦିଲ୍ଲୀ ବିମାନବନ୍ଦରରୁ ଗୁରୁବାର ଲଣ୍ଡନ ଯିବାକୁ ଥିବା ଏୟାରଇଣ୍ଡିଆର ବୋଇଂ ୭୮୭-୯ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରିଦିଆଯାଇଛି। ବୈଷୟିକ ସମସ୍ୟା ପରେ ଏଆଇ୨୦୧୭ ବିମାନକୁ ସତର୍କତାମୂଳକ ଯାଞ୍ଚ ପାଇଁ ବେ'କୁ ଫେରାଇ ନିଆଯାଇଛି। ତ୍ରୁଟି ଜଣାପଡ଼ିବା ପରେ କକ୍‌ପିଟ୍ କ୍ରିଉ ଉଡ଼ାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## ଏସ୍‌ଆଇଆର୍: ସଂସଦ ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ,୩୧।୭ (ପି.ଟି.)

ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରତ୍ୟାହାର ଦାବିରେ ବିରୋଧୀ ହଙ୍ଗାମା ଜାରି ରଖିବାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭାରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ଗୃହକୁ ଅଚଳ କରିଥିଲେ। ଅପରାହ୍ନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକାର ଟାରିଫ ଘୋଷଣା ପ୍ରସଙ୍ଗରେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପୂର୍ବରୁ ଅପରେଶନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରକୁ ବିପକ୍ଷ ଦଳର ସଦସ୍ୟମାନେ ବିରୋଧ କରି ହୋହାଲ୍ଲା କରିବାରୁ ରାଜ୍ୟ ସଭାକୁ ୩ ଥର ମୁଲତବୀ ରଖାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ଭାବେ ବିହାର ଏସ୍‌ଆଇଆର୍‌କୁ ନେଇ ବିରୋଧୀ ହଙ୍ଗାମା ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।




ସଂସଦର ମୌସୁମୀ ଅଧିବେଶନ ବେଳେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ମୌସୁମୀ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

ନୂଆଦିଲ୍ଲୀ,୩୧।୭

ଚଳିତ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ପୂର୍ବାନୁମାନ କରିଛି। ଅଗଷ୍ଟରେ ଉତ୍ତର-ପୂର୍ବାଞ୍ଚଳ ଏବଂ ପୂର୍ବ ଭାରତର ଆଖପାଖ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଆଶା କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମୌସୁମୀର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁନ୍ ଓ ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ହିମାଚଳପ୍ରଦେଶ ଭଳି କେତେକ ରାଜ୍ୟରେ ଅଚାନକ ବନ୍ୟା ଦେଖାଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସାରା ଦେଶରେ ମୋଟାମୋଟି ଭାବେ ଦୀର୍ଘକାଳୀନ ହାରାହାରି ୪୨୨.୮ ମିଲିମିଟରର ୧୦୬ ପ୍ରତିଶତ ବୃଷ୍ଟିପାତ ହୋଇପାରେ। ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୪୪୫.୮ ମିଲିମିଟର ହୋଇଥିବାବେଳେ ଗତ ୨ ମାସରେ ୪୭୪.୩ ମିଲିମିଟର ବର୍ଷା ହୋଇଛି, ଯାହା ୬ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୬୨୪ ଥର ଅତ୍ୟଧିକ ବୃଷ୍ଟିପାତ ଏବଂ ୭୬ ଥର ଅତି ଭାରୀ ବୃଷ୍ଟିପାତ ଘଟଣା ଘଟିଛି, ଯାହା କି ଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍।

### ଫୁରସତ୍
## ଚର୍ଚ୍ଚାରେ ସଲମାନ



ମୁମ୍ବାଇ

ବଲିଉଡ ପରେ ନୂଆ ଇନିଂସ ଆରମ୍ଭ କରିବେ ଭାଇଜାନ୍। ସେଇଟି ହେଲା ରାଜନୀତି। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଏହା ପଛରେ ରହିଛି ସୁପରଷ୍ଟାର ସଲମାନଙ୍କ ଏକ ପୋଷ୍ଟ। ଆଗକୁ ମହାରାଷ୍ଟ୍ରରେ ବିଏମ୍‌ସିର ନିର୍ବାଚନ ହେବାକୁ ଯାଉଛି। ଏମିତିରେ ସଲମାନ ରାଜନୀତିକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି।
ସଲମାନ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ସେୟାର କରିଛନ୍ତି। ପୋଷ୍ଟରେ ଏକ ଫଟୋ ରହିଛି, ଯାହାକି ଆନିମେଟେଡ୍। ଫଟୋରେ ଚେହେରା ନଜର ଆସୁ ନ ଥିଲେ ହେଁ ତାଙ୍କର ହାତର ବ୍ରେସଲେଟ୍ ନଜର ଆସୁଛି। ସେ ହାତ ମଧ୍ୟ ଯୋଡ଼ିଛନ୍ତି। ଫଟୋରେ ଲେଖାଯାଇଛି ଯେ ନୂଆ ମଇଦାନରେ ଦେଖାହେବା। ବାସ୍ ଏହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। କହିବାକୁଥିଲେ ଯେ ବଲିଉଡ ସହ ଦକ୍ଷିଣ ଭାରତର ଅନେକେ କଳାକାର ରାଜନୀତିକୁ ଓହ୍ଲାଇ ସାରିଛନ୍ତି। ଏବେ ସଲମାନ ସେଭଳି କିଛି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ କିଛି ସଲମାନଙ୍କ ଏଭଳି ପୋଷ୍ଟ ପଛରେ ବିଗ୍‌ବସ୍‌କୁ ନେଇ ପ୍ରମୋଶନ ଥାଇପାରେ ବୋଲି କହୁଛନ୍ତି। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।



# ପୋଗାକାର ଅପ୍ରତିଦ୍ୱନ୍ଦ୍ୱୀ

ଟାଡେଜ ପୋଗାକାର

ସମ୍ମାନଜନକ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ଭିଣ୍ଟା-ଲିଜ୍ ଏ ବାଇକ୍ ଟିମ୍‌ର ବେଲଜିଆନ ରାଇଡର ଆଉଟ୍ ଭାନ ଆର୍ଟ ୨୧ତମ ତଥା ଅନ୍ତିମ ଷ୍ଟେଜରେ ବିଜେତା ହୋଇଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଶେଷ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିଛନ୍ତି...

ଚଳିତ ବର୍ଷ ସବୁଠୁ ସମ୍ମାନଜନକ ସାଇକେଲ ରେସ ଇଭେଣ୍ଟ ଟୁର ଡି ଫ୍ରାନ୍ସରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ବେଲଜିୟମର ଆଉଟ୍ ଭାନ ଆର୍ଟ ଭିଣ୍ଟା-ଲିଜ୍ ଏ ବାଇକ୍, ଯାହାକି ଟୁର ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ତମ ତଥା ଅନ୍ତିମ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। କିନ୍ତୁ ଚତୁର୍ଥ ସ୍ଥାନରେ ରହି ଅନ୍ତିମ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ଚାମ୍ପିୟନ ହୋଇଥିଲେ। ଏହା ପୋଗାକାରଙ୍କ ଲାଗି ଚତୁର୍ଥ ଟୁର ଡି' ଫ୍ରାନ୍ସ ଟାଇଟଲ। ଗତ ୬ ବର୍ଷରେ ସେ ୪ ଥର ଟୁର ଡି' ଫ୍ରାନ୍ସ ଜିତିଥିବା ବେଳେ ଦୁଇ ଥର ରନରଅପ୍ ରହିଛନ୍ତି। ଏହାର ଅର୍ଥ ସେ ଲଗାତର ୬ ବର୍ଷ ହେଲା ପୋଡିୟମ ଫିନିଶ୍ କରୁଛନ୍ତି। ଏହା ଟୁର ଡି ଫ୍ରାନ୍ସ ରେସ୍‌ରେ ତାଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି। ପୂର୍ବରୁ ସେ ୨୦୨୦, ୨୦୨୧ ଓ ୨୦୨୪ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ସେ ସଫଳତାର ସହିତ ନିଜ ଟାଇଟଲକୁ ଡିଫେଣ୍ଡ କରିଛନ୍ତି। ଏହା ତାଙ୍କୁ ବିଶ୍ୱର ମହାନ ବାଇକ୍ ରାଇଡରଙ୍କ ମଧ୍ୟରେ ପରିଗଣିତ କରୁଛି। ତାଙ୍କଠାରୁ କେବଳ ଜ୍ୟାକକୁଇଜ ଆନକୁଏଟିଲ, ଏଡି ମର୍କକ୍ସ, ବର୍ନାର୍ଡ ହିନଲ୍ଟ ଓ ମିଗୁଏଲ ଇଣ୍ଡୁରେନ ଅଧିକ ଥର ଟୁର ଡେ ଫ୍ରାନ୍ସ ରେସ ଜିତିଛନ୍ତି। ଏମାନେ ସମସ୍ତେ ୫ ଥର ଲେଖାଏ ଚାମ୍ପିୟନ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ଇଣ୍ଡୁରେନ ଏକମାତ୍ର ପୁରୁଷ ଭାବେ ଲଗାତର ୫ ବର୍ଷ ଚାମ୍ପିୟନ ହୋଇଥିଲେ। ୧୯୯୮ ସେପ୍ଟେମ୍ବର ୨୧ ତାରିଖରେ ସ୍ଲୋଭେନିଆର ରାଜଧାନୀ ଲୁବ୍ଲାନାଠାରେ ପୋଗାକାରଙ୍କ ଜନ୍ମ। ପୋଗାକାରଙ୍କ ବଡ଼ ଭାଇ ଟିଲେନ ମଧ୍ୟ ଜଣେ ରାଇଡର ଥିଲେ। ଟାଡେଜ ତାଙ୍କ ବଡ଼ ଭାଇଙ୍କ ଦ୍ୱାରା ପ୍ରଭାବିତ ହୋଇ ୯ ବର୍ଷ ବୟସରେ ରଗ ଲୁବ୍ଲାନା କ୍ଲବରେ ଯୋଗ ଦେଇଥିଲେ। ୨୦୧୧ରେ ପୋଗାକାରଙ୍କ ଉପରେ ରୋଡ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ଆନ୍ଦ୍ରେଜ ହପ୍ଟମ୍ୟାନଙ୍କ ନଜର ପଡ଼ିଥିଲା। ହପ୍ଟମ୍ୟାନ ତାଙ୍କୁ ପ୍ରାରମ୍ଭିକ କୋଚିଂ ଦେଇଥିଲେ। ହପ୍ଟମ୍ୟାନ ସ୍ଲୋଭେନିଆନ ଜାତୀୟ ସାଇକ୍ଲିଂ ଦଳର ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ମଧ୍ୟ ଥିଲେ। ଏକ ରେସରେ ପୋଗାକାର ତାଙ୍କଠାରୁ ବୟସରେ ବଡ଼ ଥିବା ରାଇଡରଙ୍କଠାରୁ ୧୦୦ ମିଟର ପଛରେ ପଡ଼ିଯାଇଥିବା ଚିନ୍ତା କରି କୋଚ୍ ହପ୍ଟମ୍ୟାନ ଆୟୋଜକଙ୍କୁ ପୋଗାକାରଙ୍କୁ କିଛି ସହାୟତା ପ୍ରଦାନ କରିବାକୁ କହିଥିଲେ। ହେଲେ ଯୁବ ରାଇଡର ପୋଗାକାର ଅନ୍ୟ ରାଇଡରଙ୍କଠାରୁ ଗୋଟିଏ ଲ୍ୟାପ ଆଗରେ ଚାଲିଥିବା ଆୟୋଜକମାନେ କହିଥିଲେ। ଏହାପରେ ୨୩ ବର୍ଷରୁ କମ୍ ରଗ୍ ଲୁବ୍ଲାନା ଦଳରେ ପୋଗାକାରଙ୍କୁ ସାମିଲ କରାଯାଇଥିଲା। ୨୦୧୮ରେ ସେ ସ୍ଲୋଭେନିଆନ ଜାତୀୟ ଦଳ ପକ୍ଷରୁ ଟୁର ଡି ଆଇ' ଆଭେନିର ଜିତିଥିଲେ। ସିନିୟର ସ୍ତରରେ ପଦାର୍ପଣ କରିବା ପୂର୍ବରୁ ସେ ଜୁନିୟର ସ୍ତରରେ ସଫଳ ରାଇଡର ଥିଲେ। ୨୦୧୮ ଅଗଷ୍ଟରେ ୟୁଏଇ ଟିମ୍ ଏମିରେଟ୍ସ ପୋଗାକାରଙ୍କ ସହ ଚୁକ୍ତି କରିଥିଲା। ୨୦ ବର୍ଷ ବୟସରେ ୨୦୧୯ରେ ସେ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ଟୁର ଅଫ୍ କାଲିଫର୍ନିଆରେ ୟୁସିଆଇ ୱାର୍ଲ୍ଡ ଟୁର ରେସ ଜିତିଥିଲେ। ଏଥିସହିତ ଭୁଏଲ୍ଟା ଏ ଏସ୍ପାନାର ୩ଟି ଷ୍ଟେଜରେ ଜିତିବା ସହ ଓଭରଅଲ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଏବଂ ୟଙ୍ଗ ରାଇଡର ଟାଇଟଲ ଜିତିଥିଲେ। ସେ ଟୁର ଅଫ୍ କାଲିଫର୍ନିଆ ଜିତିବା ସହ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡଟୁର ଷ୍ଟେଜ ରେସ ଜିତିଥିଲେ। ୨୦୨୦ରେ ଟୁର ଡେ ଫ୍ରାନ୍ସରେ ସେ ପଦାର୍ପଣ କରିଥିଲେ। ସେ ସପ୍ତମ ଷ୍ଟେଜ ଦୁଇ ମିନିଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ, ଯାହା କି ଅତ୍ୟଧିକ ପବନ ଯୋଗୁ ହୋଇଥିଲା। ଏହାର ପରଦିନ ସେ ଆଟାକିଂ ରାଇଡିଂ କରି ଅନ୍ୟ ସମସ୍ତ ରାଇଡରଙ୍କଠାରୁ ୩୮ ସେକେଣ୍ଡ ଆଗରେ ପହଞ୍ଚିଥିଲେ। ତାଙ୍କ ଦେଶର ଫାବିଓ ଆରୁ ନବମ ଷ୍ଟେଜରୁ ଓହରିବା ପରେ ପୋଗାକାର ସେହି ଷ୍ଟେଜକୁ ଜିତିଥିଲେ, ଯାହାକି ତାଙ୍କର ପ୍ରଥମ ଟୁର ଷ୍ଟେଜ ବିଜୟ ଥିଲା। ସେ ୧୯୮୩ ପରେ ପ୍ରଥମ ଓ ମୋଟ ଉପରେ ୧୨ତମ ରାଇଡର ଭାବେ ପ୍ରଥମ ଉଦ୍ୟମରେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ଏହାର ପର ସିଜନରେ ୟୁଏଇ ଟୁର, ଟିରେନୋ-ଆଡ୍ରିଆଟିକୋ, ଲିଜ-ବାଷ୍ଟୋଗ୍ନେ-ଲିଜ ଓ ଟୁର ଅଫ୍ ସ୍ଲୋଭେନିଆ ଜିତିଥିଲେ। ୨୦୨୧ ଟୁର ଡି' ଫ୍ରାନ୍ସରେ ସେ ଜେନେରାଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଗିରୋ ଡି ଲମ୍ବାର୍ଡିଆ ଓ ଲିଜ-ବାଷ୍ଟୋଗ୍ନେ-ଲିଜ ଆଦି ଦିନିକିଆ ରେସ ଜିତିଥିଲେ। ୨୦୨୨ରେ ପୋଗାକାର ୟୁଏଇ ଟୁରରେ ତାଙ୍କ ଟାଇଟଲ ଡିଫେଣ୍ଡ କରିଥିଲେ। ଷ୍ଟ୍ରାଡେ ବିଆଞ୍ଚେ ରେସରେ ଫିନିଶିଂ ଲାଇନ୍‌ଠାରୁ ୧୦୦ କିମି ଦୂରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହାସତ୍ତ୍ୱେ ସେ ପ୍ରଥମେ ଫିନିଶିଂ ଲାଇନ ଟଚ୍ କରିଥିଲେ। ଏହି ବର୍ଷ ସେ ଟୁର ଅଫ୍ ସ୍ଲୋଭେନିଆ, ଗିରୋ ଡି ଲମ୍ବାର୍ଡିଆ, ଜିପି ଡେ ମଣ୍ଟ୍ରିଲ, ଟ୍ରେ ଭାଲି ଭାରେଶାଇନରେ ଜିତିଥିଲେ। ୨୦୨୩ ସିଜନ ଆରମ୍ଭରୁ ସେ ଟୁର ଅଫ୍ ଫ୍ଲାଣ୍ଡର୍ସ ଜିତିଥିଲେ। ଟୁର ଡି' ଫ୍ରାନ୍ସରେ ୟଙ୍ଗ ରାଇଡର କ୍ଲାସିଫିକେଶନ ସହ ପ୍ୟାରିସ-ନାଇସ, ଭୁଏଲ୍ଟା ଏ ଆଣ୍ଡୁଲୁସିଆରେ ବିଜୟୀ ହୋଇଥିଲେ। ୨୦୨୪ ତାଙ୍କ କ୍ୟାରିୟର ଲାଗି ସ୍ୱର୍ଣ୍ଣିମ ବର୍ଷ ଥିଲା। ଏହି ବର୍ଷ ସେ ଟୁର ଡି ଫ୍ରାନ୍ସ ଓ ଗିରୋ ଡି ଇଟାଲିଆରେ ଚାମ୍ପିୟନ ହୋଇଥିଲେ। ଉଭୟ ଗ୍ରାଣ୍ଡ ଟୁରର ସେ ମୋଟ ୧୨ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଭଲ୍ଟା ଏ କାଟାଲୁନ୍ୟା, ୱାର୍ଲ୍ଡ ରୋଡ୍ ରେସ ଚାମ୍ପିୟନଶିପ୍ସ, ଲିଜ-ବାଷ୍ଟୋଗ୍ନେ-ଲିଜ, ଷ୍ଟ୍ରାଡେ ବିଆଞ୍ଚେ, ଜିପି ଡି ମଣ୍ଟ୍ରିଲ ଓ ଗିରୋ ଡେଲ ଏମିଲାରେ ସେ ବିଜୟୀ ହୋଇଥିଲେ। ସେ ଅଗଷ୍ଟରେ ହେବାକୁ ଥିବା ଭୁଏଲ୍ଟା ଏ ଏସ୍ପାନା ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବଦଳରେ ସେ ନିଜ ଶରୀରକୁ ରିକଭର କରିବାକୁ ସମୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରେସରେ ଏଭଳି ସଫଳତା ଯୋଗୁ ପୋଗାକାର ୟୁସିଆଇ ରୋଡ ରେସିଂରେ ୱାର୍ଲ୍ଡ ନଂ-୧ ହୋଇ ରହିଛନ୍ତି। ଏପରି କି ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ରହିଛି। ଏଥିସହିତ ଲଗାତର ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ଅପରାଜିତାଙ୍କ ପାଇଁ ନୂଆ ଉପଲବ୍ଧି

## ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଲାଗି ଏଫ୍‌ପିଓ ନିଯୁକ୍ତ



ଭାରତର ପ୍ରଥମ ମହିଳା ଭାବେ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର ଏବେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆମେରିକାର ୱାଶିଂଟନଠାରେ ଆସନ୍ତା ୨୦୨୫ ଅଗଷ୍ଟ ୨ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ତଦାରଖ ପାଇଁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେଠାରେ ଅପରାଜିତା ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର ପ୍ଲେ ଅଫିସର (ଏଫ୍‌ପିଓ) ଦାୟିତ୍ୱ ତୁଲାଇବେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନର ସଭାପତି ଆର୍କାଡି ଡଭୋରକୋଭିଚ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିବା ଅପରାଜିତା ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ୪୮ ଦେଶର ୫୫ଟି ଦଳ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଫେୟାର ପ୍ଲେ ଅଫିସର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଖୁସି ଅଛନ୍ତି ଅପରାଜିତା। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ ଫିଡେକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଏହା ତାଙ୍କ ପାଇଁ ଏକ ନୂଆ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

## ଅଭିଲେଖ



ଫିଡେ ମହିଳା ବିଶ୍ୱକପ ଟ୍ରଫି ସହ ଦିବ୍ୟା ଦେଶମୁଖ।

ସେଣ୍ଟ ଆଲୋୟସିଅସ
ୟୁନିଭର୍ସିଟିର
ରେମୋନା ଡ୍ୟାନ୍ସରେ ସ୍ତବ୍ଧ
ଶହେ ସତୁରି ଘଣ୍ଟା ତା ଭାରତ
ନାଟ୍ୟମ
ନୃତ୍ୟ କଳା ମନ୍ତ୍ର ମୁଗ୍ଧ
ନୂଆ କୀର୍ତ୍ତି ଉପଲବ୍ଧ
ଗୋଲଡେନ ବୁକ ଅଫ ୱାର୍ଲ୍ଡ
ରେକର୍ଡ୍ସରେ
ନାମ ହେଲା ଲିପିବଦ୍ଧ।
ଆଇସିସି ଟେଷ୍ଟ ଖେଳାଳି ର୍‍ୟାଙ୍କିଙ୍ଗ
ହୋଇ ଅଛି ପ୍ରକାଶିତ
ନମ୍ବର ୱାନ ଅଲରାଉଣ୍ଡର ଟିମ
ଜାଡେଜା ଗାଉଛି ଗୀତ
ଟେଷ୍ଟ କ୍ରିକେଟରେ ମିତ
ଟି ଟ୍ୱେଣ୍ଟି ବ୍ୟାଟରଙ୍କ ଟପରେ
ଅଭିଷେକ ଶର୍ମା ସତ।
ପଚିଶ ଶହ ରେଟିଂର ନର୍ମ ନ ଥାଇ
ଆମ ଦିବ୍ୟା ଦେଶମୁଖ
ଭାରତର ନୂଆ
ଗ୍ରାଣ୍ଡ ମାଷ୍ଟର ଏବେ
ଏକଜାମ୍ପୁଲ ହେଲେ ଦେଖ
ଏ ନିଉ ହିଷ୍ଟୋରୀ ଲେଖ
ନିଷ୍ଠା ପାଇଁ ବ୍ୟକ୍ତି ରେକର୍ଡ୍ସ ବନଇ
ନୂଆ ନୂଆ ଅଭିଲେଖ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟୁର୍ ଡି ଫ୍ରାନ୍ସ

ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହେଉଥିବାବେଳେ କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ବ୍ୟତିକ୍ରମ ଘଟିଥିଲା...



ଟୁର ଡି ଫ୍ରାନ୍ସ ହେଉଛି ଏକ ବାର୍ଷିକ ରୋଡ୍ ସାଇକେଲ ରେସ। ଏହା ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ୨୩ ଦିନ ଧରି ଅନୁଷ୍ଠିତ ହୁଏ। ୧୯୦୩ରେ ଏକ ଖବରକାଗଜ ଏଲ' ଅଟୋ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସାଇକେଲ ରେସ 'ଗ୍ରାଣ୍ଡ ଟୁର୍ସ'ର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ। ଗ୍ରାଣ୍ଡ ଟୁର୍ସରେ ଗିରୋ ଡି' ଇଟାଲିଆ ଓ ଭୁଏଲଟା ଏ ଏସ୍ପାନା ଭଳି ସମ୍ମାନଜନକ ଟୁର୍ନାମେଣ୍ଟ ରହିଛି। ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ଏହି ରେସକୁ ବିଭିନ୍ନ ଦିନିକିଆ ଷ୍ଟେଜରେ ଭାଗ ଭାଗ କରାଯାଇଛି। ରେସ ଶେଷ ହେବା ପରେ ପ୍ରତ୍ୟେକ ପର୍ଯ୍ୟାୟକୁ ଶେଷ କରିବା ପାଇଁ ରାଇଡରଙ୍କୁ ଲାଗିଥିବା ସମୟକୁ ହିସାବକୁ ନେଇ ବିଜେତା ନିର୍ଦ୍ଧାରଣ କରାଯାଏ। ପ୍ରତ୍ୟେକ ବର୍ଷ ରେସର ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଏ। କିନ୍ତୁ ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହୁଏ। କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ଏହି ରେସ୍ ନାଇସ୍ ସହରରେ ଶେଷ ହୋଇଥିଲା। ୧୯୭୫ଠାରୁ ଏହି ରେସ ଚାମ୍ପ ଏଲିସିସଠାରେ ଶେଷ ହୋଇଆସୁଛି। ପ୍ରତ୍ୟେକ ଷ୍ଟେଜର ରେସ ଶେଷ ହେବା ପରେ ସବୁଠୁ କମ୍ ସମୟ ନେଇଥିବା ରାଇଡର ହଳଦିଆ ଜର୍ସି ପିନ୍ଧନ୍ତି, ଯାହାକି ଜେନେରାଲ କ୍ଲାସିଫିକେଶନର ଅଗ୍ରଣୀ ରାଇଡରଙ୍କୁ ପ୍ରତିନିଧିତ୍ୱ କରେ। ସେହିଭଳି ପଏଣ୍ଟ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ସବୁଜ, ମାଉଣ୍ଟେନ୍ସ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ପଲକା ଡଟ୍ ଜର୍ସି ଓ ଯୁବ ରାଇଡର କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ଧଳା ଜର୍ସି ପିନ୍ଧନ୍ତି।

# ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ୨ ଅଟକ

ପାଟଣା,୩୧।୭(ବୀରକିଶୋର ଦାଶ)



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କେନ୍ଦୁଝର ଜିଲା ପାଟଣା ଥାନା ଅଙ୍କୁରା ଉପରସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାହିର ଗଙ୍ଗାଧର ନାଏକ(୨୮)। ଏ ନେଇ ଯୁବକଙ୍କ ବାପା ଭକ୍ତବନ୍ଧୁ ନାଏକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀ ବଢ଼ି ଦେଖିବାକୁ ଯାଇଥିଲେ। ଏହି ସମୟରେ ଅଙ୍କୁରା ଝପାସାହିର ଦୀନବନ୍ଧୁ ପାତ୍ର, ତାଙ୍କ ସ୍ତ୍ରୀ ହୀରାମଣି, ପୁଅ ସୌମ୍ୟରଞ୍ଜନ ଓ ବୋହୂ ବିଜୁଳି ଛିଡ଼ାହୋଇଥିଲେ। କୌଣସି କାରଣରୁ ଗଙ୍ଗାଧର ହୀରାମଣିଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସୌମ୍ୟରଞ୍ଜନ ଗଙ୍ଗାଧରଙ୍କୁ ଅଗଣାକୁ ଟେକିନେଇଥିଲେ। ସେଠାରେ ହାତଗୋଡ଼ ବାନ୍ଧି ସପରିବାରେ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ସୌମ୍ୟରଞ୍ଜନ ଚଳାଉଥିବା ପାୱାର ଟିଲର ମାଲିକ ଲକି ନାଏକଙ୍କୁ ଫୋନ୍‌କରି ଭକ୍ତବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇଦେବାକୁ କହିଥିଲେ। ଭକ୍ତବନ୍ଧୁ ପୁତୁରାଙ୍କ ସହ ଘଟଣାସ୍ଥଳକୁ ଯିବା ବାଟରେ ଗଙ୍ଗାଧରଙ୍କୁ ଦେଖିଥିଲେ। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନ ନେଇ ଘରକୁ ଆଣିଥିଲେ। ଗୁରୁବାର ସକାଳେ ଗଙ୍ଗାଧରଙ୍କୁ ତାଙ୍କ ମା' ଚା' ପିଇବାକୁ ଉଠାଇବାକୁ ଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜାଣିଥିଲେ। ଏନେଇ ଭକ୍ତବନ୍ଧୁ ପାଟଣା ଥାନାରେ ଗଙ୍ଗାଧରଙ୍କୁ ଅତ୍ୟଧିକ ମାଡ଼ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଗଙ୍ଗାଧରଙ୍କ ସାମାନ୍ୟ ମାନସିକ ବିକୃତ ଥିଲା। ସେ ଚିକିତ୍ସତ ହୋଇ ସୁସ୍ଥ ହୋଇଯାଇଥିଲେ ବୋଲି ଭକ୍ତ କହିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ସରୋଜ କୁମାର ଭୋଇ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ହୀରାମଣିଙ୍କୁ ଉଠାଇନେଇ ଥାନାରେ ପଚରାଉଚରା କରୁଛି। ଘଟଣାରେ ସମ୍ପୃକ୍ତ ସୌମ୍ୟରଞ୍ଜନ ଓ ବିଜୁଳି ଫେରାର ଅଛନ୍ତି। ଥାନା ଅଧିକାରୀ ମହାକୁଡ଼ କହିଛନ୍ତି, ଏକ ମାମଲା (ନଂ.୧୭୫/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟହେବ ବୋଲି ମହାକୁଡ଼ କହିଛନ୍ତି।

# ରାସ୍ତାକଡ଼ ବିଲରୁ ମିଳିଲା ଚାଷୀଙ୍କ ମୃତଦେହ: ହତ୍ୟା ସନ୍ଦେହ

ଭଦ୍ରକ,୩୧।୭(ସନାତନ ରାଉତ)



ମୃତଦେହ ପଡ଼ିଥିବା ସ୍ଥାନରେ ଲୋକଙ୍କ ଭିଡ଼।

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଗୁଆ ପଞ୍ଚାୟତର କୁଶଗଡ଼ିଆ ନିକଟସ୍ଥ ରାସ୍ତାକଡ଼ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଗୁରୁବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଗେଲଗୁଆ ଗ୍ରାମର ସନ୍ତୋଷ ମଲ୍ଲିକ(୬୨)। ଘରୁ ବାହାରି ଆସିବାର ମାତ୍ର ଅଧଘଣ୍ଟା ପରେ ମୃତଦେହ ମିଳିବା ବେଳେ ପାରିବାରିକ ବିବାଦରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ପୁଅ ଉଦୟ କୁମାର ମଲ୍ଲିକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି।

ଉଦୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରାତଃ ସାଢ଼େ ୫ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଇକ୍‌ରେ ପାଖ ଗାଁ ବଗମରା ଅଭିମୁଖେ ଯାଇଥିଲେ। ସକାଳ ୬ଟା ବେଳେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡ଼ିଥିବା ଘରକୁ ଖବର ଆସିଥିଲା। ତାଙ୍କ ଶାର୍ଟ ଚିରିଯାଇଥିବା ବେଳେ ମୁହଁରେ ମାଡ଼ ଦାଗ ସହ ରକ୍ତ ବାହାରୁଥିବା ଦେଖାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା ଉଦୟ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୫) ରୁଜୁ ହୋଇଛି।

# ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ସାର୍ ଗିରଫ

ପାତ୍ରପୁର,୩୧।୭
(ଉମା ଚରଣ ନେପାକ)



ଗଣେଶ ପ୍ରଧାନ।

ଗଞ୍ଜାମ ଜିଲା ଜରଡ଼ା ଥାନା ଅଧୀନସ୍ଥ ପଦାଦିଗି ପଞ୍ଚାୟତ ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଟ୍ୟୁଶନ ସାର୍ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ଦାମୋଦରପଲ୍ଲୀର ଗଣେଶ ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

ଗଣେଶ ଗ୍ରାମରେ କେତେଜଣ ପିଲାଙ୍କୁ ପାଠ ପଢ଼ାଉଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ଜଣଙ୍କ ସବୁଦିନ ଭଳି ବୁଧବାର ସନ୍ଧ୍ୟାରେ ତାଙ୍କ ପାଖକୁ ଟ୍ୟୁଶନ ଯାଇଥିଲେ। ଗଣେଶ ପାଠ ନ ପଢ଼ାଇ ତାଙ୍କୁ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଛାତ୍ରୀ ଜଣଙ୍କ ପାଟି କରିବାରୁ ସେ ଛାଡ଼ିଦେଇଥିଲେ। ନାବାଳିକା ଫେରିଆସି ପରିବାର ଲୋକଙ୍କୁ କହିବା ପରେ ଜରଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଗଣେଶଙ୍କୁ କାବୁ କରିଥିଲା। ଏ ନେଇ ନଂ. ୨୬୩/୨୫ରେ ମାମଲା ରୁଜୁ ହୋଇଛି।

# ୬ ମାଓବାଦୀ ଗିରଫ



ମାଲକାନଗିରି ୩୧।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲା ବାସାଗୁଡ଼ା ଅଞ୍ଚଳରୁ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗିରଫ କରିଛନ୍ତି। ଡିଆର୍‌ଜି ଓ କୋବ୍ରା ବାଟାଲିୟନ ସେହି ଗାଁ ନିକଟ ମାଲାପାଲି ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ଏମାନଙ୍କୁ ଗିରଫ କରିଥିଲା । ସୂଚନା ମୁତାବକ ମାଲାପାଲି ଜଙ୍ଗଲରେ ମାଓବାଦୀମାନେ ଥିବା ଖବର ପାଇ ଯବାନମାନେ ସେହି ଜଙ୍ଗଲକୁ ଚତୁଃପାର୍ଶ୍ୱରୁ ଘେରି ୬ଜଣଙ୍କୁ ଧରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧ ଲକ୍ଷ ଲେଖାଏ ପୁରସ୍କାର ରାଶି ଥିବା ଜଣାପଡ଼ିଛି । ସେହି ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# ବିଧାୟକଙ୍କ ଭଡ଼ାଘରୁ ଚୋରି

ଝାରସୁଗୁଡ଼ା, ୩୧।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନଥାନା ଅଧୀନ ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଜୁଲାଇ ୨୯ ତାରିଖରେ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡୋଶୀ ଗୋପାଳ ଲୋଧା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅଭିଯୋଗ ଅନୁଯାୟୀ, ବିଧାୟକ ତ୍ରିପାଠୀ ଉକ୍ତ ଫ୍ଲାଟ୍‌ରେ ରହୁଛନ୍ତି। ଗତ ୨୯ ତାରିଖରେ ତାଙ୍କ ଘରର ତାଲା ଭଙ୍ଗାଯାଇଥିବାବେଳେ ସିସିଟିଭିର ଡିଭିଆର୍ ଚୋରି ହୋଇଥିବା ପଡୋଶୀ ଗୋପାଳ ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଅପହରଣ ଉଦ୍ୟମ, ୫ ଗିରଫ

ଯୋଡ଼ା,୩୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ ମାମଲାରେ ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଫର୍ଡିକ ଶେଖ, ସାହିଦୁଲ ଶେଖ, ଦିଲଦାର୍ ହୁସେନ, ଜାମାଲ ଶେଖ ଓ ସାଫିକୁଲ ଶେଖ।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହ ସ୍ଥାନୀୟ ଅଞ୍ଚଳର (ଅଭିଯୋଗକାରିଣୀ) ମହିଳା କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନରେ ଅବକାରୀ, ଆର୍‌ପିଏଫ୍ ଚଢ଼ାଉ

ଭୁବନେଶ୍ୱର,୩୧।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରେଳ ଷ୍ଟେଶନରୁ ଗୁରୁବାର ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ

**୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଗିରଫ**

ଚାଲାଣକାରୀ ଧରାପଡ଼ିଛନ୍ତି। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରେନ୍ଦ୍ର କୁମାର ଓ କୁଲଦୀପ କୁମାର। ସେମାନଙ୍କ ନିକଟରୁ ୩୦ କେଜିର ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସକାଳ ପ୍ରାୟ ୧୦ଟା ବେଳେ ଆର୍‌ପିଏଫ୍ ଓ ଅବକାରୀ ଟିମ୍ ମିଳିତ ଯାଞ୍ଚ କରୁଥିବାବେଳେ ଦୁଇ ସନ୍ଦିଗ୍ଧଙ୍କ ଉପରେ ନଜର ପଡ଼ିଥିଲା। ଉଭୟଙ୍କ ଲଗେଜ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉଭୟ ଓଡ଼ିଶାରୁ ରାଜସ୍ଥାନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ରଖିଥିଲେ।


**OFFICE OF THE SUPERINTENDENT, CHC, SAKHIGOPAL, PURI**

Letter No.189 Date:30.07.2025

It is hereby informed that the tender call notice published on dated 13.07.2025 in regards supply of diet to CHC, Sakhigopal is cancelled due to unavoidable circumstance till further notification.

Sd./- Superintendent, CHC, Sakhigopal, Puri

**ODISHA PUBLIC SERVICE COMMISSION CUTTACK**

**NOTICE**

**No.5439/PSC, Dt.30.07.25**
**(1E-03-2025-26) (DR-II)**
**Website- http://www.opsc.gov.in**

No.D-150:It is for information of all concerned that, the Written Examination for recruitment to the post of **Assistant Professor (Broad Speciality)** in **22 Disciplines (except Radio-Therapy (MKCG) & Radiation Oncology)** under H & F.W.Department in pursuant to **Advertisement No.03 of 2025-26**, will be held on **17.08.2025 (Sunday).** The detailed programme along with venue will be notified later in the website of the Commission.

The candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0285/2526 **Sd./- Secretary**

**Directorate of Ports & Inland Water Transport,**
**Zone-A, Ground Floor, Fortune Tower, Chandrasekharpur, Bhubaneswar-751023**
Phone: 0674-2300885, Email: - portsniwt.od@nic.in

**No.2499 P & IWT,** **Date : 28.07.2025/**

**NOTICE INVITING TENDER (NIT)**

**Request for Proposal (RFP) for Selection of an Agency/Firm for Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District.**

**No.JJ-35** : The Government of Odisha is prioritizing skill development in the maritime sector through the establishment of two key institutions: the Odisha Maritime Academy (OMA) at Paradip and the Crew Training Institute (CTI) at Chandbali. These institutions aim to provide high-quality training to create a competent and well-equipped workforce that meets the growing demands of the maritime industry.

Located in Chandbali, the Crew Training Institute (CTI) is a premier center focused on equipping unemployed youth and crew members in Odisha with the skills necessary for operating and maintaining inland vessels.

Situated in Paradip, the Odisha Maritime Academy (OMA) is a renowned institution committed to producing skilled seafarers through comprehensive education and professional training. The academy is recognized and accredited by the Directorate General of Shipping (DGS), Government of India.

As a part of this endeavor, the Authority has decided to invite from eligible entities to undertake the **Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District (the "Project")** in PPP Mode, and has, therefore, decided to carry out the bidding process for selection of an entity as the Bidder to whom the Project may be awarded. The involvement of the private sector partners would leverage the industry knowledge as well as the investments in terms of qualified trainers, multifaceted placement opportunities, etc. The Authority now intends to ensure quality interventions aligned with industry requirements. The proposed agency/firms would upgrade, operate, maintain and manage the institutes while focusing on imparting relevant training through their expertise in the concerned fields.

Interested experienced agencies/firms may download the RFP document online from the website of Government of Odisha **https://ct.odisha.gov.in/tenders-advertisement** or can be collected from the Directorate from **01.08.2025 to 20.08.2025 upto 03.00 P.M.** The Agency/ Firms who wish to participate shall deposit the non-refundable document cost for an amount of **Rs.1,000 (Rupees One Thousand) only** in shape of Demand Draft from any Scheduled/ Nationalized Bank & EMD for **Rs.50,000/- (Rupees Fifty Thousand) only in shape of Term Deposit** from any Nationalized/ Scheduled Bank/ National Savings Certificate (NSC) drawn in favour of Director, Ports and Inland Water Transport, Odisha, Bhubaneswar payable to Bhubaneswar.

**Query/Clarifications**

Queries/ Clarifications if any, on the above RFP can be obtained from the following address;
**Directorate of Ports & Inland Water Transport,**
**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
**Phone -0674-2300885,**
**Email: - portsniwt.od@nic.in**

The Directorate of Ports and Inland Water Transport, Odisha reserves the rights to accept or reject any or all tender without assigning any reason and no correspondences shall be entertained in this regard.

**Sd./- Director**
OIPR-38035/11/0038/2526 **Ports & IWT, Odisha**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**(SHORT TENDER CALL NOTICE)**

**NO. DMC/NPCBVI/4376/2025-26 DATE: 29.07. 2025**

**No.E-273** : Sealed tenders are invited from registered Firms/ Suppliers/Manufacturers/ Authorized distributors for supply of Drugs and Medical Consumables under NPCBVI for the year 2025-26 & 2026-27 to the undersigned. Details regarding items with terms and condition may be downloaded from the district website www.sambalpur.odisha.gov.in. The tender should reach to the undersigned on or before 12.08.2025 up to 05.00 PM (On working days) through Speed Post/Registered Post/ Courier Service only. The tender will be opened on 13.08.2025 at 11.30 AM in the office chamber of the undersigned. The undersigned reserves the right to reject any or all the tenders without assigning any reason.

**Sd./- Chief District Medical &**
OIPR-10049/11/0018/2526 **Public Health Officer, Sambalpur**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL**

(dhhstore.angul@gmail.com) Cell : 9439994973, WAP : 7894258019

**Tender Notice : CS-25-26/Tender/450/Date 28th JUL 2025**

**No.E-270** : Sealed Tenders in prescribed format are invited from the Registered Manufacturers/ Authorized Distributors/ Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM&PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the packets separately and to be kept in a single cover which should be superscribed as "CS/Tender for Drugs, BCL, Lab. Chemicals & Medical Consumables etc" Last Date of Receive:20 Aug 2025.

The sealed Tender will be received through Speed Post/ Reg. Post/ Couriers ONLY on or before **Dt.20.08.2025 till 5.00 P.M** at the office of the CDM&PHO, Angul and the said tender will be opened on **dt.21.08.2025 at 10.00 A.M** in presence or absence of Bidders or their Authorized Representatives at the office of CDM&PHO Angul. Tenders received incomplete or after the scheduled date & time shall be rejected.

The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to **angul.odisha.gov.in**

**Sd./- Chief District Medical &**
OIPR-10142/11/0012/2526 **Public Health Officer, Angul**

**GOVERNMENT OF ODISHA**

**"e" Procurement Notice**

**Bid Identification No. 01 of 2025-26**

No. O-509

| | | | |
|---|---|---|---|
| 1 | Number of Works | : | 1 No. of Road Work |
| 2 | Estimated Cost (Approx.) | : | Rs.92.63 lakh |
| 3 | Period of Completion | : | 6 (Six) Calendar Months |
| 4 | Date & Time of availability of Bid documents in the portal | : | 01.08.2025 at 11.00 hrs. |
| 5 | Last date & time for receipt of Bids in the portal | : | 16.08.2025 at 17.00 hrs. |
| 6 | Date of opening of Tender | : | 17.08.2025 at 11.00 hrs. |
| 7 | Name and address of the Officer Inviting Bid | : | O/o. The Superintending Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in.**

**Sd./- Executive Engineer**
**Rural Works Division,**
OIPR-25056/11/0015/2526 **Jagatsinghpur**

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**

No. i-

E-mail:- ori-rengali@nic.in

**TENDER CALL NOTICE**

**Bid Identification No.P.S/REN/SBP/DEV/01/2025-26**

**No. 3043 /Date. 29.07.2025**

**CORRIGENDUM**

**TENDER CALL NOTICE NO. 2711 Dtd.05.07.2025, OFFICE OF THE PANCHAYAT SAMITI, RENGALI, SAMBALPUR**

1. The last date and time for submission via the website and receipt of bids is extended to **17:00** hours on **08.08.2025**.
2. The date of tender opening is extended to **11:30** hours on 13th August 2025.
3. Original Bid Security & Demand Draft towards cost of bid document shall be submitted in the office of the undersigned on or before **11.15** hours on dated **13.08.2025** during the office hours on working days failing which the bid will be rejected.
4. Earlier, under the option "**EMD Exemption** " the value was marked as **"NO"** Now the said option has been changed to **YES** in Tender Web Portal.
5. In tender Notice Sl No.7 "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali, Sambalpur from any Nationalized scheduled bank **payable at Sambalpur Towards cost of tender paper including GST** read as "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali Sambalpur from any Nationalized scheduled bank **payable at Rengali, Sambalpur towards cost of tender paper**".
6. The Word **"District Project Coordinator"** in **SL No.7.2 & 15.1.A** of General Instruction of Procedure to participate in on-Line-bidding E-Procurement and **SL. No. 33,85,95,112(2.1.1)** of D.T.C.N. read as **"Block Development Officer, Rengali"**. However, all other terms and conditions remain unchanged.

Yours faithfully
**Sd./- Block Development Officer,**
OIPR-19315/11/0002/2526 **Rangali**

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1334 **e-Procurement Notice No. 30/OCCL/2025-26 (Online)**

Online request for Proposal is invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Request for Proposal (RfP) for engagement of Consultant for Documentation & Processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District | OCCL-CDC/01/2025-26 | NA | Rs.2,00,000/- | 18 (Eighteen) Calendar Months | From 31.07.2025, 3.30 P.M. to 16.08.2025, 3.30 P.M. |

Procurement Officer : Managing Director, OCCL
Date of Opening of the Tender: 18.08.2025, 12.00 onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in, https://odishaconstruction.com**

OIPR-34120/11/0048/2526 **Sd./- Managing Director**

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5447 / P.S.C., Dt. 30.07.2025**
**(1R-14-24/25) (DR-V)**

**Assistant Professor (Stage-I) in Odia**
(Advertisement No.27 of 2023-24)

**No.D-** : It is for information of all concerned that, document verification of **154 (One Hundred Fifty-Four)** candidates having **PPSAN** mentioned below for the post of **Assistant Professor (Stage-I) in "Odia"**, pursuant to. Advertisement No.27of 2023/24 shall be held **from 08.08.2025 to 16.08.2025 (Except 09.08.2025,10.08.2025 & 15.08.2025)** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 08.08.2025 | 10.30 A.M. | P240304811, P240307675, P240306356, P240303415, P240302187, P240307696, P240303578, P240272147, P240306159, P240304134, P240311972, P240301346, P240304871, P240309503, P240291739 & P240304279 = **16 Candidates** |
| | 2.30 P.M. | P240309016, P240305686, P240308886, P240309151, P240308935, P240304714, P240303754, P240306905, P240301311 & P240307521 = **10 Candidates** |
| 11.08.2025 | 10.30 A.M. | P240307992, P230152234, P240307021, P220013475, P240309292, P240304581, P240306912, P240290613, P240304587, P230111746, P240306123, P220078102, P240306231, P240300824, P240306298 & P240305640 = **16 Candidates** |
| | 2.30 P.M. | P240306288, P240307851, P240305442, P240310317, P240304679, P240292270, P240302387, P240310228, P240282112 & P230114899 = **10 Candidates** |
| 12.08.2025 | 10.30 A.M. | P230141847, P240307410, P240308249, P240306979, P240306279, P240297623, P240307757, P240307191, P240308047, P240306160, P240307309, P240298106, P240305751, P240302653, P240312869, & P240309467 = **16 Candidates** |
| | 2.30 P.M. | P240303301, P240266573, P240302594, P240242059, P240307338, P240302543, P240305317, P240266111, P240308510 & P240307818 = **10 Candidates** |
| 13.08.2025 | 10.30 A.M. | P240260461, P240311384, P240303623, P240298290, P230122958, P240308177, P240305431, P230113873, P230110927, P240307216, P230160825, P240296696, P240304857, P240311650, P240309108 & P240301484 = **16 Candidates** |
| | 2.30 P.M. | P240304645, P240244564, P240286820, P240309318, P240311001, P240307533, P240307432, P240304000, P240310435 & P240302646 = **10 Candidates** |
| 14.08.2025 | 10.30 A.M. | P240305845, P240310900, P240250993, P240297289, P240268689, P240309321, P240311940, P240311403, P240302416, P240309791, P240308843, P240297210, P240302610, P240287060 & P230101199 = **15 Candidates** |
| | 2.30 P.M. | P240311719, P230098482, P240298524, P230099442, P240304233, P240310899, P230135112, P240305517, P240304674 & P240304776 = **10 Candidates** |
| 16.08.2025 | 10.30 A.M. | P240308005, P240307223, P230162620, P240253625, P240311155, P240298750, P240302914, P240307486, P240311274, P240303391, P240311901, P230121045, P240307492, P240289105 & P240311939 = **15 Candidates** |
| | 2.30 P.M. | P240297546, P240288270, P230092141, P240297928, P230116140, P240303830, P240290431, P240308305, P240281942 & P240304315 = **10 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0284/2526 **Sd./- Secretary**

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ମାସରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ

## ଏନ୍‌ଏସ୍‌ଇର ନୂଆ ମାଇଲ୍‌ଷ୍ଟୋନ୍

**ଭୁବନେଶ୍ୱର,୩୧।୭**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଏହି ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ଗତ ୩ ମାସ ମଧ୍ୟରେ ୧ କୋଟି ପାର ସହ ନୂଆ ମାଇଲ୍‌ଷ୍ଟୋନ୍ ହାସଲ କରିଛି । ଏହି ସମୟ ମଧ୍ୟରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ ଖୋଲିଛନ୍ତି। ସେହିଭଳି ୨୦୨୫ ଜୁଲାଇ ମଧ୍ୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଆଉ ଏକ ବଡ ସଫଳତାରେ ପହଞ୍ଚିଛି। ବିଶେଷକରି ଏନ୍‌ଏସ୍‌ଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ୨୦୨୫ ଏପ୍ରିଲରେ ୨୨ କୋଟି ମାର୍କ ଅତିକ୍ରମ କରିଥିବାବେଳେ ୨୦୨୫ ଜୁଲାଇରେ ଏହା ୨୩ କୋଟି ଅତିକ୍ରମ କରିଛି। ଅପରପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୨୦୨୫ ଜୁଲାଇ ୨୮ ସୁଦ୍ଧା ୧୧.୮ କୋଟି ରହିଛି। ସେହିପରି ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ବଜାର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଛି, ଯାହାକି ୨୦୨୫ ଜୁନ ୩୦ ସୁଦ୍ଧା ଏନ୍‌ଏସ୍‌ଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ ତମ ସ୍ଥାନରେ ରହିଛି। ଏପରିକି ଓଡିଶା ୩୭% ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର୍) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।





ଏ ସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ୨୦୨୫ ଏପ୍ରିଲରେ ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ୨୨କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ମଧ୍ୟରେ ପ୍ଲାଟ୍‌ଫର୍ମ ଆଉ ୧ କୋଟି ନିବେଶକ ଆକାଉଣ୍ଟ ଯୋଡ଼ି ଏକ ବଡ ସଫଳତା ହାସଲ କରିଛି। ଏହି ସଫଳତା ଭାରତର ପୁଞ୍ଜି ବଜାରଗୁଡ଼ିକ ଉପରେ ରହିଥିବା ଗଭୀର ବିଶ୍ୱାସ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକଙ୍କ ଭାବନାର ସ୍ଥିରତାକୁ ପ୍ରତିଫଳନ କରୁଛି। ବିଶେଷକରି ଅଧିକରୁ ଅଧିକ ଲୋକ ଇକ୍ୱିଟି, ଇଟିଏଫ୍, ଆର୍‌ଇଆଇଟି, ଆଇଏନ୍‌ଭିଆଇଟି ଓ ଋଣ ଉତ୍ପାଦଗୁଡିକରେ ନିବେଶ କରୁଥିବାରୁ ଏହି ସଫଳତା ଟେକ୍ନୋଲୋଜି ମାଧ୍ୟମରେ ଏକ ଅଧିକ ବିବିଧ ଓ ସୁଗମ ନିବେଶ ପରିଦୃଶ୍ୟକୁ ସକ୍ଷମ କରିଛି।

ସେହିଭଳି ଏନ୍‌ଏସ୍‌ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି। ଏନ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଇନ୍‌ଭେଷ୍ଟର ଆୱାରନେସ୍ ପ୍ରୋଗ୍ରାମ୍ (ଆଇଏପି) ର ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇ ୨୦୧୯-୨୦ ଆର୍ଥିକ ବର୍ଷର ୩୫୦୪ରୁ ୨୦୨୪-୨୫ରେ ୧୪,୬୭୯ ରେ ପହଞ୍ଚିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ପ୍ରାୟ ୮ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏନ୍‌ଏସ୍‌ଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ୍) ୨୦୨୫ ଜୁନ ୩୦ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୭୩ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକ ମଜଭୁତ ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୧।୭**

ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ସମେତ ଆଗାମୀ କାର୍ଯ୍ୟଯୋଜନାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବ୍ୟାଙ୍କ ଏଥିରେ ୩୨% ଅଭିବୃଦ୍ଧିହାର ହାସଲକରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୯% କୁ ବୃଦ୍ଧି ପାଇ ୪,୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ୦.୮୨% ଏବଂ ଆର୍‌ଓଇ ୧୩.୫୫% ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ ସେକ୍ଟରରେ ୨.୫୫% ଏବଂ ଘରୋଇ କ୍ଷେତ୍ରରେ ୨.୮୨% ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ୧୨.୦୨%କୁ ବୃଦ୍ଧି ପାଇଥିବାବେଳେ ଘରୋଇ ଅଗ୍ରିମ ୧୧.୨୪%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରିମରେ ୨୦% ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରିମ କ୍ଷେତ୍ରରେ ଯଥାକ୍ରମେ ୧୭ ଏବଂ ୧୨% ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ୯.୦୭% ବୃଦ୍ଧି ପାଇଥିବାବେଳେ ଘରୋଇ ଜମା ୯.୬୨% ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ୨.୫୦% ଏବଂ ୩୯.୮୮% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ୦.୭୫% ରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୮୩ ବିପିଏସ୍ ବୃଦ୍ଧି ପାଇ ୯୨.୯୪% ରହିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୩୧।୭**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୬ (୨୯୬.୨୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୫.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୭ (୮୬.୭୦) ପଏଣ୍ଟ କମି ୨୪,୭୬୮ (୨୪,୭୬୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଓଜିବି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

**ଭୁବନେଶ୍ୱର,୩୧।୭**

ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ସେହିଭଳି ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟର ଏକ ଅଂଶୀଦାର ହିସାବରେ ଓଜିବି ପକ୍ଷରୁ ସାକ୍ଷୀଗୋପାଳ ଶାଖା ମାଧ୍ୟମରେ ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର ଦାଶବିଦ୍ୟାଧରପୁର ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏସ୍‌ଏଲ୍‌ବିସି ଇନଚାର୍ଜ ନାୟକ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଜନସୁରକ୍ଷା ଯୋଜନାଗୁଡ଼ିକର ଲାଭ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ମୁଖ୍ୟ ଅତିଥିମାନଙ୍କୁ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ଅଭିଯାନକୁ ସଫଳ କରିବାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।





# ଡ. ବି. କେ. ମିଶ୍ର ଇମ୍ଫାର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୭ (ଅଭୟ ଦାଶ)**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ନୂତନ ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ବି.କେ. ମିଶ୍ର ନିକଟରେ ନିଯୁକ୍ତ ହୋଇଛନ୍ତି। ଡ. ମିଶ୍ର ଏନ୍‌ଆଇଟି ରାଉରକେଲାରୁ ମେଟାଲର୍ଜିକାଲ ଇଞ୍ଜିନିୟରିଂ ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

ଅପରପକ୍ଷରେ ଡ. ମିଶ୍ରଙ୍କୁ ନିଯୁକ୍ତି ପଦ୍ମଶ୍ରୀ ଏନ୍. ଆର୍. ମହାନ୍ତିଙ୍କ ଅବସର ପରେ ମିଳିଛି। ୨୦୦୫ରେ ପଦ୍ମଶ୍ରୀ ମହାନ୍ତି ସ୍ୱାଧୀନ ନିର୍ଦ୍ଦେଶକ ଭାବେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ୨୦୨୧ ଜୁଲାଇରେ ସେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ମୁଁ ପରିଚାଳନା ପକ୍ଷରୁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି। ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବେ ଉଭାହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି। ସେହିଭଳି ମୁଁ ଏନ୍. ଆର୍. ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି। ମୋ ସହକର୍ମୀଙ୍କ ପକ୍ଷରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି।



ଡ଼. ବି କେ ମିଶ୍ର

**ମନେ ପଡ଼ନ୍ତି**

ଦ୍ୱାଦଶ କର୍ମ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁଧାଙ୍ଗନା ପତି
ଗ୍ରାମ: ସୋଧ, ଦୋବଲ, ଧାମନଗର
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୨୧।୦୭।୨୦୨୫
ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ସମୟରେ ମନେ ପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।
"ଇତି" ଆପଣଙ୍କର ରମାକାନ୍ତ ପତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପତି ପରିବାରବର୍ଗ।
ଧ-୧୫୦୬

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76477

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485






**Full body massage experience, good looking therapist @999 (Bhubaneswar). 9078484455.** D-1325

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @ 799 Bapujinagar. 7327058897. D-76931





Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble flooringis readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069

**AFFIDAVIT**

By an affidavit before the Notary Public Bhubaneswar, I Kamala Kanta Mallik, S/o- Sanjay Kumar Mallik of Kanpur, Garudagaon, Tangi, Cuttack as mentioned in H.S.C. Certificate but in Aadhaar No.- XXXX XXXX 4994 it shows Kamalakanta Mallik. Henceforth, Kamala Kanta Mallik & Kamalakanta Mallik is one and same person. D-1499

By this affidavit No.-9, date 30.07.25 before the Executive Magistrate, Bhawanipatna, Kalahandi, I, Damayanti Sureh Durga, D/o- Ransai Naik, W/o- Late Suresh Ramu Durga, R/o. At/P.O.- Majhiguda, P.S.- Koksara, Dist.- Kalahandi, Odisha declare that before marriage my name is Damayanti Naik which is mentioned all my Educational Documents. After marriage I have changed my name to Damayanti Suresh Durga which is mentioned in my Aadhaar Card, PAN Card and Bank Passbook. So that both the names belongs to one and same person. D-1500

By virtue of an affidavit sworn before Executive Magistrate, Bhubaneswar, C.F. No.- 25, dated 30.07.2025, I SK ABDULLAH, S/o- LATE SK ABUJAFAR, At-RAHAMAT NAGAR, RAGHUNATH NAGAR, P.O.- DUMUDUMA, P.S.- KHANDAGIRI, BHUBANESWAR, DIST.- KHORDHA, PIN-751019, ODISHA declare that I have changed my name from ABDULLAH LAIK to SK ABDULLAH. Henceforth, I shall be known as SK ABDULLAH for all future purposes. D-1498

I, Kshira Sagara Behera, S/o- Late Siddheswar Behera, resident of Ward No.- 43, Niladri Vihar, P.O.- Nayabazar, P.S.- Chauliaganj, Dist.- Cuttack, PIN- 753004, Odisha declare by this affidavit No.- 8495, dtd. 30.07.2025. That now onwards I shall be known as KSHIRA SAGAR BEHERA for all future purposes. D-1501

By virtue of an affidavit sworn before Executive Magistrate, Chhendipada Vide No.- 1315, dated 31.07.2025, I, Dali Jena, resident of Village- Jhintipal, P.O.- Korada, P.S.-Nisha, Dist.- Angul (Odisha), India declare that I have changed my name from Dali Sahu to Dali Jena. Henceforth, I shall be known as Dali Jena for all purpose. D-1504

ମୁଁ ବିଜୟିନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର ଘୋଷଣା କରୁଅଛି କି ମୋର ବିବାହର କିଛି ବର୍ଷ ପରେ ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣ ପାଣି, କୁଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୁଁ ମୋ ବାପଘରେ ରହି ଆସୁଅଛି। ମୁଁ ମୋର ବାପଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୦୫

**LEGAL NOTICE**

Letter No.- 1370, Date-19.07.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.-୨୫୨/ ୨୦୨୪

ନିରଞ୍ଜନ ପାଣିଗ୍ରାହୀ ....ବାଦୀ

ବନାମ

ସଞ୍ଜୟ ଦାସ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାସନ୍ତୀ ଦାସ, ସ୍ୱାମୀ- ସ୍ୱର୍ଗତ ଧୋବେଇ ଦାସ, ୪। ଟୁନା ଦାସ, ୫। ଶଙ୍କର ଦାସ ଉଭୟଙ୍କର ପିତା ସ୍ୱର୍ଗତ ହରି ଦାସ, ସମସ୍ତଙ୍କର ବାସସ୍ଥାନ ସା- ରଙ୍ଗମାଟିଆ, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଜିଲା-ଖୋର୍ଦ୍ଧା, ୭। ସଞ୍ଜୟ କୁମାର ସାହୁ, ପିତା ନିତ୍ୟାନନ୍ଦ ସାହୁ, ୮। ସୁପ୍ରଭାମୟୀ ରାଉତରାୟ, ସ୍ୱାମୀ ସଞ୍ଜୟ କୁମାର ସାହୁ, ଉଭୟଙ୍କର ବାସସ୍ଥାନ ସା-ଏସ୍.ଡି.-୨, ଭି.ଏସ୍.ଏସ୍. ନଗର, ପୋଷ୍ଟ- ବାଣୀବିହାର, ଥାନା-ସହିଦନଗର, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨,୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୭ ଓ ୮ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୧।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡ଼କଣ ୟୁନିଟ୍-୩୯, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୮୮, ସାବକ ପ୍ଲଟ୍ ନଂ.- ୧୧୩୭, ଏରିଆ- ଏ.୦.୦୮୫ଡି., ହାଲ୍ ଖାତା ନଂ.- ୧୧୧୩, ହାଲ୍ ପ୍ଲଟ୍ ନଂ.- ୩୯୦୯, ଏରିଆ- ଏ.୦.୦୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୪୯୭

**ପାକ୍ସ କର୍ମଚାରୀଙ୍କ ଅକାଳ ବିୟୋଗ**

ଭବାନୀପାଟଣା (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକ ଚିଚେଗୁଡ଼ା ପାକ୍ସ କର୍ମଚାରୀ ସାରଙ୍ଗ ବିଶି (୩୭)ଙ୍କ ବୁଧବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ଲିଭର ଜନିତ ସମସ୍ୟା ଓ ଜଣ୍ଡିସ ଆକ୍ରାନ୍ତ ଯୋଗୁ କିଛିଦିନ ତଳେ ସେ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ନିଜ ଗାଁ ନୂଆଗୁଡ଼ାକୁ ମୃତ ଶରୀର ପହଞ୍ଚିବା ପରେ ତାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଛି।

## ସଂକ୍ଷେପରେ

### ବାଇକ୍ ଆରୋହୀଙ୍କ ଉପରେ ପଡ଼ିଲା ଶୁଖିଲା ଗଛ



ଲାଞ୍ଜିଗଡ଼,୩୧।୭(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଟାଗନକଶା ଛକ ନିକଟରେ ଗୁରୁବାର ହଠାତ ଏକ ଗଛର ଶୁଖିଲା ଡାଳ ଜଣେ ବାଇକ୍ ଆରୋହୀ ଉପରେ ଭାଙ୍ଗି ପଡିବାରୁ ସେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଲାଞ୍ଜିଗଡ ବ୍ଲକର ଡେପଗୁଡା ଘାଟିରୁ ଆରମ୍ଭ କରି ଲାଞ୍ଜିଗଡ଼ ପର୍ଯ୍ୟନ୍ତ ରାସ୍ତା କଡ଼ରେ ବିପଦ ସଙ୍କୁଳ ଭାବେ ଅନେକ ଶୁଖିଲା ଗଛ ରହିଛି। ଏହା ରାସ୍ତାରେ ଯାତାୟାତ କରୁଥିବା ଯାନବାହନ, ଯାତ୍ରୀଙ୍କ ପାଇଁ କାଳ ସାଜିଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବନବିଭାଗ କିଛିଟା ତତ୍ପର ହୋଇଛି ସତ କିନ୍ତୁ ସମସ୍ୟାର ସଂପୂର୍ଣ୍ଣ ସମାଧାନ ହୋଇପାରିନାହିଁ। ଗୁରୁବାର ଅପରାହ୍ନରେ ଜେମେଶ ଚନ୍ଦ୍ର ସାହୁ ବାଇକ ଯୋଗେ ଲାଞ୍ଜିଗଡ଼ରୁ ଅମ୍ବାଦଲା ଯାଉଥିବାବେଳେ ଟାଗନକଶା ଛକ ନିକଟରେ ହଠାତ୍ ଏକ ଶୁଖିଲା ଡାଳ ତାଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ହୋଇ ବାଇକ୍ ସହିତ ତଳେ ପଡି ଯାଇଥିଲେ। ଏଥିରେ ତାଙ୍କ ବାଇକ୍ ଭାଙ୍ଗି ଚୁରମାର ହୋଇଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଲୋକେ କ୍ଷୋଭବ୍ୟକ୍ତ କରିବା ସହିତ ବନବିଭାଗ, ପୂର୍ତ୍ତ ବିଭାଗ ତରଫରୁ ପଦକ୍ଷେପ ନେବାକୁ ଦାବି କରାଯାଇଛି।

### ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଆକସ୍ମିକ ବିୟୋଗ

ନୂଆପଡ଼ା,୩୧।୭(ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ୍ ସୋସେଙ୍ଗ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବୁଧବାର ରାତିରେ ଆକସ୍ମିକ ବିୟୋଗ ଘଟିଛି। ସେ



ହେଲେ ସୋସେଙ୍ଗ ପଞ୍ଚାୟତ ଚୁନିଆମ ଗାଁର ଆର୍ତ୍ତତ୍ରାଣ ମାଝି (୫୮)। ସୂଚନା ଅନୁଯାୟୀ ପ୍ରଧାନ ଶିକ୍ଷକ ମାଝି ବୁଧବାର ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ସ୍ତ୍ରୀ ଡାକ୍ତରଖାନା ନେବାକୁ କହିଥିଲେ। ହେଲେ ସେ ମନାକରି ଔଷଧ ଖାଇ ଦେଖିବି ବୋଲି କହିଥିଲେ। ରାତିରେ ଖାଇ ଶୋଇଥିବାବେଳେ ପ୍ରାୟ ୧୨ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଡାକ୍ତରଖାନା ବାହାରୁଥିବା ବେଳେ ହଠାତ୍ ପେଟ ଫୁଲିବା ସହ ଛାତି ଯନ୍ତ୍ରଣା ହୋଇ ରାତି ପ୍ରାୟ ୨ଟା ସମୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ୧୯୯୨ରେ ଶିକ୍ଷକତା ଭାବରେ କାର୍ଯ୍ୟରେ ଯୋଗଦେଇ ଗୁମାବେଡ଼ା, ସୋସେଙ୍ଗ, ଖୋଲିଗାଁ, ମିଛାପାଲି ଭଳି ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ ତୁଲାଉଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ଗାଁଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ, ବ୍ଲକ ସମ୍ପ୍ରସାରଣ ଅଧିକାରୀ, ଗ୍ରାମବାସୀ, ପରିବାର ବର୍ଗ ଉପସ୍ଥିତ ଥିଲେ।

# ଦିଗମ୍ବର ଠେଲାଙ୍କ ସ୍ୱପ୍ନ ସାକାର

**ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪ ମାସରେ ହେଲା ଗୃହ ନିର୍ମାଣ**

ଭବାନୀପାଟଣା,୩୧।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋରବୋର୍ଡ଼ା ପଞ୍ଚାୟତ ଅନ୍ତର୍ଗତ ଫପସୀ ଗ୍ରାମର ଦିଗମ୍ବର ଠେଲା ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇ ୪ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଛନ୍ତି। ସେ ଶତପ୍ରତିଶତ ଦିବ୍ୟାଙ୍ଗ (ଦୃଷ୍ଟିବାଧିତ) ହୋଇଥିବାବେଳେ ଦୀର୍ଘ ଦିନରୁ ଘରଟିଏ ନିର୍ମାଣ କରିବାର ସ୍ୱପ୍ନ ତାଙ୍କର ସାକାର ହୋଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ୩୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରୁ ଭବାନୀପାଟଣା ବ୍ଲକ ରିଶିଗାଁଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କାର୍ଯ୍ୟାଦେଶ ଭାବେ ଦିଗମ୍ବର ଠେଲାଙ୍କୁ ପ୍ରଦାନ କରିଥିଲେ। ଏହି ଗୃହ ତାଙ୍କ ପାଇଁ ଏକ ନିରାପଦ ଆଶ୍ରୟସ୍ଥଳ ହେବା ସହିତ ଆତ୍ମବିଶ୍ୱାସ, ଗର୍ବ ଓ ଗୌରବର ଅନୁଭୂତି ଆଣିପାରିଛି। ଦିଗମ୍ବର ତାଙ୍କ ଧର୍ମପତ୍ନୀଙ୍କ ସହ ଏକ ଛୋଟ ଚେକରାଡି ଦୋକାନ ଚଳାଇ ଜୀବିକା ନିର୍ବାହ କରନ୍ତି। ତାଙ୍କର ଧର୍ମପତ୍ନୀ ଓ ପରିବାର ସଦସ୍ୟଙ୍କ ସହଯୋଗରେ ମାତ୍ର ୪ ମାସ ମଧ୍ୟରେ ସେ ନୂଆ ଘର ନିର୍ମାଣ କାମ ଶେଷ କରି ପାରିଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଯେପରି ଦିବ୍ୟାଙ୍ଗ ଲୋକଙ୍କ ନିକଟକୁ ସରକାରୀ ସେବା ଯୋଗାଇ ଦେଉଛନ୍ତି ତାହାର ଏକ ଉଦାହରଣ ପାଲଟିଛି।



ଅନ୍ତ୍ୟୋଦୟ ଗୃହ ଆଗରେ ଦିଗମ୍ବର ଓ ତାଙ୍କ ସ୍ତ୍ରୀ।

# ପାଣିଘେରରେ ତେରେସିଂହା ବସ୍ତି ସ୍କୁଲ



ବିଦ୍ୟାଳୟ ପରିସରରେ ପାଣି ଜମିଛି।

କର୍ଲାମୁଣ୍ଡା,୩୧।୭ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ତେରେସିଂହା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଣିଘେରରେ ରହିଛି। ଏହି ସମସ୍ୟା ପ୍ରତିବର୍ଷ ଦେଖାଦେଉଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ଫଳରେ ଅସୁରକ୍ଷିତ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ପାଠପଢ଼ା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସ୍କୁଲ ପରିସରରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ରହିଛି। ଗ୍ରାମରେ ସାମାନ୍ୟ ବର୍ଷା ହେଲେ ଗାଁ ବସ୍ତିରୁ ଆସିଥିବା ଡ୍ରେନ୍ ପାଣି ସମେତ ପୋଖରୀ ଓ ନିକଟସ୍ଥ କ୍ଷେତର ପାଣି ସ୍କୁଲ ସମ୍ମୁଖରେ ଜମି ରହୁଛି। ମାସ ମାସ ଧରି ଦୂଷିତ ପାଣି ଜମି ରହିବା ଯୋଗୁ ଦୁର୍ଗନ୍ଧ ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ପାଇଁ ପାଇଖାନା ବ୍ୟବସ୍ଥା ରହିଥିଲେ ବି ଜଳମଗ୍ନ ଯୋଗୁ ବ୍ୟବହାର ହୋଇ ପାରୁ ନାହିଁ। ଫଳରେ ସ୍କୁଲ ଛାତ୍ରଛାତ୍ରୀ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁ ସମେତ ଗର୍ଭବତୀ ମହିଳା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ସେଠଙ୍କୁ ପଚାରିବାରୁ ଗତ ବର୍ଷଠାରୁ ଏହି ସମସ୍ୟା ସମ୍ପର୍କରେ ଗ୍ରାମର ଗ୍ରାମ୍ୟ ଉନ୍ନୟନ ସମିତି, ସରପଞ୍ଚ, ବ୍ଲକ ଅଧିକାରୀ, ବିଡ଼ିଓଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସମାଧାନ ହୋଇ ପାରି ନ ଥିବା କହିଛନ୍ତି।ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ସୁନାଙ୍କୁ ପଚାରିବାରୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନୂତନ ଧାନମଣ୍ଡିକୁ ବିରୋଧ କରି ତହସିଲଦାରଙ୍କୁ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋକସରା,୩୧।୭ (ଦୁଷ୍ମନ୍ତ କୁମାର ପାଢ଼ୀ/ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଅଧୀନ ଶିଉନି ଗ୍ରାମର ଚାଷୀମାନେ ଦୀର୍ଘବର୍ଷ ହେବ ଆମପାଣି ନିୟନ୍ତ୍ରିତ ବଜାର କମିଟି ମଣ୍ଡିରେ ଧାନ ବିକ୍ରି କରିଆସୁଛନ୍ତି। ତେବେ ରାଜସ୍ୱ ବିଭାଗ ପକ୍ଷରୁ ଆସନ୍ତା ଖରିଫ ମଣ୍ଡିଠାରୁ ଶିଉନି ଗ୍ରାମର ଚାଷୀଙ୍କୁ ବରାଡଙ୍ଗା ଗ୍ରାମ ପଞ୍ଚାୟତଠାରେ ହେବାକୁ ଥିବା ନୂତନ ମଣ୍ଡିରେ ଧାନ ବିକ୍ରି କରିବାକୁ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି। ଏହାକୁ ବିରୋଧ କରି ଗୁରୁବାର ବରାଡଙ୍ଗା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗଙ୍କ ନେତୃତ୍ୱରେ ଶିଉନି ଗ୍ରାମର ଚାଷୀମାନେ କୋକସରା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଭେଟିଥିଲେ। ସେମାନେ ଦର୍ଶାଇଥିଲେ, ନୂତନ ମଣ୍ଡିକୁ ଧାନ ପରିବହନ ପାଇଁ ଭଲ ରାସ୍ତା ନ ଥିବାବେଳେ ଆମପାଣିଠାରୁ ନୂତନ ମଣ୍ଡିର ଦୂରତା ଅଧିକ ରହିଛି। ନୂତନ ମଣ୍ଡିରେ ଚାଷୀଙ୍କ ଧାନ ସୁରକ୍ଷିତ ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି ନାହିଁ। ତହସିଲଦାର ନାଗ ଏହା ଉପରେ ତଦନ୍ତ କରି ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମନ୍ଟୁ ଧଙ୍ଗଡା ମାଝୀ, ପୁରୁଷ ବେହେରା, ଗୋବିନ୍ଦ ମାଝୀ, ହିମାଞ୍ଚଳ ପୂଜାରୀ, କାର୍ତ୍ତିକ ରାଉତ, ଦେବାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତା ନାବାଳିକାଙ୍କୁ ସହାୟତା

ନୂଆପଡ଼ା,୩୧।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବଳାତ୍କାର ପୀଡିତା ନାବାଳିକାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କିଶୋର ନ୍ୟାୟ ବୋର୍ଡର ପ୍ରଧାନ ବିଚାରପତି ସରୋଜିନୀ ସାହୁ ମାମଲାର ବିଚାର କରି ପୋକ୍ସୋ ଅଧିନିୟମ ଅନୁଯାୟୀ ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ସୁପାରିସ କରିଥିଲେ। ସେହି ଅନୁସାରେ ପୀଡିତାଙ୍କୁ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୭ ଅନୁଯାୟୀ ୪ ଲକ୍ଷ ଟଙ୍କା ଆର୍ଥିକ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରା ଯାଇଛି। ପୂର୍ବରୁ ପୀଡିତା ୩ ଲକ୍ଷ ଟଙ୍କାର ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ପ୍ରାଧିକରଣଠାରୁ ଗ୍ରହଣ କରି ସାରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଚେକ୍ ପ୍ରଦାନ କରି ଅର୍ଥ ରାଶିର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ।

### ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ଚନ୍ଦ୍ରକାର ସମ୍ବର୍ଦ୍ଧିତ

ନୂଆପଡ଼ା,୩୧।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ମଙ୍ଗଳ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ସଦର ବ୍ଲକ ଭାଲେଶ୍ୱର ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ଚନ୍ଦ୍ରକାରଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକ ପରେ ଜିଲାପାଳ ମଧୁସୂଦନ ଦାଶ ମାନପତ୍ର ଦେଇ ଚନ୍ଦ୍ରକାରଙ୍କୁ ସମ୍ମାନିତ କରିଥିଲେ। ଚନ୍ଦ୍ରକାର ସ୍ୱଚ୍ଛ ଭାରତ ଅଭିଯାନ, ପରିମଳ, ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତରେ ଉତ୍ତମ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଭାଲେଶ୍ୱର ସେବାଶ୍ରମ ବିଦ୍ୟାଳୟରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେଥିରେ ପ୍ରଧାନ ଶିକ୍ଷକ ଚନ୍ଦ୍ରକାର ସ୍କୁଲ ପରିସର ସଫାସୁତୁରା ରଖିବା ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି।

# ଜେଜେମା', ନାତୁଣୀଙ୍କ ଘରେ ପହଞ୍ଚିଲା ପ୍ରଶାସନ

ନୂଆପଡ଼ା,୩୧।୭ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ସନବାହାଲି ଗାଁରେ ଅସହାୟ ଜେଜେମା'ଙ୍କ ନାତୁଣୀଙ୍କ ଭବିଷ୍ୟତ ଚିନ୍ତା ଶୀର୍ଷକ ଖବର ଧରିତ୍ରୀରେ ସୋମବାର ପ୍ରକାଶିତ ହେଲା ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ଗୁରୁବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପୁଟେଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ ପ୍ରକଳ୍ପ ସଂଯୋଜକ ବିକାଶ ପାତ୍ର, ମାମଲା କର୍ମୀ ଯଶୋବନ୍ତ ଗହିର ସନବାହାଲି ଗାଁକୁ ଯାଇ ଜେଜେମା ଉର୍ମିଳା ମିର୍ଦ୍ଧା ଓ ନାତୁଣୀ ପାୟଲ ମିର୍ଦ୍ଧାଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ପାୟଲଙ୍କୁ ପାଠ ପଢ଼ାଇବା ସହ ସମସ୍ତ ଖର୍ଚ୍ଚ ବହନ କରିବ। ହେଲେ ବାହାରେ ପାଠ ପଢାଇବା କଥା ଶୁଣି ଜେଜେମା' ରାଜି ହୋଇନ ଥିଲେ। ସେ ଘରେ ରହି ପଢିବ, ସରକାରଙ୍କ ପକ୍ଷରୁ ଯେଉଁ ସବୁ ସୁବିଧା ଅଛି ଯୋଗାଇଦିଅ ବୋଲି କହିଥିଲେ। ଶୁକ୍ରବାର ଜେଜେମା'ଙ୍କ ସହ ପାୟଲ ନୂଆପଡ଼ା ଆସି ଶିଶୁ କଲ୍ୟାଣ କମିଟି କର୍ମଚାରୀଙ୍କୁ ଭେଟିବେ। ସେଠାରେ ଯାହା ସମାଧାନ ହେବ ଓ ଜିଲାପାଳ ଅନୁମୋଦନ କଲେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଧରିତ୍ରୀ ମାଧ୍ୟମରେ ଖବର ଜାଣିବାରୁ ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପୁଟେ କହିଛନ୍ତି।

**ଧରିତ୍ରୀ ପ୍ରଭାବ**



ଜେଜେମା', ନାତୁଣୀଙ୍କ ସହ ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ।

# ସହାୟତା ପାଇଁ ମା'ବାପାଙ୍କ ନିବେଦନ

**ମାଙ୍କଡ଼ ଉତ୍ପାତରୁ ଝିଅର ଗୋଡ଼ ଭାଙ୍ଗିଥିଲା**

ଖଡ଼ିଆଳ,୩୧।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଇପୁର ଗ୍ରାମରେ ଗତ ଜାନୁଆରୀ ୨୬ ତାରିଖରେ ମାଙ୍କଡ଼ପଲଙ୍କ ଉତ୍ପାତ ଯୋଗୁ ଭୟଭୀତ ହୋଇ ନାବାଳିକା ଲିପ୍ସା ପଟେଲ (୧୨) ଛାତରୁ ପଡ଼ିଯାଇଥିଲେ। ଏଥିରେ ତାଙ୍କର ଦୁଇଟି ଗୋଡ ଭାଙ୍ଗିଯାଇଥିଲା। ସେହିଦିନଠାରୁ ଲିପ୍ସା ଶାରୀରିକ କଷ୍ଟ ଭୋଗୁଥିବା ବେଳେ ପରିବାର ଖର୍ଚ୍ଚ ହୋଇ ଆର୍ଥିକ ଦୁର୍ବଳତାରେ ଦିନ କାଟୁଛନ୍ତି। ଏହି ପରିବାର ଦରିଦ୍ର ଶ୍ରେଣୀର ହୋଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମା'ବାପା ରାୟପୁରରେ ଏକ ହସ୍ପିଟାଲରେ ଝିଅର ଅପରେଶନ କରାଇଛନ୍ତି। ୬ ମାସ ହେଲା ଲିପ୍ସାଙ୍କ ଗୋଡ଼ରେ ପ୍ଲେଟ୍ ଓ ଲୁହା ରଡ୍ ଲାଗିଥିବାରୁ ଚାଲିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଦୁର୍ଘଟଣା ପରଠାରୁ ତାଙ୍କ ପାଠ ପଢାରେ ଡୋରି ବନ୍ଧାହୋଇଛି। ଇତିମଧ୍ୟରେ ପାଞ୍ଚ ଲକ୍ଷ ଟଙ୍କା ଶେଷ ହୋଇ ଯାଇଥିବା ବେଳେ ଧାରକରଜ କରି ହାତରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଥିବା କହିଛନ୍ତି ତାଙ୍କ ବାପା ଜଗଦୀଶ ପଟେଲ। ବର୍ତ୍ତମାନ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ ହୋଇଯାଇଥିବା ବେଳେ ଏହି ପରିବାରକୁ ନୂତନ ଆୟୁଷ୍ମାନ ବୀମା ଯୋଜନା କାର୍ଡ ମିଳିନାହିଁ। ଫଳରେ ଲିପ୍ସାଙ୍କ ଅଧିକ ଚିକିତ୍ସା ହୋଇ ପାରୁନାହିଁ। ଜିଲା ପ୍ରଶାସନ ସହାୟତା ପ୍ରଦାନ କରିବାକୁ ଜଗଦୀଶ ନିବେଦନ କରିଛନ୍ତି। ଏ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ରଞ୍ଜିତ ରାଉତଙ୍କୁ ପଚାରିବାରୁ ଆୟୁଷ ଡ଼ା. ଅନନ୍ତ ଶଙ୍କର ଦାସଙ୍କ ନେତୃତ୍ୱରେ ମେଡ଼ିକାଲ ଟିମ୍ ଗୁରୁବାର ତାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ଲିପ୍ସାଙ୍କ ଅଧିକ ଚିକିତ୍ସା ପାଇଁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ପ୍ରକାଶ କରିଛନ୍ତି।



ଡାକ୍ତରୀ ଟିମ୍ ଲିପ୍ସାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖୁଛନ୍ତି।

# କଳାବଜାର ରୋକିବା ପାଇଁ କୃଷି ବିଭାଗର ଚଢ଼ାଉ

କର୍ଲାମୁଣ୍ଡା,୩୧।୭ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସାର ଓ କୀଟନାଶକ କଳାବଜାରୀ ରୋକିବା ପାଇଁ କୃଷି ବିଭାଗ ପକ୍ଷରୁ ଗୁରୁବାର ଅଚାନକ ଚଢ଼ାଉ ହୋଇଥିଲା। ନର୍ଲା ଜିଲା କୃଷି ଅଧିକାରୀ ଶୁଭେନ୍ଦୁ କର, କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ଝି, ଏଏଓ କୁମାର ଚିରଞ୍ଜିବି ପ୍ରମୁଖ ବ୍ଲକର ଜୋରାଡ଼ବରା, କୁଷୁରା, ଖଲିଆପାଲି, ଭଟପାଲା, ସାପଲହରା, ଗୁଡ଼ଭେଲା, କର୍ଲାମୁଣ୍ଡା ଆଦି ସ୍ଥାନରେ ଥିବା ସାର ଓ କୀଟନାଶକ ଦୋକାନରେ ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ଏକ୍ସପାରୀ ଔଷଧ, ଷ୍ଟକ ରେଜିଷ୍ଟର, ବିକ୍ରି ରେଜିଷ୍ଟର, ସୋର୍ସ ସାର୍ଟିଫିକେଟ, ଦର ଦରରେ ବିକ୍ରିର ତନଖ କରିଥିଲେ। ତେବେ ଚଢ଼ାଉ ସମୟରେ ବିଭିନ୍ନ ଗାଁର ୭ଜଣ ବ୍ୟବସାୟୀ ଅଧିକ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଥିବାରୁ ସେମାନଙ୍କ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଏଏଓ କୁମାର ଚିରଞ୍ଜିବି ସୂଚନା ଦେଇଛନ୍ତି।

# ଯୌନ ନିର୍ଯାତନା ସୁରକ୍ଷା ଆଇନ ସଚେତନତା

ଥୁଆମୂଲ ରାମପୁର,୩୧।୭ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଲ ରାମପୁର ସଦରସ୍ଥିତ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଗୁରୁବାର ଜିଲ୍ଲା ଆଇନସେବା କମିଟି ଅଧ୍ୟକ୍ଷ ତଥା ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ଡ. ତାରିଣୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଯୌନ ନିର୍ଯାତନା ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଚାରପତି ସାହୁ ଯୋଗଦେଇଥିବା ବେଳେ ମାଁ ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ପୁଣ୍ଡିକା ମୁଖ୍ୟବକ୍ତା ଓ ସରକାରୀ ଓକିଲ ଦେବଦତ୍ତ ଯୋଶୀ, ଆଇନଜୀବୀ ପ୍ରିୟଙ୍କା ମାଝୀ ଓ ଦିଲୀପ କୁମାର ନାୟକ, ଥାନା ଏଏସ୍ଆଇ ପ୍ରହ୍ଲାଦ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସରୋଜ କୁମାର ପଟ୍ଟଯୋଶୀ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ପୁଣ୍ଡିକା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଯୌନ ନିର୍ଯାତନା ସୁରକ୍ଷା ଆଇନ ଉପରେ ଅବଗତ କରିଥିଲେ। ମୁଖ୍ୟଅତିଥି ବିଚାରପତି ସାହୁ ଏହି ଆଇନ ଉପରେ ଆଲୋଚନା କରିବା ସହ ଏଥିରେ ରହିଥିବା ଦଣ୍ଡବିଧାନ ସମ୍ପର୍କରେ ସୂଚନା ଦେଇଥିଲେ। ଏଣୁ ଛାତ୍ରଛାତ୍ରୀ ଭୟ ନ କରି ଯଦି ସେମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ହୁଏ ତେବେ ଆଇନର ଆଶ୍ରୟ ନେବାକୁ ବୁଝାଇ ଥିଲେ। ଜେଏମ୍ଏଫ୍‌ସି କୋର୍ଟର କର୍ମଚାରୀ ଓ ସ୍ଥାନୀୟ କଲେଜର କର୍ମଚାରୀ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବିଭିନ୍ନ ସ୍ଥାନରେ ୟୁଏଏସ୍ ପ୍ରଚଳନକୁ ବିରୋଧ

ଧର୍ମଗଡ଼, ୩୧।୭ (ଘାସିରାମ ଜଗତ)

ଅନ୍‌ଲାଇନରେ ଶିକ୍ଷକ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ତଥ୍ୟ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ସରକାର ୟୁଏଏସ୍ ଲାଗୁ କରିବାକୁ ଯାଉଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଏହି ବ୍ୟବସ୍ଥା ପ୍ରଚଳନକୁ ଧର୍ମଗଡ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ମର୍ମରେ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଅରୁଣାନନ୍ଦ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକଙ୍କୁ ବିନା ଓଡିଟିରେ ପଦୋନ୍ନତି, ଅବିଳମ୍ବେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ ଠିକା ଶିକ୍ଷକଙ୍କୁ ନିୟମିତ କରିବା ଭଳି ଦାବି ପୂରଣ ନ ହେବା ଯାଏ ୟୁଏଏସ୍ ପ୍ରଚଳନ ସ୍ଥଗିତ ରଖାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି କ୍ଷେତ୍ର ମୋହନ ମାଝୀ, ସମ୍ପାଦକ ଆଶିଷ ପ୍ରଧାନୀ, ଜିଲା ସାଙ୍ଗଠନିକ ସମ୍ପାଦକ ପଦ୍ମ ଲୋଚନ ନାଏକ, ଲଳିତ ନାଏକ, ଉଦେ ପ୍ରସାଦ ଜାଲ, ଦୁଲଭ ପଟେଲ, ପ୍ରଭାତ କୁମାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଧର୍ମଗଡ଼ ଶିକ୍ଷକ ସଂଘ ପକ୍ଷରୁ ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଥୁଆମୂଲ ରାମପୁର (ଦୁର୍ଗା କୀର୍ତ୍ତି): ଥୁଆମୂଲ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୟୁଏଏସ୍ ପ୍ରଚଳନକୁ ବିରୋଧ କରି ଗୁରୁବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯେପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ନ କରାଯାଇଛି ସେ ପର୍ଯ୍ୟନ୍ତ ୟୁଏଏସ୍ ବ୍ୟବସ୍ଥା ବନ୍ଦ କରିବାକୁ ଶିକ୍ଷକ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ସଭାପତି ଅଜିତ କୁମାର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସ୍ଥାନୀୟ ମା' ମାଣିକେଶ୍ୱରୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ବ୍ଲକ ଶିକ୍ଷାଧିକାରୀ ତପିମଣୀ ଜାନି ଅନୁପସ୍ଥିତ ଥିବାରୁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମନ୍ତ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ, ବ୍ଲକ ସମ୍ପାଦକ ସୁରେଶ ଚନ୍ଦ୍ର ନାଏକ, ଉପସଭାପତି ସୁବାସ ଚନ୍ଦ୍ର ନାଏକ, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ବେହେରା, କୋଷାଧ୍ୟକ୍ଷ ମାଧବ ଚନ୍ଦ୍ର ନାଏକ, କୋଅର୍ଡ଼ିନେଟର ଚୈତନ୍ୟ ନାଏକ, ଅନ୍ନପୂର୍ଣ୍ଣା ବାଗ, ଉପସଭାନେତ୍ରୀ ସୁକାନ୍ତି ନାଏକଙ୍କ ସମେତ ୧୪ କ୍ଲଷ୍ଟରରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ଥିଲେ।

ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ): ୟୁଏଏସ୍ ପ୍ରଚଳନକୁ ବିରୋଧ କରି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଗୁରୁବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୁଣିଆ ମେହେରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ୟୁଏଏସ୍ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି ସଂଘ ଦର୍ଶାଇଛି। ଯେ ପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ନ କରାଯାଇଛି ୟୁଏଏସ୍ ବ୍ୟବସ୍ଥା ବନ୍ଦ କରିବାକୁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସରକାରଙ୍କୁ ଅନୁରୋଧ କରିଛି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଲବ ଦୁର୍ଗା, ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତି, ସମ୍ପାଦକ ଏମ୍. ଏସ୍. ଶେଖର, ମନୋଜ ମହାସୁଖ, ଏକ୍ସ କାଡ଼ର ସଭାପତି ପଞ୍ଚାନନ ନାଗ, ସମ୍ପାଦକ ଗିରିଧାରୀ ଗୌଡ, ଶିକ୍ଷକ ତପନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ମାସ ପରେ ତୃତୀୟ ଅଭିଯୁକ୍ତ ଗିରଫ

■ ଯୁବ ବ୍ୟବସାୟୀ ହତ୍ୟା ଘଟଣା

**ବୌଦ୍ଧ,୩୧।୭(ଅଜିତ କୁମାର ବାରିକ):** ବୌଦ୍ଧର ଯୁବ ବ୍ୟବସାୟୀ କେ. ମନୋଜ ପାତ୍ରଙ୍କ ହତ୍ୟା ଘଟଣାରେ ୩ ମାସ ପରେ ତୃତୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୁଣାକଟକ ଥାନା କଲମପୁର ଗ୍ରାମର ବିବେକ ମହାନନ୍ଦିଆ ଓରଫ ଲୁଲୁ ଏବଂ ସେ ବୌଦ୍ଧର ବାପୁଜୀ ନଗରରେ ରହୁଥିଲେ। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ତା୨୭।୪।୨୫ରିଖରେ ବୌଦ୍ଧ–ବଘିଆପଡା ରାସ୍ତାର ଜଗଦୀଶପୁର ଛକରେ ୩ ଜଣ ଦୁର୍ବୃତ୍ତ ଟଙ୍କା ଲୁଟ ପାଇଁ ମନୋଜଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଏହି ଘଟଣାରେ ପୋଲିସ ଗତ ତା୩୦।୪।୨୫ରିଖରେ ବୌଦ୍ଧ ବାପୁଜୀ ନଗରର ଆଶିଷ ଲୁହା ଓରଫ କୁଲୁହୁ (୧୯) ଏବଂ ବଘିଆପଡା(ସାଲିବାଙ୍କ)ର ଅଶ୍ୱିନ ଦୀପ (୧୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏହି ହତ୍ୟା ଘଟଣାରେ ତୃତୀୟ ଅଭିଯୁକ୍ତ ମନୋଜ ଫେରାର ଥିଲେ। ୩ ମାସ ପୋଲିସ ବୁଧବାର ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି ବୋଲି ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ପ୍ରକାଶ କରିଛନ୍ତି।

# ନୂଆନୀତିକୁ ବିରୋଧ, ଆଜି ଆନ୍ଦୋଳନ

**ଖରିଫ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ**


ଚାଷୀ ପଞ୍ଜୀକରଣ ନୂଆନୀତି ବିରୋଧରେ ବାରପାହାଡ଼ କୃଷକ ସଂଗଠନର ବୈଠକ।

**ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)**

ଖରିଫ ଧାନବିକ୍ରି ପାଇଁ ଏଥର ରାଜ୍ୟ ସରକାର ନୂଆନୀତି ଆଣିଛନ୍ତି। ସରକାରଙ୍କ ଏହି ନୀତି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପଟେ ଏହି ନୀତି ବିରୋଧରେ ରାଜ୍ୟ ସରକାରଙ୍କ ବିରୋଧରେ ଅସନ୍ତୋଷ ତେଜି ଉଠିଥିବାବେଳେ ଅନ୍ୟପଟେ ପଞ୍ଜୀକରଣରୁ ମଧ୍ୟ ଚାଷୀମାନେ ମୁହଁ ଫେରାଉଥିବା ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିରେ ଚାଷୀମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନୂଆ ନୀତି ବିରୋଧରେ ଶୁକ୍ରବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ କୃଷକ ସଂଘ, ଲଖନପୁର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ତାଲା ପକାଇବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ରାସ୍ତାକୁ ଅବରୋଧ କରାଯିବ ବୋଲି ସୂଚନା ମିଳିଛି। ଅନୁରୂପଭାବେ ଜିଲାର ଅନ୍ୟ ବ୍ଲକ ଗୁଡ଼ିକରେ ମଧ୍ୟ ଚାଷୀ ସଙ୍ଗଠନ ଗୁଡ଼ିକ ଏଭଳି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଲାଇ ଥିବାରୁ ଚାଷୀ ପଞ୍ଜୀକରଣ ନୂଆନୀତି ବିରୋଧରେ ଏକ ବଡ଼ ଧରଣ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି।

ଏଥର ପଞ୍ଜୀକରଣରେ ଚାଷୀଙ୍କ ବଂଶୀୟ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁସ୍କାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟା ଚାଷୀମାନଙ୍କ କ୍ଷେତ୍ରରେ କାଠିକର ପାଠ ଓ ଅସମ୍ଭବ ହୋଇ ପଡ଼ିଛି। ଫଳରେ ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ ଚାଷୀ ବଞ୍ଚିତ ହେବେ ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରିଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଚାଷୀଙ୍କ ସହିତ ସ୍ୱର ମିଳାଇଛି। ନୂତନ ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବା ତଥା ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଦାବି କରାଯାଇଛି।

ଏହି ଦାବି ନେଇ ବିଭିନ୍ନ ଚାଷୀ ସଙ୍ଗଠନ ସମେତ ବିଜେଡି, କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ବିଗତ ଦିନରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ବୁଧବାର ବାରପାହାଡ଼ କୃଷକ ସଙ୍ଗଠନ ପକ୍ଷରୁ ମଧ୍ୟ ଅନୁରୂପଭାବେ ଜିଲାପାଳ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୁରୁବାର(ଜୁଲାଇ ୩୧ତାରିଖ) ସୁଦ୍ଧା ସେ ଦିଗରେ ଠୋସ୍ ପଦକ୍ଷେପ ନିଆ ନଗଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଚେତାବନୀ ଦେଇଥିଲା। ତେବେ ଏ ଯାଏ କିଛି ସୁଫଳ ନ ମିଳିଥିବା ପ୍ରତିବାଦରେ ଆନ୍ଦୋଳନ କରାଯିବା ନେଇ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି। ଏଥିପାଇଁ ସଙ୍ଗଠନର ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପ୍ରକାଶଥାଉକି, ପଞ୍ଜୀକରଣର ନୂଆନୀତି ପ୍ରତ୍ୟାହାର କରି ପୁରୁଣା ପଦ୍ଧତିରେ ଚାଷୀ ପଞ୍ଜୀକରଣ କରିବା ଦାବି ନେଇ ଗତ ୨୮ତାରିଖ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ପଞ୍ଜୀକରଣ ନୂଆନୀତିକୁ ବିରୋଧ କରି ଜିଲାର ୪୧ ପ୍ରାଥମିକ କୃଷି ସମବାୟ ସମିତିରେ ସ୍ଥାନୀୟ ସମିତି ସମ୍ପାଦକମାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ

**ହରଭଙ୍ଗା,୩୧।୭(ନରେନ୍ଦ୍ର କୁମାର ସାହୁ)**

ହରଭଙ୍ଗା ବ୍ଲକର ଚାରିଛକ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଭିନ୍ନକ୍ଷମ ଶିଶୁଙ୍କୁ ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ର ପାଞ୍ଚ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତୀୟ ଶିକ୍ଷା ସମାଗମ ସପ୍ତାହ ପାଳନ ଅବସରରେ ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ହରଭଙ୍ଗା ବ୍ଲକ ବିଇଓ ହାଡିବନ୍ଧୁ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହରିଶଙ୍କର ଦଣ୍ଡସେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ବିଶିକେସନ ବେହେରା ଓ କାର୍ତ୍ତିକେଶ୍ୱର ନାୟକ ଯୋଗଦେଇଥିଲେ। ଆଲିମ୍‌କୋ ଭୁବନେଶ୍ୱରର ଡ. ସତ୍ୟବ୍ରତ ଗିରି, ବିଶ୍ୱଜିତ ସାହୁ, ସୁନ୍ଦରାମ ତିୱାରୀ, ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ନବ କୁମାର ସାହୁ, ମହେଶ କୁମାର ବେହେରା, ବିକାଶ ରଞ୍ଜନ ମେହେର, ଆକାଂକ୍ଷା ସ୍ୱାଇଁ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଚଳନବାଧିତ ପାଦବଙ୍କା, ଦୃଷ୍ଟିବାଧିତ, ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ତଥା ନ୍ୟୂନତା ବର୍ଗର ୯୭ ଜଣ ଛାତ୍ରୀଛାତ୍ରଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର, କମଡ ହ୍ୱିଲ ଚେୟାର, କ୍ରଚେସ ଆଶାବାଡି, ଟିଏଲଏମ କିଟ୍ ଆଦି ବିତରଣ କରାଯାଇଥିଲା। ଠିକ ସେହିପରି ଅଭିଜ୍ଞ ବିଶେଷଜ୍ଞମାନେ ଉପରୋକ୍ତ ବର୍ଗର ୧୦୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ସହାୟକ ଉପକରଣ ଯୋଗାଇ ଦେବା ପାଇଁ ସୁପାରିସ କରିଛନ୍ତି। ଶିବିରକୁ ହରଭଙ୍ଗା ବ୍ଲକର ଗୋଷ୍ଠୀ ସମ୍ବଳ କର୍ମୀ ରଜତ କୁମାର ପ୍ରଧାନ, ରତ୍ନାକର ଦାସ, ରାମଚନ୍ଦ୍ର ପୁରୋହିତ, ମୀନତୀ ପ୍ରଧାନ ପରିଚାଳନା କରିଥିଲେ।

# ଲରମ୍ଭା କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅଧ୍ୟକ୍ଷଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଅତିଥି।

**ଅତାବିରା,୩୧।୭(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକସ୍ଥିତ ଲରମ୍ଭା ମହାବିଦ୍ୟାଳୟ ଲରମ୍ଭାର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଚାକିରି ଜୀବନ କାର୍ଯ୍ୟକାଳ ସମାପ୍ତ ହେତୁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଗୁରୁବାର ଆୟୋଜିତ ହୋଇଥିଲା। ପ୍ରଫେସର ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମନୋରଞ୍ଜନ ତ୍ରିପାଠୀ, ଡ. ଜୟନ୍ତ କୁମାର ସାହୁ, ଡ. ଶାନ୍ତିଲତା ବାରିକ, ପ୍ରମୋଦ ଚନ୍ଦ୍ର ସେଠ ମଞ୍ଚାସୀନ ରହି ଅଧ୍ୟକ୍ଷଙ୍କ ବିଗତ ଚାକିରି ଜୀବନର କଥାକୁ ସ୍ମୃତି ଚାରଣ କରିଥିଲେ। ମହାବିଦ୍ୟାଳୟର ଡ. ଦିଗାମ୍ବର ଚାନ୍ଦ, ପ୍ରଦୀପ କୁମାର ପଣ୍ଡା, ପବିତ୍ର ମାହାଣା, ପାୟଲ ସାହୁ, ଲକ୍ଷ୍ମୀ ମଲ୍ଲିକ, ଭେଷଜ ବରିହା, ସିଦ୍ଧେଶ୍ୱର ପ୍ରଧାନ, ଯଶୋବନ୍ତ ସେଠ, କାଦମ୍ବିନୀ ଗୁରୁ, ଦେବାଶିଷ ପାତ୍ର, ପାଟ ମଞ୍ଜରୀ ସାହୁ, ସାଗର ମେଣ୍ଡଲୀ, ବିଦେଶୀ ଛନ୍ଦ, ତାରାଚାନ୍ଦା କଣ୍ଟା, ଲଙ୍ଗରାଜ ପୋଢ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇ ଅବସରକାଳୀନ ଜୀବନର ସୁଖମୟ କାମନା କରାଯାଇଥିଲା।

# ଏକାଦଶ ଶ୍ରେଣୀରେ ନାଁ ଲେଖା ଆବେଦନ ପ୍ରକ୍ରିୟା ଆରମ୍ଭ

**ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟ**

**ପାଇକମାଲ,୩୧।୭(ବଡ଼ ଶତପଥୀ)**

ବରଗଡ଼ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ତଥା ଭାରତ ସରକାରଙ୍କ ଅଧୀନରେ ଥିବା ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ନାମ ଲେଖାଇବାକୁ ଆବଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର କଳା ଓ ବିଜ୍ଞାନ ବିଭାଗରେ ଖାଲିଥିବା ସ୍ଥାନଗୁଡ଼ିକରେ ପଢ଼ିବାକୁ ଇଚ୍ଛୁକ ଥିବା ଛାତ୍ରୀଛାତ୍ରମାନଙ୍କଠାରୁ ଅଫ ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଏଥିପାଇଁ ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଜିଲାର ଯେକୌଣସି ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସହିତ ଦଶମ ଶ୍ରେଣୀ ମାର୍କଶିଟ ଆଣି ନବୋଦୟ ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ଆବେଦନ ଫର୍ମ ମାଧ୍ୟମରେ ଅଫଲାଇନ ଆବେଦନ କରିପାରିବେ ଓ ନିଜର ଦଶମ ଶ୍ରେଣୀ ମାର୍କଶିଟ ଓ ବାୟୋ ଡାଟା ସଂଲଗ୍ନ କରି jnvbargarh@gmail.comକୁ mail ମାଧ୍ୟମରେ ଅନ୍‌ଲାଇନ ଆବେଦନ କରିପାରିବେ। ଅଧିକ ବିବରଣୀ ଜାଣିବା ପାଇଁ ଯୋଗାଯୋଗ ନମ୍ବର ୯୭୭୮୬୬୧୬୨ରେ ସମ୍ପର୍କ କରିପାରିବେ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପାତ୍ର ମହୋଦୟ ପ୍ରକାଶ କରିଛନ୍ତି। ଏହି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ମେଧା ତାଲିକା ହେବ ବୋଲି ପ୍ରକାଶ କରିଛନ୍ତି । ଏଥି ନିମନ୍ତେ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ଅନେକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ମହିଳା କର୍ମଚାରୀ, ଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ



ଯୌନ ନିର୍ଯାତନା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)**

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ବୁଧବାର ଯୌନ ନିର୍ଯାତନା ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କଲେଜରେ ଗଠିତ ହୋଇଥିବା ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି(ଆଇସିସି) ଉପରେ ସେ ସୂଚନା ଦେବା ସହିତ ଏହି କମିଟି କାର୍ଯ୍ୟଶୀଳ ରହିବ ବୋଲି କହିଥିଲେ। ବିକାଶ ଡିଗ୍ରୀ କଲେଜରେ କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ଛାତ୍ରୀ ସୁରକ୍ଷିତ ରହିବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଏବଂ କମିଟିକୁ କୌଣସି ଅଭିଯୋଗ ଆସିଲେ ତାକୁ ସାଲିସ୍ କରାଯିବ ନାହିଁ ବୋଲି ପ୍ରଫେସର ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ପଟ୍ଟନାୟକ ସମସ୍ତ ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କୁ ଧୈର୍ଯ୍ୟ ଏବଂ ସାହସର ସହିତ ପରିସ୍ଥିତି ମୁକାବିଲା କରିବାକୁ ପରାମର୍ଶ ଦେବା ସହିତ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଷ୍ଟୁଡେଣ୍ଟସ୍ ଆଫେୟାର ଡିନ୍ ଆର.ଏସ.ଭି କ୍ରୀଷ୍ଣା ନାରୀ ନିଜେ ସଜାଗ ରହି ସେଭଳି ପରିସ୍ଥିତିରେ ମୁକାବିଲା କରିପାରିବ ବୋଲି କହିଥିଲେ। ସେହିପରି ଛାତ୍ର ଏବଂ ପୁରୁଷ କର୍ମଚାରୀଙ୍କୁ ଦାୟିତ୍ୱବାନ୍ ହେବାକୁ ଆହ୍ୱାନ କରିଥିଲେ। ଅଧ୍ୟକ୍ଷ ଏବଂ କଲେଜ ଆଇସିସି ମୁଖ୍ୟ ଅଧ୍ୟାପିକା ସୋନୁ ପ୍ରଧାନଙ୍କ ଦ୍ୱାରା ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ସଦସ୍ୟ ଅବଦୁଲ୍ ଫରିଦ୍ ଖାନ୍, ତ୍ରିବେଣୀ ସାହୁ, ମୀନା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ କୋଅର୍ଡିନେଟର ସୁରଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିଲା ପୋଲିସ

**ପାଇକମାଲ,୩୦।୭(ବଡ଼ ଶତପଥି):** ପାଇକମାଲ ପୋଲିସ ମଙ୍ଗଳବାର ରାତ୍ରିରେ ପାଟ୍ରୋଲିଂ କରୁଥିବା ବେଳେ ୨ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିଧୁଭୂଷଣ ବାଗ (୨୮) ଓ କ୍ଷମା ସାଗର ଛତ୍ରିଆ (୨୪)। ଅଭିଯୁକ୍ତମାନଙ୍କଠାରୁ ୧୧ କେଜି ୩୭୦ଗ୍ରାମ ଗଞ୍ଜେଇ ସହ ମୋବାଇଲ ଫୋନ୍ ଜବତ କରାଯାଇଛି। ପ୍ରକାଶ ଯେ, ଅଭିଯୁକ୍ତମାନେ ବାଇକ୍‌ରେ ଗୋଟିଏ ବସ୍ତା ଧରି ଯାଉଥିଲେ, ପୋଲସ ତାଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରିବାରୁ ସେମାନେ କିଛି କହିପାରି ନଥିଲେ। ତେଣୁ ସେମାନଙ୍କୁ ପାଇକମାଲ ଥାନାକୁ ଆଣି ଯାଞ୍ଚ କରିବାରୁ ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ସ୍ଥାନୀୟ ଥାନାରେ ନଂ. ୬୧/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦୁହେଁ ବଲାଙ୍ଗୀରର ବୋଲି ପାଇକମାଲ ଥାନାଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଖୁଣ୍ଟୁଲିପାଲିରେ ଜ୍ଞାନ ବିଜ୍ଞାନ ମେଳା

**ଭେଡେନ,୩୧।୭(ହୃଷୀକେଶ ଖମାରୀ)**

ଭେଡେନ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖୁଣ୍ଟୁଲିପାଲିରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ମଦନ ମୋହନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ, କଥାକଥନ, ମୂର୍ତ୍ତିକଳା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାବୁଲାଲ ପଧାନ ମୁଖ୍ୟ ଅତିଥି, ଡୋଳାମଣି ସେଠ, ପ୍ରହଲ୍ଲାଦ ସେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାନିନୀ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନ ପ୍ରମୁଖ ପଦ୍ମିନୀ ସାହୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଞ୍ଜନ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଛତା,ପାଣି ବୋତଲ ବଣ୍ଟନ


ଛାତ୍ରୀଛାତ୍ରଙ୍କୁ ଛତା, ପାଣିବୋତଲ ବଣ୍ଟନ କରାଯାଉଛି।

**ପଦ୍ମପୁର,୩୧।୭(ପ୍ରଦୀପ୍ତ ଦାଶ)**

ହନୁମାନ ପଡ଼ା ମହିଳା ସମିତି ତରଫରୁ ସଭାନେତ୍ରୀ ଭାରତୀ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍କୁଲ ପିଲାଙ୍କୁ ଗୁରୁବାର ଛତା ଓ ପାଣି ବୋତଲ ସହ ବିସ୍କୁଟ ବଣ୍ଟନ କରାଯାଇଛି। ବର୍ଷାରେ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଭିଜି ଭିଜି ସ୍କୁଲ ଆସୁଥିବା ଦେଖି ସଭାନେତ୍ରୀ ପଟ୍ଟନାୟକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଏବଂ ତାଙ୍କ ସମିତିରେ ଆଲୋଚନା କରି ଛତା, ବିସ୍କୁଟ ଓ ପାଣିବୋତଲ ବଣ୍ଟନ କରିଥିଲେ। ଛତା ଓ ବୋତଲ ପାଇ କୁନି କୁନି ପିଲାମାନେ ଅତ୍ୟନ୍ତ ଖୁସି ହୋଇଥିଲେ। କାର୍ଯ୍ୟକ୍ରମରେ ମହିଳା ସମିତିର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ସଭାପତିତ୍ୱରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ସ୍ୱାଧୀନତା ଦିବସକୁ ମହାଆଡମ୍ବରରେ ପାଳନ କରିବା ପାଇଁ ଆଲୋଚନା ହେଇଥିଲା। ସେହିପରି ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ଏବଂ ଦେଶାତ୍ମବୋଧକ ସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ସ୍କୁଲ, କଲେଜ ଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବିଭିନ୍ନ ଅନୁଷ୍ଠାନର ସଦସ୍ୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ସଭା ପରିଚାଳନା କରିଥିଲେ।

# ସାମୂହିକ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଅତାବିରା, ୩୧।୭(ଯୁଧିଷ୍ଠିର ମହାପାତ୍ର )**

ଅତାବିରାରେ ବହୁ ବର୍ଷ ହେଲା ବନ୍ଦ ପଡ଼ିଥିବା ବ୍ଲକସ୍ତରୀୟ ସାମୂହିକ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ଅପରାହ୍ନ ସାଢେ ୩ ଟାରେ ଅତାବିରା ବିଡିଓ ରିପୁନାଥ ସୁନାଙ୍କ ଡାକରାରେ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୧୫ ଦିନ ଅତାବିରା ଏନ୍‌ଏସି ତଥା ସହରରେ ଥିବା ସମସ୍ତ ସ୍କୁଲରେ ନିଜ ନିଜ ସ୍ୱାଧୀନତା ଦିବସ ପାଳନ ପରେ ଅତାବିରା ଇଣ୍ଡୋର ଷ୍ଟାଡିୟମ ସାମ୍ନା ପଡ଼ିଆରେ ହେବାକୁ ଥିବା ସାମୂହିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ ଏକ ସ୍ୱତନ୍ତ୍ର ପାରେଡରେ ଆସି ଯୋଗ ଦେବେ। ଅତାବିରା ଅଞ୍ଚଳରେ ଥିବା ସମସ୍ତ ଅନୁଷ୍ଠାନ ମଧ୍ୟ ଏକତ୍ରିତ ହୋଇ ଏହି ଉତ୍ସବରେ ଯୋଗ ଦେବେ। ପାରେଡ଼ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ପଦକ୍ଷେପ ନିଆଯିବ। ଏହି ପ୍ରାରମ୍ଭିକ ପ୍ରସ୍ତୁତି ବୈଠକରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ସୁନା, ତହସିଲଦାର କେ. ରିଚି କୁମାର, ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା, ଏବିଡିଓ ଗିରିନ୍ଦ୍ର ସାହୁ, ଏବିଇଓ କାର୍ତ୍ତିକ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ କୋଶଳ ଅବସରପ୍ରାପ୍ତ ସୈନିକ ସଂଘ, ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭି.ଏସ୍.ଏସ୍ କ୍ଲବ, ବଣିକ ସଂଘ, କୃଷକ ସଂଘ, ବରିଷ୍ଠ ନାଗରିକ ସଂଘ, ମାରୱାଡି ସମାଜ, ଜନ କଲ୍ୟାଣ କୁଳିତା ସମାଜ, କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘ, ଦୁର୍ଗା ମନ୍ଦିର କମିଟି, ଟ୍ରକ୍ ମାଲିକ ସଂଘ, ମୁସ୍‌ଲିମ କମିଟି, ଖବରଦାତା ସଂଘ ଆଦି ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରି ନିଜ ନିଜ ପ୍ରସ୍ତାବ ଉପସ୍ଥାପନ କରିଥିଲେ।


ଅତାବିରା ବ୍ଲକ ପ୍ରଶାସନ ପକ୍ଷରୁ ବିଧାୟକଙ୍କ ଉପସ୍ଥିତିରେ ମିଳିତ ବୈଠକରେ ଆଲୋଚନା ଚାଲିଛି।

# ମଙ୍ଗଳବାର ପର୍ଯ୍ୟନ୍ତ ସମାଧାନ ନ ହେଲେ ଆନ୍ଦୋଳନ

**ଖରିଫ ଧାନ ବିକ୍ରି ପଞ୍ଜୀକରଣ ପ୍ରସଙ୍ଗ**

- ଉପଜିଲାପାଳଙ୍କ ସହ ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଲୋଚନା
- ସ୍ୱ ଘୋଷଣା ନାମାରେ ଚାଷୀ ପଞ୍ଜୀକରଣ ଦାବି


ଉପଜିଲାପାଳଙ୍କୁ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି।

**ପଦ୍ମପୁର,୩୧।୭(ପ୍ରଦୀପ୍ତ ଦାଶ)**

ଚଳିତଖରିଫ ବର୍ଷରେ ଧାନବିକ୍ରିପଞ୍ଜୀକରଣ ପ୍ରସଙ୍ଗ ନେଇ ଗୁରୁବାର ପଦ୍ମପୁର ଉପଜିଲାପାଳ ଓ ରାଜବୋଡାସମ୍ବର କୃଷକ ସଙ୍ଗଠନ ମଧ୍ୟରେ ଆଲୋଚନା ହୋଇଛି। ସଙ୍ଗଠନ ତରଫରୁ ଏହି ନୂତନ ପଞ୍ଜୀକରଣ ବ୍ୟବସ୍ଥାରେ ଅନେକ ତ୍ରୁଟି ବା ଅସମ୍ଭବ ଆବଶ୍ୟକ କାଗଜପତ୍ର ଦରକାର ପଡୁଥିବା ଅଭିଯୋଗ ହୋଇଛି। ଯଦି ସରକାରଙ୍କ ଉଦ୍ଦେଶ୍ୟରେ ଚାଷ କରୁଥିବା ଚାଷୀ ବ୍ୟତୀତ ଅନ୍ୟ କୌଣସି ନକଲି ଚାଷୀ ପଞ୍ଜୀକରଣ ହୋଇପାରିବେ ନାହିଁ ତା'ହେଲେ କେମିତି ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ ସମସ୍ତ ବଂଶୀୟ ଧାନ କାର୍ଡ ତିଆରି କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି, ସେ ନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଯଦି ବଂଶୀୟ ତାଲିକା ଅନୁସାରେ ଧାନ କାର୍ଡ ତିଆରି କରାଯାଏ ତା'ହେଲେ ଚାଷ କରି ନ ଥିବା ବଂଶୀୟ ଅଧିକାରୀ କାର୍ଡ କେମିତି ତିଆରି କରିବେ।

ଅନ୍ୟପଟେ ଚାଷ କରିଥିବା ଚାଷୀ କାର୍ଡ କରି ନ ପାରିଲେ ସେହି ଧାନ କେଉଁଠାରେ ବିକ୍ରି ହେବ? ଯାହା ଫଳରେ ଦଲାଲ ସଂଖ୍ୟା ବୃଦ୍ଧି ପାଇବ, ଚାଷୀ ଋଣ ପରିଶୋଧ କରିପାରିବ ନାହିଁ, ଖାଦ୍ୟ ସଙ୍କଟ ଦେଖାଦେବ, ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ପାଣିର ଗାର ପାଲଟିବ ଏବଂ କୃଷି ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ। ସେଥିପାଇଁ ଏହି କେନ୍ଦ୍ରୀକରଣ ବ୍ୟବସ୍ଥା ବନ୍ଦ କରାଯାଉ ଏବଂ ସ୍ୱ ଘୋଷଣାନାମା ଦେଲେ ଚାଷୀର ପଞ୍ଜୀକରଣ କରାଯାଉ ଏବଂ ଯଦି କୌଣସି ଦଲାଲ ବା ଜବରଦସ୍ତ ଅନ୍ୟ ଭାଇ ଅନ୍ୟ ଭାଇଙ୍କ ବିନା ସହମତିରେ ଧାନ କାର୍ଡ ତିଆରି ପାଇଁ ମିଛ କାଗଜପତ୍ର ଦେଇ ପଞ୍ଜୀକରଣ କରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଙ୍ଗଠନ ତରଫରୁ ଲିଖିତ ଭାବେ ଉପଜିଲାପାଳ ସ୍ନେହା ଅରଗୁଲଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ଏହାର ସମାଧାନ କରା ନ ଗଲେ ଆମେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ଆଲୋଚନାରେ ଆବାହକ ଅଶୋକ ସାହୁ, ଅଜିତ ଶତପଥୀ, ପଞ୍ଚାନନ ସାହୁ, ସୁବାସ ସାମନ୍ତରାୟ, କୈଳାଶ ବାରିକ, ରୋହିତ ସାହୁ, ଦହିତ ସାହୁ, ଲିଙ୍ଗରାଜ ପଧାନ, ଅରବିନ୍ଦ ପଣ୍ଡା, ଆନନ୍ଦ ପଧାନ, ସାମନ୍ତ ସାହୁ, ସୁବାସ ପଧାନ, ପ୍ରଭାତ ସାହୁ, ପ୍ରେମରାଜ ସାହୁ, ମହେନ୍ଦ୍ର ସାହୁ, ମହେନ୍ଦ୍ର ପଧାନ, ଦିଲୀପ ହେହେରା ଏବଂ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ଏବଂ ଛଅଟି ବ୍ଲକର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପରେ ଉପଜିଲାପାଳ ସ୍ନେହା ଅରଗୁଲ ପଞ୍ଜୀକରଣ ବ୍ୟବସ୍ଥାକୁ ସହଜ ଏବଂ ସରଳ କରି ସମସ୍ତ ଚାଷୀ ଯେମିତି ପଞ୍ଜୀକୃତ ହୋଇପାରିବେ ସେଦିଗରେ ପଦକ୍ଷେପ ନେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ



ରାଉରକେଲା,୩୧ା୭(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନି ବଡ଼ପାର୍କ ନିକଟରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୫ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲୀ ୱାର୍ଡ ନଂ. ୩ର ଏସ୍‌କେ ସଲମାନ୍(୨୪), ରେଳବାଇ କଲୋନି ଇନ୍ଦିରା ନଗର ପୱନ ସାହୁ(୧୯), ଉଦିତନଗର ଲାଲ ବିଲ୍‌ଡିଂର ଆୟୁଷ ବଡା(୧୯), ରୋହିତ ପ୍ରସାଦ(୨୦) ଓ ଉଦିତନଗର ୱାର୍ଡ ନଂ ୧୦ର ଏମ୍ ଡ଼ି କୈଫ୍(୧୯)। ସେମାନଙ୍କଠାରୁ ୩ଟି ଲୁହାରଡ଼, ଭୁଜାଲି ଓ ଛୁରୀ ଜବତ ହୋଇଛି। ସଲମାନଙ୍କ ବିରୁଦ୍ଧରେ ପ୍ଲାଣ୍ଟସାଇଟ୍ ଥାନାରେ ୧୨ଟି ରହିଛି। ସେହିପରି ବିଭିନ୍ନ ଥାନାରେ ପୱନଙ୍କ ବିରୋଧରେ ୪ଟି, ଆୟୁଷଙ୍କ ବିରୋଧରେ ୯ଟି, ରୋହିତଙ୍କ ବିରୋଧରେ ୬ଟି, କୈଫଙ୍କ ବିରୋଧରେ ୪ଟି ଆପରାଧିକ ମାମଲା ବିଭିନ୍ନ ଥାନାରେ ରହିଛି। ପୋଲିସ ଗୁରୁବାର ଏକ ମାମଲା (ନଂ.୫୭୪/୨୫) ରୁଜୁ କରି ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି।

# ବଢୁଛି ଭୂତଳ ଜଳ ଅପବ୍ୟବହାର

■ ବହୁ କୋଟି ଟଙ୍କା ଜଳକର ବାକି

■ ଆର୍‌ଡିଏକୁ ଜଳ ସମ୍ପଦ ବିଭାଗର ଚିଠି

ରାଉରକେଲା, ୩୧ା୭(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାରେ ଭୂତଳ ଜଳର ଅପବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ପ୍ରାୟ ଏକ ମାସ ମଧ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡ଼ିଏ) ଏବଂ ଛେଣ୍ଡ ରିଂରୋଡ୍ ପାର୍ଶ୍ୱବର୍ତ୍ତୀ ଏକ ବିଶାଳ ବହୁତଳ ବିଶିଷ୍ଟ କୋଠାକୁ ଚିଠି କରାଯାଇଥିବା ଜଣାପଡ଼ିଛି। ଏହି ଚିଠିରେ ଆର୍‌ଡ଼ିଏ ଅଧୀନରେ ଥିବା ବହୁତଳ ବିଶିଷ୍ଟ କୋଠାର ତାଲିକା ମଗାଯାଇଥିବା ବେଳେ ଜଳ ଅପଚୟ ନେଇ ଛେଣ୍ଡସ୍ଥିତ ଏକ ବହୁତଳ କୋଠାକୁ କୈଫିୟତ ତଲବ ହୋଇଛି। ତେବେ ଏହାର କୌଣସି ଉତ୍ତର ମିଳି ନ ଥିବା ଜିଲା ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ କହିଛନ୍ତି।

ଜିଲାରେ ଥିବା ଭୂତଳ ଜଳ ସାଧାରଣତଃ ପାନୀୟ ଓ କୃଷି ପାଇଁ ବ୍ୟବହାର ହୋଇଥାଏ। ୧୭ଟି ବ୍ଲକ ଏବଂ ପୌରପାଳିକାରେ ଏହି ଜଳକୁ ବ୍ୟବହାର କରାଯାଇଥାଏ। ହେଲେ କ୍ରମବର୍ଦ୍ଧିଷ୍ଣୁ ହୋଟେଲ, ରେଷ୍ଟୁରାଣ୍ଟ, ବହୁତଳ ବିଶିଷ୍ଟ କୋଠାଘର, ଡାକ୍ତରଖାନା, ଆପାର୍ଟମେଣ୍ଟ



ରାଉରକେଲାର ନିର୍ମାଣାଧୀନ କୋଠାରେ ବୋରିଂ କରି ଜଳ ଉତ୍ତୋଳନ କରାଯାଉଛି।

ଆଦିରେ ଜଳ ସମ୍ପଦ ବିଭାଗର ବିନା ଅନୁମତିରେ ଅନାୟାସରେ ଭୂତଳ ଜଳ ବ୍ୟବହାର କରାଯାଉଛି। କୋଠାଗୁଡ଼ିକରେ ଜଳସମ୍ପଦ ବିଭାଗର ବିନା ଅନୁମତିରେ କୋଠା ପିଛା ୨/୩ ଟି ବୋର୍‌ୱେଲ ଖୋଳାଯାଉଛି। ଦିନରାତି ଏଥିରୁ ଜଳ ଉତ୍ତୋଳନ କରି ନିର୍ମାଣ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏଥିପାଇଁ ପାଣି ମିଟର ମଧ୍ୟ ବ୍ୟବହାର କରାଯାଉନାହିଁ। ଶତ ପ୍ରତିଶତ ଜଳ ସମ୍ପଦର ଅପବ୍ୟବହାର ସାଙ୍ଗକୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଅଧିକାଂଶ କୋଠା ଓ ବ୍ୟବସାୟିକ ଅନୁଷ୍ଠାନର ଲକ୍ଷ ଲକ୍ଷ ଟଙ୍କା ଜଳକର ବାକି ରହିଛି। ହେଲେ ଏଥିପ୍ରତି ସମ୍ପୃକ୍ତ ଲୋକଙ୍କ ନିଘା ନାହିଁ। ଯାହାକି ଆଗାମୀ ଦିନରେ ଜଳକଷ୍ଟ ଭଳି ପରିସ୍ଥିତି ଉପୁଜିବା ସମ୍ଭାବନା ରହିଛି। ଆଗାମୀ ଦିନରେ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଅପରପକ୍ଷେ ଜିଲା ଜଳସମ୍ପଦ ପକ୍ଷରୁ ଏପରି ଅବ୍ୟବସ୍ଥା ଦୂର କରିବା ପାଇଁ ନିୟମିତ ଚିଠି କରାଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଜଳକର ସୁଚାରୁ ରୂପେ ଆଦାୟ ହେଉ ନ ଥିବା ଜଣାପଡ଼ିଛି। ବର୍ଷାଜଳ ଅମଳ ପାଇଁ ଆଖିଦୃଶିଆ ପ୍ରକଳ୍ପ ନ ଥିବା ଯୋଗୁ ଭୂତଳ ଜଳର ଯତ୍ନ ବା ବ୍ୟବହାର ଉପରେ ଅଙ୍କୁଶ ଲାଗିବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଉଲ୍ଲେଖନୀୟ, ରାଉରକେଲା ସହରରେ ଶିଳ୍ପାଞ୍ଚଳ ବ୍ୟତୀତ ବାସନ୍ତୀ କଲୋନି, ଛେଣ୍ଡ, କୋଏଲନଗର, ଜଗଦା, ଶକ୍ତିନଗର, ପାନପୋଷ , ବ୍ରାହ୍ମଣୀତରଙ୍ଗ, ଦକ୍ଷିଣ ରାଉରକେଲାର ଅନେକ ସ୍ଥାନରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଉଛି। ରାଉରକେଲାରେ ୫୦ରୁ ଊର୍ଦ୍ଧ୍ୱ ବହୁତଳ ବିଶିଷ୍ଟ କୋଠା, ଆପାର୍ଟମେଣ୍ଟ, ଡାକ୍ତରଖାନା ରହିଛି। ଜଳସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ବର୍ଷା ଯୋଗୁ ୨୦୨୧ରେ ଜିଲାରେ ଭୂତଳ ଜଳସ୍ତର ୮୬୩.୧୧ ମିଲିୟନ୍ କ୍ୟୁବିକ୍ ମିଟର ରହିଥିଲା। ପରେ ସେହିବର୍ଷ ଭୂତଳ ଜଳର ବିଭିନ୍ନ ପ୍ରକାର ବ୍ୟବହାର ପରେ ୭୯୪.୪୩ ମିଲିୟନ୍ କ୍ୟୁବିକ୍ ମିଟର ରେକର୍ଡ କରାଯାଇଥିଲା। ସେହିପରି ଉତ୍ତମ ଗୁଣବତ୍ତା ବର୍ଗରେ ଉକ୍ତ ଭୂତଳ ଜଳ ୬୨.୨ ପ୍ରତିଶତ ରହିଛି। ଜିଲାରେ ୩୭ ପ୍ରତିଶତ କୃଷି ଭୂତଳ ଜଳ ଉପରେ ନିର୍ଭର କରୁଛି। ଏ ସମ୍ପର୍କରେ ସୁନ୍ଦରଗଡ଼ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ମୈତ୍ରୟୀ ପରିଡ଼ାଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ଜଳ ଅପଚୟ ଏବଂ ଜଳକର ବାକି ଥିବା ସଂକ୍ରାନ୍ତରେ କିଛିଦିନ ତଳେ ଆର୍‌ଡିଏକୁ କୋଠା ତାଲିକା ମଗାଯାଇଥିଲା। ହେଲେ ଏଯାଏ ତାର କୌଣସି ଉତ୍ତର ହସ୍ତଗତ ହୋଇନାହିଁ। ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ଶିଳ୍ପକୁ ୨ ହଜାରରୁ ଊର୍ଦ୍ଧ୍ୱ ଚିଠି ଲେଖାଯାଇଛି। ଜିଲାରେ ଶିଳ୍ପ ଓ ଅନ୍ୟ ସଂସ୍ଥାରେ ଜଳମିଟର ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ। କୋଟି କୋଟି ଟଙ୍କା ଜଳକର ବାକି ପଡ଼ିଛି। ଧୀରେ ଧୀରେ ଯାଞ୍ଚ କରି ରିପୋର୍ଟ ସଂଗ୍ରହ କରାଯାଉଛି। ଜୁଲାଇ ମାସରେ ଛେଣ୍ଡରେ ଥିବା ଏକ ଆପାର୍ଟମେଣ୍ଟକୁ ମଧ୍ୟ ଜଳକର ଓ ମିଟର ଆଦି ବିଷୟରେ ଚିଠି କରାଯାଇଥିଲା। ତେବେ ଦାୟିତ୍ୱ ନେବା ପରେ ଜଳକର ସଂଗ୍ରହ ଅଧିକ ହୋଇଛି ବୋଲି ଇଂ. ପରିଡ଼ା କହିଥିଲେ।

# ରାଉରକେଲାରେ ଯୁବା କମ୍ପନ ସମାବେଶ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା।

ରାଉରକେଲା, ୩୧ା୭(ସଙ୍ଗୀତା ଜେନା)

ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଯୁବା କମ୍ପନ ସମାବେଶ ଓ ହୁଙ୍କାର ରାଲି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଉଦିତନଗର ସିଂହାସିନୀ ମନ୍ଦିର ନିକଟରୁ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ରାଲିରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଦୀର୍ଘ ୧୨ ବର୍ଷରୁ ମହାନଗର ନିର୍ବାଚନ ହୋଇପାରି ନ ଥିବାରୁ ନିର୍ବାଚନ କରିବା, କର୍ମଚାରୀମାନଙ୍କ ସମସ୍ୟା, ସିସିଭି ପ୍ରକଳ୍ପରେ ଅନିୟମିତତା, ବିଦ୍ୟୁତ୍ ଓ ପାଣି ଯୋଗଣରେ ଅବ୍ୟବସ୍ଥା, ଆରଜିଏଚ୍‌ରେ ଅବ୍ୟବସ୍ଥା, ଭେଣ୍ଡି ଜୋନ୍‌ରେ ଅନିୟମିତତା, ହସ୍ପିଟାଲରେ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ଆଦି ଦାବି ରହିଥିଲା। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଅଧ୍ୟକ୍ଷ ରିତ ପାତ୍ର ଓ ପ୍ରଭାରୀ ମହେଶ ଦେଶମୁଖଙ୍କ ନେତୃତ୍ୱରେ ରାଉରକେଲା ଜିଲା ଯୁବ କଂଗ୍ରେସ ଅଧ୍ୟକ୍ଷ ମୋତିଲାଲ ଦୀପ, ପୂର୍ବତନ ଡିସିସି ସଭାପତି ରବି ରାୟ, ପ୍ରସନ୍ନ ବଳିଆରସିଂହ, ସାବିର ହୁସେନ, ଶିବୁ ଦୀପ, ପ୍ରବୋଧ ଦାସ, ସୂର୍ଯ୍ୟକାନ୍ତ ବାରିକ, ଇଜାଜ ଅଖତାର, ସଦାବ ଅହମ୍ମଦ, ସନ୍ଦୀପନ ମହାପାତ୍ର, ସିଲୁ ବରାଲ, ବାସୁଦେବ ବାନାର୍ଜୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ କର୍ମକର୍ତ୍ତା ମାନେ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ୭,୫୦୦ କୋଟି ଟଙ୍କା ପୁଞ୍ଜି ନିବେଶ ହେବ

ପ୍ଲାଣ୍ଟ କ୍ଷମତା ବିସ୍ତାର କରିବ ସେଲ୍

ରାଉରକେଲା,୩୧ା୭(ବିପ୍ଳବ ରଞ୍ଜନ ଦାଶ)

ଦେଶର ସର୍ବବୃହତ୍ ଇସ୍ପାତ ନିର୍ମାତା ସେଲ୍ ଚଳିତ ଆର୍ଥିକ ବର୍ଷରେ ୭,୫୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବାକୁ ଯାଉଛି, ଯାହା ଆର୍ଥିକ ବର୍ଷ ୨୦୨୪-୨୦୨୫ ତୁଳନାରେ ୨୫ ପ୍ରତିଶତ ଅଧିକ ଅଟେ। ସମସ୍ତ ପ୍ଲାଣ୍ଟରେ କ୍ଷମତା ବିସ୍ତାର କରିବା ପାଇଁ ଏହା କରାଯିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସାର୍ବଜନୀନ କ୍ଷେତ୍ରରେ ଭାରତର ସର୍ବବୃହତ ଇସ୍ପାତ ପ୍ଲାଣ୍ଟ ସେଲ୍ ସମ୍ପ୍ରସାରଣ ମୋଡ୍‌ରେ ଅଛି ଏବଂ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବ୍ୟୟରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରେ ବିସ୍ତାରିତ ଏହାର ପାଞ୍ଚଟି ସମନ୍ୱିତ ପ୍ଲାଣ୍ଟ (ଆଇଏସ୍‌ପି)ର ମିଳିତ ୨୦ ମିଲିୟନ ଟନ୍ କ୍ଷମତାରୁ ୨୦୩୦ ସୁଦ୍ଧା ଏହାର ସାମଗ୍ରିକ କ୍ଷମତାକୁ ୩୫ ନିୟୁତ ଟନ୍ କରିବା ପାଇଁ ପଦକ୍ଷେପ ନେଉଛି। ବିଗତ ଆର୍ଥିକ ବର୍ଷରେ ଏହି କ୍ଷେତ୍ରରେ ସେଲ୍‌ର ପୁଞ୍ଜି ନିବେଶ ପ୍ରାୟ ୬,୦୦୦ କୋଟି ଟଙ୍କା ଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ସେଲ୍ ୭,୫୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବା ଲକ୍ଷ୍ୟ ରଖିଛି। ଏହା ସେଲ୍‌ର ବୃହତ୍ ଲକ୍ଷ୍ୟ ବୋଲି ଅର୍ଥ ବିଭାଗର ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା କମ୍ପାନୀର ନିବେଶ ଯୋଜନା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି।

# ହୃତ୍‌ପିଣ୍ଡ ପୁନଃ ସଞ୍ଚାଳନ ପ୍ରଶିକ୍ଷଣ ଶିବିର

ରାଉରକେଲା,୩୧ା୭(ଦିନେଶ ମିଶ୍ର)

ରୋଟାରୀ କ୍ଲବ ରାଉରକେଲା ରିଭରସାଇଡ୍ ଇନ୍‌ର ହୁଇଲ କ୍ଲବ ଓ ହାଇଟେକ୍ ମେଡିକାଲ ମେଡିକାଲ କଲେଜର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହାଇସ୍କୁଲରେ ବୁଧବାର ହୃତ୍‌ପିଣ୍ଡ ପୁନଃ ସଞ୍ଚାଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୬୦ ଜଣ ବିଦ୍ୟାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ହାଇଟେକ ମେଡିକାଲ କଲେଜର କ୍ରିଟିକାଲ୍ କେୟାର ମେଡିଶିନ ବିଭାଗ ବିଶେଷଜ୍ଞ ଡାକ୍ତର ଭକ୍ତି ପ୍ରସାଦ ମହାପାତ୍ର ପିଲାମାନଙ୍କୁ ପିସିଆର୍‌ର ଉପଯୋଗିତା ଉପରେ ବୁଝାଇଥିଲେ। ସେହିପରି ହୃଦ୍‌ଘାତ ହେଲେ ରବର ତିଆରି ମଡେଲ ମାନିକୁଇନ୍ ମାଧ୍ୟମରେ ଛାତିର ମଧ୍ୟଭାଗକୁ ଦବାଇବା କୌଶଳ ଶିଖାଇଥିଲେ। ହୃଦ୍‌ଘାତ କିମ୍ବା ପାଣିରେ ପ୍ରାୟ ବୁଡିଯିବାବେଳେ ସିପିଆର ମାଧ୍ୟମରେ ଜଣଙ୍କ ଜୀବନ ବଞ୍ଚାଇବାରେ ଏହି ଚିକିତ୍ସା ପଦ୍ଧତି ସାହାଯ୍ୟ କରିଥାଏ ବୋଲି ଡାକ୍ତର ମହାପାତ୍ର କହିଥିଲେ। ପ୍ରଥମେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ହୃତ୍‌ପିଣ୍ଡର ପୁନଃ ସକ୍ରିୟକରଣ ପଦ୍ଧତି ବିଷୟରେ ବୁଝାଇଥିଲେ। ରୋଟାରି କ୍ଲବ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ଭଗବାନ ପାଢୀ, ପ୍ରମିଳା ମିଶ୍ର, ପରମେଶ୍ୱର ପ୍ରଧାନ, ଇନର ହୁଇଲ୍ ସଦସ୍ୟା ପ୍ରତିମା ମହାପାତ୍ର, ଅର୍ଚ୍ଚନା ଦେବତା, ଅନିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଅଗଷ୍ଟ ୨ରୁ ଦ୍ୱିଦିବସୀୟ ଏକକ ନାଟକ ଉତ୍ସବ

ରାଉରକେଲା, ୩୧ା୭(ସଙ୍ଗୀତା ଜେନା)

ଏକତ୍ର ରାଉରକେଲା ପକ୍ଷରୁ ଆସନ୍ତା ୨ ଓ ୩ ତାରିଖରେ ଦ୍ୱିଦିବସୀୟ ଏକକ ନାଟକ ଉତ୍ସବ ଆୟୋଜିତ ହେବ। ଏହା ସିଭିକ୍ ସେଣ୍ଟରଠାରେ ସନ୍ଧ୍ୟା ୬ଟାରେ ଆରମ୍ଭ ହେବ । ଏ ନେଇ ଗୁରୁବାର ଅପରାହ୍ନ ୫ଟାରେ ସେକ୍ଟର-୬ ଇସ୍ପାତ ସରୋବରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି ବିଲୋଚନ ପାତ୍ର, ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ, ଅକ୍ଷୟ ଧଳ, କନକଲତା ଦାସ, ପ୍ରଦୀପ ପଟ୍ଟନାୟକ, ନୀତା ଗୋସ୍ୱାମୀ, ଆଲୋକ ଘୋଷ, ପ୍ରଳୟ ଶତପଥୀ, ମନୋରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଦିନ ଅପରାହ୍ନ ୩ଟାରେ ୩୦ ବର୍ଷରୁ କମ୍ ଅଭିନେତା, ଅଭିନେତ୍ରୀମାନେ କଳାପ୍ରଦର୍ଶନ କରିବେ। ସେହିପରି ୩ ତାରିଖରେ ୩୦ରୁ ଊର୍ଦ୍ଧ୍ୱ ବୟସର କଳାକାରମାନେ ଅଭିନୟ କରିବେ। କୋଏଲ, ଶଙ୍ଖ ଓ ସରସ୍ୱତୀ ଭାବେ କଳାକାରମାନଙ୍କ ବିଭାଗ କରାଯାଇଛି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ତଥା ଅନ୍ୟ ୭ ଜଣ କଳାକାରଙ୍କୁ ବିଚାରକ ମଣ୍ଡଳୀ ଅନୁଯାୟୀ ପୁରସ୍କାର ରାଶି ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏସ୍‌ଡ଼ିର ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍ ଆତିଥ୍ୟ ଗ୍ରହଣ କରିବେ। ଉଦ୍‌ଯାପନୀ ଦିବସ ସକାଳେ ଆର୍‌ଏସ୍‌ପି ଅଧିକାରୀ ବିଜୟ ଯୋଯୋ ଆତିଥ୍ୟ ଗ୍ରହଣ କରିବେ। ସନ୍ଧ୍ୟାରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ ଓ ଆର୍‌ଏସ୍‌ପି ଲୋକ ସମ୍ପର୍କ ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ଅତିଥି ଭାବେ ଯୋଗ ଦେବେ। ଏହି ଏକକ ଅଭିନୟରେ ଶାଳୀନତା, ସାମ୍ପ୍ରଦାୟିକତା ସଦ୍‌ଭାବନା ନଷ୍ଟ କଲା ଭଳି କୌଣସି ଅଭିନୟକୁ ସୁଯୋଗ ଦିଆଯିବ ନାହିଁ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ। ଦିଲ୍ଲୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ଉତ୍ସବରେ ୭୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ ବୋଲି ଜଣାପଡ଼ିଛି।

# ସଙ୍ଗୀତଜ୍ଞ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୩୧ା୭(ବିପ୍ଳବ ରଞ୍ଜନ ଦାଶ)

ପ୍ରଖ୍ୟାତ ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ମହମ୍ମଦ ରଫିଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସେକ୍ଟର-୨୦ସ୍ଥିତ ରାଉରକେଲା କ୍ଲବରେ ଗୁରୁବାର ସଙ୍ଗୀତ ତରଙ୍ଗ ମ୍ୟୁଜିକ କ୍ଲବର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଓବି ସୁଟରେ ମୁଖ୍ୟ ପ୍ରବନ୍ଧକ ତୁଷାର କାନ୍ତ ପୃଷ୍ଟି ମୁଖ୍ୟଅତିଥି, ଅନୁଷ୍ଠାନର ଅଧ୍ୟକ୍ଷ ଲିଓନ ବିନୋଦ ମାହୁନ୍ତ, ଉପଦେଷ୍ଟା ମନୋରଞ୍ଜନ ଦାଶ, ଆର୍‌ଏସ୍‌ପି ସିଜିଏମ ଏସ୍. ରାୟ ଚୌଧୁରୀ, ଭାରପ୍ରାପ୍ତ ମହାପ୍ରବନ୍ଧକ ଡ. ପି. କେ. ସାହୁ, ସଭାପତି ତପନ ନାୟକ, ସାଧାରଣସମ୍ପାଦକସନ୍ତୋଷଦାସ, ସଙ୍ଗଠନ ସଚିବ ସତ୍ୟବ୍ରତ ମହାନ୍ତି, ପ୍ରଶାସନିକ ସଚିବ ପ୍ରଦୀପ ମହନ୍ତ, ଅର୍ଥ ସଚିବ ଜଗନ୍ନାଥ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଳାକାରମାନେ ରଫିଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଫିରୋଜ୍ ଓ ଶ୍ୱେତଲୀନା ମଞ୍ଚ ସଞ୍ଚାଳନ କରିଥିଲେ। ସଙ୍ଗଠନ ସଚିବ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଥିବା କଳାକାର।

# ଡ୍ରେନ୍ ଜାମ୍ ଯୋଗୁ ବର୍ଜ୍ୟଜଳ ନିଷ୍କାସନରେ ସମସ୍ୟା

ରାଉରକେଲା/ବନ୍ଧମୁଣ୍ଡା, ୩୧ା୭ (ସଙ୍ଗୀତା ଜେନା/ସୁବ୍ରତ ଡେ)

ବିଶ୍ରା ବ୍ଲକ ମାରୱାଡି ମୋହଲ୍ଲାରେ ଥିବା ଏକ ମୁଖ୍ୟ ଡ୍ରେନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ଡ୍ରେନ ପୋତି ହୋଇଯାଇଥିବାରୁ ବର୍ଜ୍ୟଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ବହୁଛି। ଫଳରେ ଲୋକମାନଙ୍କୁ ଚଳପ୍ରଚଳରେ ଅସୁବିଧା ହେଉଛି। ଦୀର୍ଘଦିନରୁ ଏପରି ଡ୍ରେନଗୁଡ଼ିକ ସଫେଇ ହେଉନାହିଁ। ଜଳ ନିଷ୍କାସନ ହେଉ ନ ଥିବା ଯୋଗୁ ମଶାବଂଶ ବୃଦ୍ଧି ପାଉଛି। ଏପରି ସ୍ଥିତିରେ ଡେଙ୍ଗୁ, ମାଲେରିଆ ବ୍ୟାପିବା ଆଶଙ୍କା ରହିଛି। ଏହାସହ ରାସ୍ତାରେ କାଦୁଅ ଯୋଗୁ ବାଇକ୍ ଚାଳକ, ପଥଚାରୀମାନେ ହଇରାଣ ହେଉଛନ୍ତି। ଏହାକୁ ତୁରନ୍ତ ସଫେଇ କରା ନ ଗଲେ ରୋଗ ବ୍ୟାପିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଅଭିଯୋଗ ଆସିବା ପରେ ତତ୍କାଳ ପଦକ୍ଷେପ ଗ୍ରହଣ କରାଯିବ। ନାଳ ନର୍ଦ୍ଦମାରେ ଅଧିକ ପଲିଥିନ୍ ଜମା ହେଉଥିବା ଯୋଗୁ ଅବରୋଧ ହେଉଛି। ସଫେଇ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଶ୍ରା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



ମୁଖ୍ୟ ଡ୍ରେନ ପୋତି ହୋଇପଡ଼ିଛି।

# ୭୦୨୧ ହିତାଧିକାରୀଙ୍କୁ ମିଳିନି ଜାଗା

ରାଉରକେଲା,୩୧ା୭(ଦିନେଶ ମିଶ୍ର)

ସରକାରୀ ଜମି ଉପରେ ଗଢି ଉଠିଥିବା ବସ୍ତିର ଉନ୍ନତୀକରଣ କରିବାକୁ ଜାଗା ମିଶନ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳ ଲୋକଙ୍କୁ ସାମିଲ କରିବା ପାଇଁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ୩ ବର୍ଷ ତଳେ ସର୍ଭେ କରାଯାଇଥିଲା। ସର୍ଭେ ବେଳେ ରାଉରକେଲାରେ ମୋଟ ୧୦୨ଟି ବସ୍ତିରୁ ୭୦୨୧ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ହିତାଧିକାରୀମାନଙ୍କୁ ଜାଗା ମିଳିପାରିନାହିଁ।

ବସ୍ତିବାସୀଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ୨୦୧୮ରେ ଜାଗା ମିଶନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ବିଭିନ୍ନ ବସ୍ତିକୁ ସର୍ଭେ କରାଯାଇ ସେଠାରେ ବସବାସ କରୁଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ଯୋଜନା ନିୟମ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କର ରାଜ୍ୟରେ କୌଣସି ପୌରପାଳିକା ବା ମହାନଗର ନିଗମରେ ଜାଗା ନ ଥିବ ସେମାନେ ଏହି



ଆର୍‌ଏମ୍‌ସି ଅଧୀନରେ ଥିବା ଏକ ଖଟାଲ ବସ୍ତି।

ଯୋଜନାରେ ସାମିଲ ହୋଇପାରିବେ। ଆର୍‌ଏମ୍‌ସି ଅଧୀନରେ ରାଉରକେଲାରେ ମୋଟ ୧୫୦ରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ଗତ ନିର୍ବାଚନ ପୂର୍ବରୁ ଜାଗା ମିଶନରେ ଚିହ୍ନଟ ହୋଇଥିବା କିଛି ହିତାଧିକାରୀଙ୍କୁ ଜମିପଟ୍ଟା ମିଳିଥିବାବେଳେ ବହୁ ହିତାଧିକାରୀ ଆଜିଯାଏ ଏହି ଯୋଜନାର ଲାଭ ପାଇନାହାନ୍ତି। ଏଥିରେ ଚିହ୍ନଟ ପ୍ରତ୍ୟେକ ହିତାଧିକାରୀଙ୍କୁ ଜାଗା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିବାବେଳେ ରାସନକାର୍ଡଧାରୀଙ୍କୁ ଏହି ଜାଗା ସମ୍ପୂର୍ଣ୍ଣ ନିଃଶୁଳ୍କ ମିଳିବ ଓ ରାସନ କାର୍ଡ ନ ଥିବା ଲୋକଙ୍କୁ କିଛି ଅର୍ଥ ଦେବାକୁ ପଡିବ ବୋଲି କୁହାଯାଇଥିଲା। କିନ୍ତୁ ଏହି ଯୋଜନାରେ

ରାଉରକେଲା ମହାନଗର ନିଗମ

■ ୩ ବର୍ଷ ପୂର୍ବରୁ ହୋଇଥିଲା ସର୍ଭେ

■ ଚିନ୍ତାରେ ଚିହ୍ନଟ ହୋଇଥିବା ହିତାଧିକାରୀ

ଚିହ୍ନଟ ହୋଇଥିବା ୭୦୨୧ ହିତାଧିକାରୀଙ୍କ ମଧ୍ୟରୁ ବହୁ ହିତାଧିକାରୀ ଆଜିଯାଏଁ ଜାଗା ଖଣ୍ଡେ ପାଇ ନ ଥିବା ଅଭିଯୋଗ କରିଛନ୍ତି । ସହରରେ ବର୍ତ୍ତମାନ ୩ୟ ରେଳ ଲାଇନ କାର୍ଯ୍ୟ ଜାରି ରହିଥିବାବେଳେ ବନ୍ଧମୁଣ୍ଡା ବସ୍ତି, କୁଆଁରମୁଣ୍ଡା ବସ୍ତି, ମାଲଗୋଦାମ ଭଳି ବହୁ ବସ୍ତିବାସୀଙ୍କୁ ଥଇଥାନ ପୂର୍ବରୁ ଉଚ୍ଛେଦ କରାଯାଇଥିଲା । ଏହି ବସ୍ତିର ବହୁ ଲୋକ ଜାଗା ମିଶନ ଯୋଜନାରେ ଚିହ୍ନଟ ହୋଇଥିଲେ ମଧ୍ୟ ଆଜିଯାଏ ସେଥିରୁ ବଞ୍ଚିତ ହୋଇଛନ୍ତି । ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜାଗା ମିଶନ ଯୋଜନାରେ ୩ ବର୍ଷ ତଳେ ଚିହ୍ନଟ ହୋଇଥିବା ଲାଲ୍ ହିଲ୍ସ ବସ୍ତିର ଜୋହରା ବେଗମ୍ କହିଛନ୍ତି, ମୋର କୌଣସି ଘର ନ ଥିବାରୁ ମୁଁ ରେଳ ଲାଇନ କଡରେ ଜରି ଟାଙ୍ଗି ଘର କରି ରହିଛି । ଏହି ଯୋଜନାରେ ମୁଁ ଆଜିଯାଏଁ ପଟ୍ଟା ଖଣ୍ଡେ ପାଇଲି ନାହିଁ । ଫଳରେ ଆମେ ବାସହୀନ ଗରିବ ଲୋକ ଆର୍‌ଏମ୍‌ସି ଦୌଡି ଦୌଡି ହଇରାଣ ହେଉଛୁ ବୋଲି ସେ କହିଥିଲେ । ଏଭଳି ସହରରେ ବହୁ ଲୋକ ରହିଛନ୍ତି ଯେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ସେମାନଙ୍କୁ କୌଣସି ସୁବିଧା ମିଳିନାହିଁ । ଏ ନେଇ ଆର୍‌ଏମ୍‌ସି ଉପାୟୁକ୍ତ ଅନୀତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଜାଗା ମିଶନ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । କିନ୍ତୁ ବହୁ ହିତାଧିକାରୀ ତାଙ୍କର କିଛି ପେଠ କରି ନ ଥିବାବେଳେ ଆଉ କିଛି ପଟ୍ଟାଧାରୀଙ୍କୁ ଆବାସ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିପାରିନାହିଁ । ତଥାପି ଆର୍‌ଏମ୍‌ସି ପକ୍ଷରୁ ବହୁ ହିତାଧିକାରୀଙ୍କୁ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ଯେଉଁମାନେ ଏହି ଭୂମି ପ୍ରମାଣପତ୍ର ପାଇଛନ୍ତି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଅନୁମତି ଆସିନାହିଁ । ଅନୁମତି ଆସିଲେ ଆର୍‌ଏମ୍‌ସି ଏଥିପ୍ରତି ଉଚିତ ପଦକ୍ଷେପ ନେବ ବୋଲି ନାୟକ କହିଥିଲେ ।

# ବଢୁଛି ଚୋରି, ମାମଲା ରୁଜୁକରି ପୋଲିସ ଚୁପ୍

**ଝାରସୁଗୁଡ଼ା,୩୧।୭(ଆଶିଷ ରଞ୍ଜନ ଦାଶ)**

**ଝାରସୁଗୁଡ଼ା ଟାଉନ୍ ଥାନା**




■ଅଭିଯୁକ୍ତଙ୍କ ପତ୍ତା ପାଉନି

■ଚୋରି ସାମଗ୍ରୀ ଜବତ କରିବାରେ ବିଫଳ

ଝାରସୁଗୁଡ଼ା ଟାଉନ୍ ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ଦେଢ ମାସ ମଧ୍ୟରେ ଏକାଧିକ ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦିନଦିପହରରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଅତି ସହଜରେ ଚୋରି କରି ଫେରାର ହୋଇଯାଉଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ କେବଳ ମାମଲା ରୁଜୁକରି ଚୁପ୍ ବସୁଛି। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରୁନାହିଁ। ଏପରି କି ଚୋରି ସାମଗ୍ରୀ ମଧ୍ୟ ଜବତ କରିପାରୁନାହିଁ। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସାମାନ୍ୟ ଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରୁ ନ ଥିବାବେଳେ ବଡ଼ ଅପରାଧକୁ କିପରି ରୋକିବ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁନ୍ ୧୮ ତାରିଖ ରାତିରେ ଟାଉନ୍ ଥାନାଠାରୁ ପ୍ରାୟ ୫୦ ମିଟର ଦୂର ରାଧାକୃଷ୍ଣ ମନ୍ଦିର ସମ୍ମୁଖରୁ ଏକ ସ୍କୁଟି ଚୋରି ହୋଇଥିଲା। ଏନେଇ ସ୍କୁଟି ମାଲିକ ବିଷ୍ଣୁ କୁମାର ଜଲାନ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ହେଲେ ଏପର୍ଯ୍ୟନ୍ତ ଚୋରି ସ୍କୁଟି ଜବତ କରିପାରି ନ ଥିବାବେଳେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିପାରି ନାହିଁ। ସେହିପରି ଜୁନ୍ ୨୩ ତାରିଖରେ ଏହି ଥାନା ଅଧୀନ ମିଶ୍ର ଟକିଜ୍ ଛକରୁ ଏକ ଅଟୋ ଚୋରି ହୋଇଥିଲା। ମାରୱାଡିପଡ଼ାର ଚନ୍ଦ୍ରଶେଖର ଶର୍ମା ଉକ୍ତ ଛକରେ ଅଟୋ ରଖି ଘରକୁ ଯାଇଥିଲେ। ଫେରିବା ପରେ ଅଟୋ ଚୋରି ହୋଇଥିବା ଦେଖିଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ହେଲେ ଏପର୍ଯ୍ୟନ୍ତ ପୋଲିସ ଚୋରି ଅଟୋକୁ ଜବତ କରିପାରି ନ ଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଜୁଲାଇ ୩ ତାରିଖ ବିଳମ୍ବିତ ରାତିରେ ଝାରସୁଗୁଡ଼ାସ୍ଥିତ ମଙ୍ଗଳବଜାର ଛକରେ ଥିବା ୩ଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଦୋକାନ ମାଲିକମାନେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରୁଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଫେଲ୍ ମାରିଛି। ଜୁଲାଇ ୨୭ରେ ସ୍ଥାନୀୟ ଝଣ୍ଡା ଛକରୁ ଏକ ବାଇକ୍ ଚୋରି ହୋଇଥିଲା। ଏନେଇ ବାଇକ୍ ମାଲିକ ସୁମନ ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନାହିଁ। ଗତ ୨୯ ତାରିଖରେ ଏହି ଥାନା ଅଧୀନ ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡ଼ୋଶୀ ଗୋପାଳ ଲୋଧା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଟେର୍ ପାଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଏନେଇ ଥାନାଧିକାରୀ ରଞ୍ଜନ ବରିହାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ଏସ୍‌ଡିପିଓ ଉମାଶଙ୍କର ସିଂ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

# ୟୁନିଫାଏଡ୍ ଅଟୋମେଶନ ସିଷ୍ଟମକୁ ବିରୋଧ



ଡିଇଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟ।

**ଦେବଗଡ଼,୩୧।୭(ଶଶାଙ୍କ ଶେଖର ଝାଙ୍କର)**

ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ(ୟୁଏଏସ୍)କୁ ବିରୋଧ କରି ଦେବଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଗୁରୁବାର ଏକ ସ୍ମାରକପତ୍ର ଦିଆଯାଇଛି। ସଂଘ ସଭାପତି ତ୍ରିନାଥ ଖୁଣ୍ଟିଆଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ସାକ୍ଷାତକରି ପତ୍ର ପ୍ରଦାନ କରିଛନ୍ତି। ୟୁଏଏସ୍ ନିମନ୍ତେ ଦେବଗଡ଼ ଜିଲାରେ ଆବଶ୍ୟକ ଭିତ୍ତିଭୂମି ନ ଥିବାବେଳେ ଏଥିପାଇଁ ସରକାର ସିମ୍‌କାର୍ଡ ଏବଂ ଇଣ୍ଟରନେଟ୍ ପ୍ୟାକ୍‌ର ବ୍ୟବସ୍ଥା କରିନାହାନ୍ତି। ଏଣୁ ଦେବଗଡ଼ ଜିଲାର ଶିକ୍ଷକମାନେ ଏହି ବ୍ୟବସ୍ଥାର ଦୃଢ ବିରୋଧ କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରଞ୍ଜନ ମିର୍ଦ୍ଧା, ଶରତ ନାୟକ, ଗୋବର୍ଦ୍ଧନ ବିଶ୍ୱାଳ, ଫଗୁ ପାତ୍ର, ଜନ୍ ଜୋଶେଫ ମିଞ୍ଜ, ମେଘନାଦ ରଣଜିତ୍ ଓ ସଦସ୍ୟା ନିବେଦିତା ପ୍ରଧାନଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

# ଅଭିଭାବକ-ଶିକ୍ଷକ ବୈଠକ

**ସମ୍ବଲପୁର,୩୧।୭(ବି.ଶଙ୍କର)**

ବୁର୍ଲା ଉଚ୍ଚବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କରନ ଶର୍ମାଙ୍କ ପରାମର୍ଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥଙ୍କ ଅଧ୍ୟକ୍ଷତା କରିଥିଲେ। ଆମସ୍କୁଲ ଯିବା ଅଭିଯାନ, ମା' ପାଇଁ ଗଛଟିଏ, ଶିଶୁ ମାନଙ୍କର ଯତ୍ନ, ବିଦ୍ୟାଳୟ ପରିବେଶ ସଫା ସୁତୁରା ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧର୍ମେନ୍ଦ୍ର ସାହୁ, ଆଲୁମ୍‌ନିର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକ, ଶିକ୍ଷୟିତ୍ରୀ ସତ୍ୟଭାମା ସାହୁ, ନମିତା ଆଚାର୍ଯ୍ୟ, ସବିତା ସାହୁ, ଅଭିଭାବକ/ଅଭିଭାବିକା, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ଅଭିଭାବକମାନେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ସର୍ବଦା କିପରି ଯତ୍ନବାନ ହେବେ ଏବଂ ସେମାନଙ୍କ ଦୃଷ୍ଟିରେ ବିଦ୍ୟାଳୟ ଆସୁ ନ ଥିବା ଛାତ୍ରୀଛାତ୍ରୀଙ୍କୁ ଚିହ୍ନଟ କରି ନାମ ଲେଖାଇବା ବ୍ୟବସ୍ଥା କିପରି କରିବେ ସେ ଦିଗରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସହକାରୀ ଶିକ୍ଷକ ଦାମୋଦର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାସ୍ତରୀୟ ବୃତ୍ତିଗତ ପରାମର୍ଶ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି ଓ ତାଲିମଦାତା।

**ଦେବଗଡ଼,୩୧।୭(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ପଲିଟେକ୍ନିକ କଲେଜ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବୃତ୍ତିଗତ ପରାମର୍ଶ କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି । ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ବିଭିନ୍ନ ବ୍ଲକ ଓ ସଦର ମହକୁମାରୁ ୨୦୦ରୁ ଊର୍ଦ୍ଧ୍ୱ ମାଟ୍ରିକ୍ ଓ ଯୁକ୍ତ୨ ପାସ୍ କରିଥିବା ମାତୃପିତୃହୀନ ଏବଂ ଏକକ ଅଭିଭାବକ ଥିବା ଛାତ୍ରୀଛାତ୍ର ଯୋଗଦେଇଥିଲେ। ଠିକ୍ ଅନୁଷ୍ଠାନ ଓ ପାଠ୍ୟକ୍ରମ ଚୟନ ପାଇଁ ପିଲାଙ୍କ ଦକ୍ଷତା ବୃଦ୍ଧି ଏବଂ ଦିଗ୍‌ଦର୍ଶନ ନିମନ୍ତେ ଏହି କର୍ମଶାଳାରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହୋଟେଲ ମ୍ୟାନେଜମେଣ୍ଟରୁ କଳ୍ପନା ଜେନା, ମଧୁସ୍ମିତା ସାହୁ, ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତାକେନ୍ଦ୍ରରୁ ଚିନ୍ମୟ ମିଶ୍ର, ସୁକାନ୍ତ ପ୍ରଧାନ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାମଲ, ମାନସ ରଞ୍ଜନ ମହନ୍ତ, ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ସରସ୍ୱତୀ କୁମୁରା, ଓର୍‌ମାସ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଇନୋଉଷ୍ଟ ଟେକ୍‌ସଲ୍ୟୁସନର ଶଶିକାନ୍ତ ସାହୁ, ଜିଲା ନିୟୋଜନ କାର୍ଯ୍ୟାଳୟର ଅଭିନାଶ ପୁରୀ, ପଲିଟେକ୍ନିକ କଲେଜ ଅଧ୍ୟକ୍ଷ ବସନ୍ତ ଘଣ୍ଟାୟତ, ଦେବାଶିଷ ବ୍ରହ୍ମା ପ୍ରମୁଖ ଅତିଥି ଓ ତାଲିମଦାତା ଭାବେ ଯୋଗଦେଇଥିଲେ। କୋଭିଡ୍ ମହାମାରୀରେ ମାତାପିତାଙ୍କୁ ହରେଇ ଥିବା ପିଲାମାନଙ୍କୁ ଏହି କର୍ମଶାଳାରେ ଅଂଶଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡକାଯାଇଥିଲା। ବିଭାଗୀୟ ଅଧିକାରୀ ଦେବରଞ୍ଜନ ପ୍ରଧାନ, ଲିପନ ବଣିବୃଳ, ଗଗନ ବିହାରୀ ବିଶ୍ୱାଳ, ଦୀପକ ପାତ୍ର, ତପସ୍ୱିନୀ ମହାକୁଳ, ସୂର୍ଯ୍ୟକାନ୍ତି ଭମସାଗର ଓ ସୁଜିତ୍ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋଲାବିରା/କିର୍ମିରା,୩୧।୭(ଚିନ୍ମୟ କୁମାର ବହିଦାର/ ସୁରେଶ ଜୟପୁରିଆ)**

କୋଲାବିରା ବ୍ଲକ ଅଧୀନ କେ. ଜାମମାଲ ସରକାରୀ ଉ.ପ୍ରା. ବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହୃଦାନନ୍ଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରୁ ଅବସର ନେଉଥିବା ସହକାରୀ ଶିକ୍ଷୟିତ୍ରୀ ହୃଦେଶ୍ୱରୀ ପଟେଲଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରିଥିଲେ। ପଟେଲ ଦୀର୍ଘ ୨୮ ବର୍ଷ ଧରି ଶିକ୍ଷକତା କରି ଚାକିରିରୁ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ଏମ୍‌ସି ସଭାପତି ଟିକେଶ୍ୱର ଭୂୟାଁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ତପନ କରାଳୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଲଳିନ୍ଦ୍ର ଗୋଖରା, ସଭାପତି ଅଶୋକ କୁମାର ସାହୁ ଯୋଗଦେଇଥିଲେ। ଶିକ୍ଷକ ସୁବୋଧ ସାହୁ, ଲିଙ୍ଗନ ନାଏକ, ଯୋଗେଶ୍ୱର ସେନାପତି, ବିଶ୍ୱଜିତ୍ ଚୌଧୁରୀ, ଭୋଜରାଜ ପଟେଲ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସୁରେଶ ସାହୁ ଧନ୍ୟବାଦ ଦେଇଥିଲେ।

କିର୍ମିରା ବ୍ଲକ ବନ୍ଧପାଳି ପଞ୍ଚାୟତ ଅଧୀନ ସିଆଲରମା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ଗିରିଧାରୀ ପଟେଲଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ଚାନ୍ଦ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବାଗ ମୁଖ୍ୟ ଅତିଥି , ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟେଲ, ସାମାଜିକ କର୍ମୀ ମେହବୁବ ମହତାବ, କୁଞ୍ଜବିହାରୀ ପଟେଲ, ଅଧ୍ୟାପକ ଭରତ ଭୋଇ ଯୋଗଦେଇଥିଲେ। ତେଲିଡିହି ସ୍କୁଲ ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ପଟେଲ, ସାରସପାଳି ସ୍କୁଲ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜଗତ, ବୀଣାପାଣି ଜେନା, ବିଳାସିନୀ ଦଣ୍ଡପାଟ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଟେଲଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁନୀଲ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍କୁଲ କମିଟି ସଭାପତି ପ୍ରଶ୍ନ କୁମାର ନାଗ, ପଦ୍ମଲୋଚନ ବୁଡୁଲା, ଶିକ୍ଷକ ସୁରେନ୍ଦ୍ର କୁମାର ପଟେଲ, ଶିକ୍ଷୟିତ୍ରୀ ଆରତୀ ପଟେଲ, ପଦ୍ମିନୀ ଅଡା, ନିରୁପମା ପ୍ରଧାନ ସହଯୋଗ କରିଥିଲେ।

# ଆଧାରକାର୍ଡ ପଞ୍ଜୀକରଣ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୩୧।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଓ ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗୁରୁବାର ନିଃସହାୟ ଶିଶୁଙ୍କ ଆଧାରକାର୍ଡ ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚିବ ଆଲୋକମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫ ଜଣ ଶିଶୁଙ୍କ ଆଧାରକାର୍ଡ ପଞ୍ଜୀକରଣ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲାରେ ଆଧାର କାର୍ଡ ନ ଥିବା ନିଃସହାୟ ଶିଶୁଙ୍କୁ ଚିହ୍ନଟ କରିବା ପାଇଁ ଏକ ସର୍ଭେ ଅଭିଯାନ ୨୬।୫।୨୦୨୫ରୁ ୨୬।୬।୨୦୨୫ ପର୍ଯ୍ୟନ୍ତ ଚାଲିଥିଲା। ଚିହ୍ନଟ ହୋଇଥିବା ଶିଶୁଙ୍କ ପଞ୍ଜୀକରଣ ପାଇଁ ଆବଶ୍ୟକ ଥିବା ଡକ୍ୟୁମେଣ୍ଟ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିଆରି କରାଯାଇଥିଲା। ଏହି ପଞ୍ଜୀକରଣ ଶିବିରକୁ ସଫଳ କରିବା ପାଇଁ ଜିଲା ଇ-ଗଭର୍ନାନ୍ସ ପ୍ରବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।




କାର୍ଯ୍ୟକ୍ରମରେ ଶିଶୁଙ୍କ ଆଧାରକାର୍ଡ ପଞ୍ଜୀକରଣ କରାଯାଉଛି।

# ଚାଷୀ ପଞ୍ଜୀକରଣ ନିୟମ କୋହଳ ଦାବି

**ଝାରସୁଗୁଡ଼ା,୩୧।୭(ଆଶିଷ ରଞ୍ଜନ ଦାଶ)**

■ଅବଧି ବୃଦ୍ଧି କରାଯାଉ

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା ଜିଲାରେ ଚାଷୀମାନଙ୍କ ପଞ୍ଜୀକରଣରେ କୋହଳ ଏବଂ ଅବଧି ବଢ଼ାଇବା ପାଇଁ ଜିଲା କୃଷକ ସଙ୍ଗଠନ ଦାବି କରିଛି। ଏନେଇ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ନିର୍ଦ୍ଦେଶକୁ ଜିଲା କୃଷକ ସଙ୍ଗଠନ ବିରୋଧ କରିଛି। ମୁଖ୍ୟମନ୍ତ୍ରୀ ଏହାର ପୁନଃ ବିଚାର ପାଇଁ ସେମାନେ ଦାବି କରିଛନ୍ତି। ନକଲି ଚାଷୀ ଓ ଦଲାଲଙ୍କୁ ରୋକିବାକୁ ରାଜ୍ୟ ସରକାର ଇ-କେୱାଇସି ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କ ପାଇଁ ବ୍ୟବସ୍ଥା ସରଳୀକରଣ ହୋଇଛି ବୋଲି ମନ୍ତ୍ରୀ ପାତ୍ର କହିଥିବାବେଳେ ଏହି ପ୍ରକ୍ରିୟା କୃଷକଙ୍କ ପଞ୍ଜୀକରଣ ନିମନ୍ତେ ବହୁ ଅସୁବିଧା ସୃଷ୍ଟି କରୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ନିଜ ନାମରେ ଜମି ନ ଥିଲେ ପଞ୍ଜୀକରଣରୁ ଚାଷୀ ବଞ୍ଚିତ ହେବେ। ପଞ୍ଜିକରଣ ପାଇଁ ଲିଗାଲ ହେୟାର୍ ସାର୍ଟିଫିକେଟ ସହ ଭାଇମାନଙ୍କ ସ୍ୱୀକାରୋକ୍ତି ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବାରୁ ଅନେକ ଚାଷୀ ହଇରାଣ ହେଉଛନ୍ତି। ନୂଆ ନିୟମ ଅନୁସାରେ ମିଳିତ ପଟ୍ଟାରେ ଅଂଶୀଦାରମାନଙ୍କୁ ବ୍ୟକ୍ତିଗତ ଭାବେ ସମବାୟ ସମିତି କାର୍ଯ୍ୟାଳୟରେ ହାଜର ହୋଇ ସେଲ୍ଫ ଡିକ୍ଲାରେସନ ଦେବାକୁ ବାଧ୍ୟ। ତେଣୁ ଏସବୁ ନିୟମ ଉପରେ ସରକାର କୋହଳ କରିବା ଏବଂ ପଞ୍ଜୀକରଣ ସମୟକୁ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାପାଳଙ୍କୁ ଦାବିପତ୍ର ଦେବାବେଳେ ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଢେଇ, ସମ୍ପାଦକ ସୁରେନ୍ଦ୍ର ସାହୁ, ବିରଞ୍ଚି ସାହୁଙ୍କ ସମେତ ବିଭିନ୍ନ ବ୍ଲକର ଚାଷୀନେତା ଉପସ୍ଥିତ ଥିଲେ।

# ଅଗଷ୍ଟରେ ଯୁଗ୍ମ ଜନଶୁଣାଣି ପାଇଁ ତାରିଖ ଧାର୍ଯ୍ୟ

**ଝାରସୁଗୁଡ଼ା,୩୧।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାରେ ଅଗଷ୍ଟ ମାସରେ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଅଗଷ୍ଟ ୪ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହେବ। ସେହିପରି ୧୧ରେ କିର୍ମିରା ବ୍ଲକ କାର୍ଯ୍ୟାଳୟ ସଭାଗୃହ, ୧୮ରେ ବ୍ରଜରାଜନଗର ପୌର ପରିଷଦ ସଭାଗୃହ, ୨୫ ତାରିଖ ପୂର୍ବାହ୍ନ ୧୦ଟାରେ ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶିବିର ଅନୁଷ୍ଠିତ ହେବ। ଜନସାଧାରଣ ଉପରୋକ୍ତ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଦାଖଲ କରିପାରିବେ। ଶିବିର ସମ୍ପର୍କରେ ଜନସାଧାରଣଙ୍କୁ ସୂଚିତ କରିବା ଦିଗରେ ଆନୁଷଙ୍ଗିକ ପଦକ୍ଷେପ ନେବାକୁ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲା କାର୍ଯ୍ୟାଳୟ ପକ୍ଷରୁ ଜଣାଇ ଦିଆଯାଇଛି।

# ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୁଦୃଢ଼ ହେଉ

**ଦେବଗଡ଼,୩୧।୭(ଶଶାଙ୍କ ଶେଖର ଝାଙ୍କର)**

**ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ**

ଦେବଗଡ଼ସ୍ଥିତ ଜିଲା ଶିକ୍ଷା ଓ ପ୍ରତିଷ୍ଠାନରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ପାଇଁ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବରିଷ୍ଠ ପ୍ରଶିକ୍ଷକ ଗୁରୁ ଚରଣ ବୋଦ୍ରା, ମନ୍ଦାକିନୀ ଟୁଡୁ ଭାଷା ଓ ସଂଖ୍ୟାଜ୍ଞାନ ପାଇଁ ଶ୍ରେଣୀ ପରିଚାଳନା, ନମୁନା ପାଠ ଟୀକା, ଶିକ୍ଷକଙ୍କ ଗତିବିଧି, ସିଆର୍‌ସିସିମାନଙ୍କ ଦ୍ୱାରା ପାଠଟୀକା ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ବୈଠକର ମଧ୍ୟଭାଗରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା ଉପସ୍ଥିତ ରହି ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ଶିଶୁହାର ହ୍ରାସ ସହ ସମସ୍ତଙ୍କୁ ନାମ ଲେଖାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ପାର୍ଥିବୀ ପ୍ରିୟଦର୍ଶିନୀ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ, ଜିଲା ଯୋଜନା ସଂଯୋଜକ ତପନ କୁମାର ସାହୁ ଯୋଗଦେଇ ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ବାତାବରଣ ସୁଦୃଢ଼ୀକରଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲାର ୫୦ ଜଣ ସିଆର୍‌ସିସି ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# କୋଲ୍ କରିଡରରେ ପାଉଁଶ ଡମ୍ପିଂ ବନ୍ଦ କରାଯାଉ

**ଝାରସୁଗୁଡ଼ା/ବେଲପାହାଡ଼, ୩୧।୭ (ଆଶିଷ ରଞ୍ଜନ ଦାଶ/ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ନିକଟ କୋଲ୍ କରିଡର ନିର୍ମାଣାଧୀନ ରାସ୍ତାରେ ପାଉଁଶ ଡମ୍ପିଂ କାର୍ଯ୍ୟ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସେମାନେ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପ୍ରଦୂଷଣ ବିଭାଗର ଅନୁମତି କିମ୍ବା ସ୍ଥାନୀୟ ଚାଷୀ ଓ ଲୋକଙ୍କ ମତାମତ ନିଆ ନ ଯାଇ ଉକ୍ତ ରାସ୍ତାରେ ପାଉଁଶ ଡମ୍ପିଂ କରାଯାଉଛି। ଉକ୍ତ ରାସ୍ତାପାର୍ଶ୍ୱରେ ଚାଷଜମି, ପୋଖରୀ ଓ ନାଳ ରହିଛି। ବର୍ଷା ହେଲେ ଉକ୍ତ ପାଉଁଶ ଧୋଇଯାଇ ଚାଷଜମି ଓ ପୋଖରୀରେ ମିଶୁଛି।



ଜିଲାପାଳଙ୍କୁ ବେଲପାହାଡ଼ ଅଞ୍ଚଳବାସୀ ଦାବିପତ୍ର ଦେଉଛନ୍ତି।

**ଜିଲାପାଳଙ୍କୁ ଦାବିପତ୍ର**

ଏହାଦ୍ୱାରା ଚାଷଜମି କ୍ଷତିଗ୍ରସ୍ତ ହେବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ଏଥିସହ ଯାତାୟାତରେ ସମସ୍ୟା ହେଉଛି। ତେଣୁ ଏହି ନିର୍ମାଣାଧୀନ ରାସ୍ତାରେ ପାଉଁଶ ଡମ୍ପିଂକୁ ଦଳମତ ନିର୍ବିଶେଷରେ ସ୍ଥାନୀୟ ନେତୃବୃନ୍ଦ, ଚାଷୀ, ବାସିନ୍ଦା ଓ ବ୍ୟବସାୟୀ ବିରୋଧ କରିଛନ୍ତି। ଏପରି କି ପାଉଁଶ ଡମ୍ପିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ଓଭାଲ ଟେଷ୍ଟରେ ବର୍ଷା ବାଧା

**ଲଣ୍ଡନ, ୩୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ମ୍ୟାଚ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ୩ ଉଇକେଟ ହରାଇ ୮୫ ରନ କରିଛି।

ଟସ୍ ଜିତି ଇଂଲଣ୍ଡର କାମଚଳା ଅଧିନାୟକ ଓଲି ପୋପ୍ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଗସ ଆଟକିନସନ। ପରେ ଲୋକେଶ ରାହୁଲଙ୍କୁ କ୍ରିସ୍ ୱୋକ୍ସ ଆଉଟ


ଉଇକେଟ ନେବାପରେ ଗସ୍ ଆଟକିନସନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କରିବାରୁ ୧୫.୧ ଓଭର ବେଳକୁ ଭାରତ ସ୍କୋର ୩୮/୨ ହୋଇ ଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ତୃତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଗିଲଙ୍କ ରନ୍‌ଆଉଟ ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ୨୮ତମ ଓଭର ବୋଲିଂ କରିଥିବା ଗସ୍ ଆଟକିନସନଙ୍କ ଦ୍ୱିତୀୟ ବଲ୍‌କୁ ଖେଳି ଗିଲ୍ ଏକ ସିଙ୍ଗଲ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ନିଜ ଫଲୋ ଥ୍ରୁରେ ଆଟକିନସନ ଫିଲ୍ଡିଂ କରି ଡାଇରେକ୍ଟ ଥ୍ରୋରେ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ଜୟସ୍ୱାଲ ୨, ରାହୁଲ ୧୪ ଓ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ।

୨୩ ଓଭରରେ ସ୍କୋର ୭୨/୨ ଥିବାବେଳେ ବର୍ଷା ଯୋଗୁ ପ୍ରଥମେ ଖେଳ ବନ୍ଦ ହୋଇଥିଲା। ସେହିପରି ୨୯ ଓଭରରେ ୩ ଉଇକେଟ ହରାଇ ଭାରତ ୮୫ ରନ କରିଥିବାବେଳେ ପୁଣି ବର୍ଷା ଯୋଗୁ ଖେଳକୁ ବନ୍ଦ ରଖିବାକୁ ପଡ଼ିଥିଲା। ସେତେବେଳେ ସାଇ ସୁଦର୍ଶନ ୨୮ ଓ କରୁଣ ନାୟାର କୌଣସି ରନ ନ କରି ଅପରାଜିତ ରହିଥିଲେ। ୧୯୭୮/୭୯ରେ ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ ଆସିଥିବାବେଳେ ୩୨୭୦ ରନ ସଂଗ୍ରହ ହୋଇଥିଲା। ଭାରତ ସାମିଲ ଥିବା କୌଣସି ଏକ ସିରିଜରେ ଏହା ସର୍ବାଧିକ ରନ ଥିଲା। ମାତ୍ର ଚଳିତ ଭାରତ-ଇଂଲଣ୍ଡ ସିରିଜରେ ଏହି ରେକର୍ଡ ଭାଙ୍ଗିଛି। ୩୨୭୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ ହୋଇଛି।

## ଗୋଟିଏ ସିରିଜରେ ଭାରତର ସର୍ବାଧିକ ସ୍କୋର

୩୨୭୧ରୁ ଊର୍ଦ୍ଧ୍ୱ (ଅସମାପ୍ତ): ଇଂଲଣ୍ଡ ଗସ୍ତରେ ଭାରତ, ୨୦୨୫
୩୨୭୦: ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ, ୧୯୭୮/୭୯
୩୨୩୦: ଭାରତ ଗସ୍ତରେ ଇଂଲଣ୍ଡ, ୨୦୧୬/୧୭
୩୧୪୦: ଭାରତ ଗସ୍ତରେ ଇଂଲଣ୍ଡ,୨୦୨୪
୩୧୧୯: ଭାରତ ଗସ୍ତରେ ଇଂଲଣ୍ଡ, ୧୯୬୩/୬୪

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଜବରଦସ୍ତ ଫର୍ମରେ ଥିବା ଶୁବମନ ଗିଲ୍ ଗୁରୁବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ଭାବେ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦି ଓଭାଲଠାରେ ଖେଳାଯାଉଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାତ୍ର ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିଯୋଗୁ ଚଳିତ ସିରିଜ୍‌ର ୯ଟି ଇନିଂସରେ ତାଙ୍କ ରନ୍ ସଂଖ୍ୟା ୭୪୩ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୧୯୭୮/୭୯ ସିରିଜ୍‌ରେ ୭୩୨ ରନ କରିଥିଲେ। ତେବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନଙ୍କ ନାମରେ ରହିଛି। ସେ ୧୯୩୬/୩୭ରେ ଏକ ଟେଷ୍ଟ ସିରିଜ୍‌ରେ ୮୧୦ ରନ କରିଥିଲେ। ଏହି ତାଲିକାରେ ଇଂଲଣ୍ଡର ଗ୍ରାହାମ ଗୁଚ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୧୯୯୦ରେ ୭୫୨ ରନ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆଉ ଏକ ଇନିଂସ ବାକି ଥିବାରୁ ଗିଲ୍‌ଙ୍କ ନିକଟରେ ଗୁଚଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

# ପ୍ଲିଜାଲିନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**


ପଦକ ସହ ପ୍ଲିଜାଲିନ ତରାଇ।

ଭିଏତ୍‌ନାମରେ ଅନୁଷ୍ଠିତ ୯ମ ଏସିଆନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ପ୍ଲିଜାଲିନ ତରାଇ। ଜୁଲାଇ ୨୪ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଏସୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିଦ୍ୱୟ ହେଲେ ପ୍ଲିଜାଲିନ ଓ ରଞ୍ଜିତ ନାୟକ। ପ୍ଲିଜାଲିନ ରୌପ୍ୟ ପଦକ ଆଣିଥିବା ବେଳେ ରଞ୍ଜିତ ନାୟକ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପଦକ ହାସଲ ପାଇଁ ପ୍ଲିଜାଲିନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ ଜୁନିୟର ମହିଳା ହକି ଆଜିଠାରୁ

**କାକିନାଡ଼ା, ୩୧।୭ (ପି.ଟି.)**

ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ କାକିନାଡ଼ାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ନୂତନ ଭାବେ ପ୍ରଚଳିତ ଡିଭିଜନଭିତ୍ତିକ ଫର୍ମାଟରେ ଖେଳାଯିବ। ଦଳଗୁଡ଼ିକୁ ୩ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। 'ଏ' ଓ 'ବି' ଡିଭିଜନରେ ଶେଷ ଦୁଇ ସ୍ଥାନ ଅଧିକାର କରିଥିବା ଦଳ ତଳକୁ ଖସି ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣରେ ଯଥାକ୍ରମେ 'ବି' ଓ 'ସି' ଗ୍ରୁପ୍‌ରେ ଖେଳିବେ। ଅନ୍ୟପକ୍ଷରେ 'ବି' ଓ 'ସି' ଡିଭିଜନର ଶ୍ରେଷ୍ଠ ଦୁଇ ଦଳ ଯଥାକ୍ରମେ 'ଏ' ଓ 'ବି' କ୍ଲଷ୍ଟରକୁ ପଦୋନ୍ନତି ପାଇବେ। ଡିଭିଜନ 'ଏ'ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ସ୍ଥାନ ପାଇଛନ୍ତି। ଏଥିରେ ଗତଥରର ପୁଲ 'ଏ' ଚାମ୍ପିୟନ ହକି ଝାଡ଼ଖଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ବି'ରେ ଗତବର୍ଷର ରନରଅପ୍ ହକି ମଧ୍ୟପ୍ରଦେଶ ପୁଲ୍ 'ବି' ଏବଂ ଦ୍ୱିତୀୟ ରନର-ଅପ୍ ହକି ହରିୟାଣା ପୁଲ'ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଡିଭିଜନ 'ବି' ଓ ଡିଭିଜନ 'ସି' ଜାତୀୟ ର୍‌ୟାଙ୍କିଙ୍ଗର ଶ୍ରେଷ୍ଠ ୧୨ ମଧ୍ୟରେ ନ ଥିବା ଦଳଗୁଡ଼ିକ ରହିଛନ୍ତି। ସେମାନେ ର୍‌ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଜାତୀୟ ସିନିୟର ଓ ଜାତୀୟ ସବ୍ ଜୁନିୟର ପରେ ନୂଆ ଫର୍ମାଟ ବର୍ତ୍ତମାନ ଜାତୀୟ ଜୁନିୟର ଟୁର୍ନାମେଣ୍ଟରେ ପ୍ରଚଳିତ ହେବାକୁ ଯାଉଛି। ଏଥରୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**ଡିଭିଜନ 'ଏ'**
ପୁଲ୍ 'ଏ': ହକି ଝାଡ଼ଖଣ୍ଡ, ଛତିଶଗଡ଼ ହକି, ହକି କର୍ନାଟକ।
ପୁଲ୍'ବି': ହକି ମଧ୍ୟପ୍ରଦେଶ, ହକି ପଞ୍ଜାବ, ହକି ଛତିଶଗଡ଼।
ପୁଲ୍ 'ସି': ହକି ହରିୟାଣା, ଉତ୍ତର ପ୍ରଦେଶ ହକି, ହକି ବେଙ୍ଗଲ।
ପୁଲ୍ 'ଡି': ହକି ଆସୋସିଏଶନ ଓଡ଼ିଶା, ହକି ମହାରାଷ୍ଟ୍ର, ହକି ଆନ୍ଧ୍ରପ୍ରଦେଶ।

**ଡିଭିଜନ 'ବି'**
ପୁଲ୍ 'ଏ': ମଣିପୁର ହକି, ପୁଡୁଚେରୀ ହକି, ହକି ଉତ୍ତରାଖଣ୍ଡ, କେରଳ ହକି, ଆସାମ ହକି।
ପୁଲ୍ 'ବି': ହକି ହିମାଚଳ, ଦିଲ୍ଲୀ, ହକି ୟୁନିଟ୍ ଅଫ୍ ତାମିଲନାଡୁ, ହକି ଅରୁଣାଚଳ, ହକି ଆସୋସିଶନ ଅଫ୍ ବିହାର।

**ଡିଭିଜନ 'ସି'**
ପୁଲ୍ 'ଏ': ଦାଦ୍ରା ଓ ନଗର ହାବେଲୀ ଏବଂ ଡାମନ ଡିଉ ହକି, ଜମ୍ମୁ କଶ୍ମୀର, ଗୋଆ ହକି, ତ୍ରିପୁରା।
ପୁଲ୍'ବି' : ହକି ଗୁଜରାଟ, ରାଜସ୍ଥାନ, ହକି ମିଜୋରାମ, ତେଲେଙ୍ଗାନା ହକି।

## ବୋଡୋଲାଣ୍ଡ ଏଫ୍‌ସିର ପ୍ରଥମ ବିଜୟ

**କୋକ୍ରାଝର, ୩୧।୭ (ପି.ଟି.):** ସ୍ଥାନୀୟ ଫୁଟ୍‌ବଲ ଦଳ ବୋଡୋଲାଣ୍ଡ ଏଫ୍‌ସି ଚଳିତ ୧୩୪ତମ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ସେମାନେ ନବାଗତ କର୍‌ବି ଆଙ୍ଗଲଙ୍ଗ ମର୍ନିଂଷ୍ଟାରକୁ ୨-୧ ଗୋଲରେ ପରାସ୍ତ କରିଛି। କର୍‌ବି ଆଙ୍ଗ୍‌ଲଙ୍ଗ୍ ମ୍ୟାଚର ପ୍ରଥମ ଗୋଲ୍ ନାଇଜେରିଆନ ଫରୱାର୍ଡ ଯୋଶେଫ୍ ମାୟୋୱା ଓଲାଲେ (୨୫ତମ ମିନିଟ)ଙ୍କ ଜରିଆରେ ସ୍କୋର କରିଥିଲେ। କିନ୍ତୁ ୩୯ତମ ମିନିଟରେ ଗଙ୍ଗମସାର୍ ଗେଆରିଙ୍କ ଗୋଲ୍‌ରେ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା ବୋଡୋଲାଣ୍ଡ। ସାଇ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ କଲମ୍ବିଆନ ଷ୍ଟ୍ରାଇକର ରବିନସନ (୬୦ତମ)ଙ୍କ ଗୋଲରେ ଦଳ ୨-୧ରେ ମ୍ୟାଚ ଜିତିବା ସହ ୩ ପଏଣ୍ଟ ଅର୍ଜନ କରିପାରିଛି।


ଚାଇନାରେ ଅନୁଷ୍ଠିତ ୧୨ଶ ଏସିଆନ୍ ଜୁନିୟର ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ଶ୍ୱେତାରାଣୀ ମହନ୍ତ (ବାମ) ୪୮ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ସିଟ୍‌ସିପାସଙ୍କ କୋଚିଂ ଟିମ୍‌ରେ ବାପା ଆପୋଷ୍ଟୋଲସ

**ଏଥେନ୍ସ,୩୧।୭**

ପୂର୍ବତନ ୱାର୍ଲ୍ଡ ନଂ-୩ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଷ୍ଟେଫାନସ ସିଟ୍‌ସିପାସ ତାଙ୍କ କୋଚିଂ ଟିମରେ ବାପା ଆପୋଷ୍ଟୋଲସଙ୍କୁ ସାମିଲ କରିଛନ୍ତି। ଏ ନେଇ ସିଟ୍‌ସିପାସ ଗୁରୁବାର ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ଗ୍ରୀସ ଖେଳାଳି କୋଚ୍ ଗୋରାନ ଇଭାନିସେଭିକ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଇଭାନିସେଭିକ୍ ପୂର୍ବରୁ ସର୍ବିଆର କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ଇଭାନିସେଭିକ୍ କୋଚ୍ ଥିବା ବେଳେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

୨୦୨୧ ଫ୍ରେଞ୍ଚ ଓପନ ଓ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ସିଟ୍‌ସିପାସ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥିଯୋଗୁ ୱାର୍ଲ୍ଡ ର୍‌ୟାଙ୍କିଙ୍ଗରେ ତାଙ୍କ ମାନ୍ୟତା ୩୦ତମ ସ୍ଥାନକୁ ଖସି ଆସିଛି। ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ସିଟ୍‌ସିପାସଙ୍କ ପରାଜୟ ପରେ କୋଚ୍ ଇଭାନିସେଭିକ୍ କହିଥିଲେ ଯେ, ବିନା ପ୍ରସ୍ତୁତିରେ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ମୁଁ କଦାପି ଦେଖି ନାହିଁ। ସିଟ୍‌ସିପାସ ଚଳିତ ବର୍ଷ ଫେବୃଆରୀରେ ଦୁବାଇରେ ଟାଇଟଲ ହାତେଇଥିଲେ, ଯାହାକି ଚଳିତବର୍ଷ ତାଙ୍କର ଏକମାତ୍ର ଫାଇନାଲ ଥିଲା।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚିରାଗ ଆରୋରାଙ୍କୁ ଭେଟିବେ ସୁବ୍ରତ ଦାସ। ତୃତୀୟ କ୍ୱାର୍ଟର ଫାଇନାଲ ଆକାଶ ମହାପାତ୍ର ଓ ଆଶୁତୋଷ ପାଢ଼ୀ ଏବଂ ଚତୁର୍ଥ କ୍ୱାର୍ଟର ସିଦ୍ଧାର୍ଥ ସେନ୍ ଓ ଅବିନାଶ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

ଗୁରୁବାର ଅବଶିଷ୍ଟ ୩ଟି ଲିଗ୍ ମ୍ୟାଚ ପରେ ପ୍ରି-କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଥିଲା। ଏହି ୩ଟି ଯାକ ମ୍ୟାଚରେ ଆଶୁତୋଷ ପାଢ଼ୀ ଯଥାକ୍ରମେ ୩-୦ରେ ଅସିତ ଚୌଧୁରୀ, ୩-୧ରେ ସତ୍ୟଦୀପ ଦାସ ଓ ୩-୦ରେ ବରୁନ ପୂର୍ବାଙ୍କୁ ପରାସ୍ତ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅଲତାଫ ଅଲୀଙ୍କୁ ୪-୦ରେ ସିଦ୍ଧାର୍ଥ ସେନ୍, ବରୁନ ପୂର୍ବାଙ୍କୁ ୪-୦ରେ ରାକେଶ ରୋଶନ ପ୍ରଧାନ, ନିଶାନ୍ତ ବିଶ୍ୱାଳଙ୍କୁ ୪-୩ରେ କୁନାଲ ଅଗ୍ରୱାଲ, ଚେତନ ଆନନ୍ଦଙ୍କୁ ୪-୦ରେ ଅବିନାଶ ମହାପାତ୍ର, ଶାରଦା ବେହେରାଙ୍କୁ ୪-୦ରେ ଆକାଶ ମହାପାତ୍ର, ଜ୍ଞାନ ଦାସଙ୍କୁ ୪-୨ରେ ସୁବ୍ରତ ଦାସ ଓ ରଞ୍ଜିତ ପତିଙ୍କୁ ୪-୦ (ଅନ୍ତିମ ଫ୍ରେମ୍‌ରେ ୬୫ ବ୍ରେକ୍)ରେ ଆଶୁତୋଷ ପାଢ଼ୀ ଓ ସୁଦୀପ୍ତ ଦାଶଙ୍କୁ ୪-୨ରେ ଚିରାଗ ଆରୋରା ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶାନ୍ତ ବିଶ୍ୱାଳ ଓ କୁନାଲ ଅଗ୍ରୱାଲଙ୍କ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ସୁବ୍ରତ ଦାସଙ୍କୁ ଟକ୍କର ଦେଇଥିଲେ ଜ୍ଞାନ ଦାସ।



ଶଟ୍ ଖେଳିବା ଅବସରରେ ଆଶୁତୋଷ ପାଢ଼ୀ।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍

**ମୁମ୍ବାଇ, ୩୧।୭ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଖେଳାଯିବ। ଏହା ୪ଟି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ବିଶାଖାପାଟଣାସ୍ଥିତ ରାଜୀବଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ନୂଆ ଜିନର ଉଦ୍‌ଘାଟନୀ ଖେଳାଯିବ। ପ୍ରଥମ ଦିବସର ଗୋଟିଏ ମ୍ୟାଚ ତେଲୁଗୁ ଟାଇଟନ୍ସ ବନାମ ତାମିଲ ଥଲାଇଭାସ ମଧ୍ୟରେ ଅନ୍ୟଟି ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଉପକୂଳ ସହର ବିଶାଖାପାଟଣାକୁ ୭ ବର୍ଷ ପରେ ପିକେଏଲ୍ ଫେରିଛି। ଆନ୍ଧ୍ର ପ୍ରଦେଶରେ ଏହା ପୂର୍ବରୁ ୬ ବର୍ଷ ତଳେ ପିକେଏଲ୍ ମ୍ୟାଚ ଖେଳାଯାଇଥିଲା। ପିକେଏଲ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୨ରୁ ସାୱାଇ ମାନ୍‌ସିଂ ଷ୍ଟାଡିୟମସ୍ଥିତ ଜୟପୁର ଇନ୍‌ଡୋର ହଲ୍‌ରେ ଖେଳାଯିବ।

## ସିଙ୍ଗଲ୍ସ ଟେନିସ୍‌ରୁ ବୌଚାର୍ଡଙ୍କ ଅବସର

**ମଣ୍ଟ୍ରିଲ,୩୧।୭**

କାନାଡାର ପ୍ରଫେଶନାଲ ମହିଳା ଟେନିସ ଖେଳାଳି ୟୁଜିନ ବୌଚାର୍ଡ ଗୁରୁବାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ସିଙ୍ଗଲ୍ସ କ୍ୟାରିୟରରୁ ଅବସର ଘୋଷଣା କରିଛନ୍ତି। ପୂର୍ବତନ ୱିମ୍ବଲଡନ ରନରଅପ୍ ବୌଚାର୍ଡ ତାଙ୍କ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ୨-୬, ୬-୩, ୪-୬ ସେଟ୍‌ରେ ସୁଇଜରଲାଣ୍ଡର ବେଲିନ୍ଦା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୧ ବର୍ଷୀୟା ବୌଚାର୍ଡ ଏକଦା ୱାର୍ଲ୍ଡ ନଂ-୫ ର୍‌ୟାଙ୍କ ହାସଲ କରିଥିଲେ। ଟପ୍-୫ ର୍‌ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇବାରେ ଓ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିବାରେ ସେ ତାଙ୍କ ଦେଶର ପ୍ରଥମ ମହିଳା ଥିଲେ। ଚଳିତ ନ୍ୟାଶନାଲ ବ୍ୟାଙ୍କ ଓପନ ତାଙ୍କ ସିଙ୍ଗଲ୍ସ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ପୂର୍ବରୁ ଘୋଷଣା କରିଥିଲେ। ବେନକିକ୍‌ଙ୍କଠାରୁ ପରାସ୍ତ ହେବା ପରେ ଲୁହ ଭରା ଆଖିରେ ବୌଚାର୍ଡ କହିଥିଲେ, କ୍ୟାରିୟର ଯେଉଁଠାରେ ଆରମ୍ଭ କରିଥିଲି, ସେଠାରେ ଅନ୍ତିମ ମ୍ୟାଚ୍ ଖେଳିବା ଖୁବ ସ୍ୱତନ୍ତ୍ର ଅନୁଭୂତି। ମୋର ମନେ ଅଛି, ମୁଁ ଛୋଟ ଥିଲା ବେଳେ ଏହି ଷ୍ଟାଣ୍ଡ୍‌ରେ ବସି ଦିନେ ଏଠାରେ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ଚକ୍ର ଭଳି ଅନୁଭବ ହେଉଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ